


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୩୧ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 31 OCTOBER 2021
Vol.No. 32 ■ No. 277 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ପୋପ୍ ଫ୍ରାନ୍ସିସଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦୀ

### ଭାରତ ଆସିବାକୁ ଦେଲେ ନିମନ୍ତ୍ରଣ



ନୂଆଦିଲ୍ଲୀ,୩୦/୧୦: ଇଟାଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଶନିବାର ଭାଟିକାନ ସିଟିରେ ପହଁଚି ପୋପ ଫ୍ରାନ୍ସିସ୍‌ଙ୍କୁ ଭେଟିଛନ୍ତି ପ୍ରଧନମନ୍ତ୍ରୀ । ଏହି ଅବସରରେ ପୋପ୍‌ଙ୍କୁ ଭେଟି ଭାରତ ଆସିବାକୁ ନିମନ୍ତ୍ରଣ ମଧ କରିଛନ୍ତି ମୋଦୀ । ଇଟାଲୀରେ ଅନୁଷ୍ଠିତ ହୋଇଥିବା ଜି-ଟ୍ୱେଂଟି ସମ୍ମିଳନୀରେ ମଧ ସାମିଲ୍ ହୋଇଛନ୍ତି । ତିନି ଦିନିଆ ଇଟାଲୀ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଜି-ଟ୍ୱେଂଟି ସମ୍ମିଳନୀରେ ଯୋଗ ଦେବାକୁ ଯାଇଥିବା ପ୍ରଧାନମନ୍ତ୍ରୀ ଶନିବାର ଭାଟିକାନ ସିଟିରେ ପହଁଚି ଖ୍ରୀଷ୍ଟଧର୍ମର ସର୍ବୋଚ୍ଚ ଧର୍ମଗୁରୁ ପୋପ ଫ୍ରାନସିସଙ୍କୁ ଭେଟିଛନ୍ତି । ୧ ଘଂଟାର ସାକ୍ଷାତକାରରେ ପୋପଙ୍କ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ମୋଦୀ । ଏହାସହ ପୋପ୍‌ଙ୍କୁ ଭାରତ ଆସିବାକୁ ଆମନ୍ତ୍ରଣ ମଧ କରିଛନ୍ତି । କୋଭିଡ ମହାମାରୀ, ଜଳବାୟୁ ପରିବର୍ତନ, ଦାରିଦ୍ର୍ୟ ଦୁରିକରଣ ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପୋପ୍‌ଙ୍କ ସହ ଆଲୋଚନା କରିଛନ୍ତି ମୋଦୀ । ଏହି ଅବସରରେ ମୋଦୀଙ୍କ ସହ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ ଉପସ୍ଥିତ ଥିଲେ । ନିଜ ୩ ଦିନିଆ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦୀ ଜି-ଟ୍ୱେଂଟି ଶୀଖର ସମ୍ମିଳନୀରେ ଯୋଗ ଦେଇଛନ୍ତି । ସମ୍ମିଳନୀରେ ଯୋଗଦେଇ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍‌ଙ୍କ ସହ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । କେବଳ ସେତିକି ନୁହେଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ମଧ ଭେଟି ଆଲୋଚନା କରିଛନ୍ତି ମୋଦୀ । ଏହିଅବସରରେ ଏହି ଅବସରରେ ଅନ୍ୟ ଜି-ଟ୍ୱେଟିଂ ଲିଡରଙ୍କ ସହ ଫଟୋ ଉଠାଇଛନ୍ତି । ରୋମ୍ ସ୍ଥିତ ରୋମା କନଭେନସନ୍ ସେଂଟରରେ ଜି-ଟ୍ୱେଂଟି ଶୀଖର ସମ୍ମିଳନୀ ଅନୁଷ୍ଠିତ ହୋଇଛି । ମୋଦୀଙ୍କ ପାଂଚ ଦିନିଆ ବିଦେଶ ଗସ୍ତର ତିନି ଦିନ ଇଟାଲୀରେ ରହି ନଭେମ୍ବର ୧ ତାରିଖ ବ୍ରିଟେନ୍ ଗସ୍ତ କରିବେ । ସେଠାରେ କପ-୨୬ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଇଟାଲୀ ଗସ୍ତରେ ପୋପ୍‌ଙ୍କ ସହ ମୋଦିଙ୍କ ଆଲିଙ୍ଗନକୁ ନେଇ ସବୁଆଡେ ଚର୍ଚ୍ଚା କରାଯାଉଛି । ମୋଦୀଙ୍କ ପୂର୍ବରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ, ଇନ୍ଦିରା ଗାନ୍ଧୀ, ଏବଂ ଅଟଳ ବିହାରୀ ବାଜପେୟୀ ତତ୍କାଳୀନ ପୋପଙ୍କୁ ଭେଟିବାର ସୁଯୋଗ ପାଇଥିଲେ । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ବିଶ୍ୱ ଖ୍ରୀଷ୍ଟିଆନ ଧର୍ମଗୁରୁ ପୋପଙ୍କୁ ଭେଟିବା ବିଶ୍ୱରେ ଶାନ୍ତି ସ୍ଥାପନା କ୍ଷେତ୍ରରେ ଏକ ବଡ ସନ୍ଦେଶ ଦେଉଛି ।

## ୨୮ ଦିନ ପରେ ଜେଲ୍‌ରୁ ମୁକୁଳିଲେ ଆର୍ଯ୍ୟନ ଖାନ୍



ନୂଆଦିଲ୍ଲୀ,୩୦/୧୦: ଜେଲରୁ ମୁକୁଳିଲେ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆରୟନ ଖାନ । ଶନିବାର ସକାଳୁ ଆରଥର ରୋଡ ଜେଲ୍ରୁ ବାହାରି ମନ୍ନତରେ ପହଁଚିଛନ୍ତି ଆରୟନ । ଆଉ ମନ୍ନତ ଆଗରେ ବାଣ, ବାଜା ସହ ଆରୟନଙ୍କୁ ସ୍ୱାଗତ କରିଛନ୍ତି ଶାହରୁଖ ଖାନ୍‌ଙ୍କ ପ୍ରଶଂସକ । ଗତ ଗୁରୁବାର ବମ୍ବେ ହାଇକୋର୍ଟ ଶୁଣାଣୀ କରି ଆରୟନ ଖାନ୍‌ଙ୍କୁ ଜାମିନ ପ୍ରଦାନ କରିଥିଲେ । ତେବେ କୋର୍ଟଙ୍କ ପ୍ରକ୍ରିୟା ବିଳମ୍ବ ହେତୁ ଶନିବାର ଜେଲରୁ ବାହାରିଛନ୍ତି ଆରୟନ । କ୍ରୁଜ ଡ୍ରଗ୍ସ କାଣ୍ଡ ଘଟଣାରେ ଶେଷରେ ଜେଲରୁ ବାହାରିଲେ ଆରୟନ ଖାନ । ଦୀର୍ଘ ୨୮ର ନ୍ୟାୟିକ କସରତ ପରେ ଜାମିନରେ ବାହାରକୁ ଆସିଛନ୍ତି ଶାହରୁଖଙ୍କ ପୁଅ । ଆଉ ଆରୟନଙ୍କ ଜେଲରୁ ବାହାରିବାକୁ ନେଇ ଏମିତି ▶▶ପୃଷ୍ଠା ୭

## ଦରଦାମ ବୃଦ୍ଧି ବିରୁଦ୍ଧରେ ପ୍ରତିବାଦ କରିବ ବିଜେଡି

ଭୁବନେଶ୍ୱର,୩୦/୧୦ (ନି.ପ୍ର): ପେଟ୍ରୋଲ, ଡିଜେଲ ଓ ଏଲପିଜି ଦର ସମେତ ଆବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ବିରୁଦ୍ଧରେ ଆସନ୍ତାକାଲି ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯିବ । କେନ୍ଦ୍ରର ବିଜେପି ସରକାର ଦ୍ୱାରା, ପେଟ୍ରୋଲ, ଡିଜେଲ, ଏଲପିଜି, ଖାଇବାତେଲ, ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ହ୍ରାସ ଦାବିରେ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ । ସେହିପରି ଆସନ୍ତା ନଭେମ୍ବର ୧ ତାରିଖରେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରରେ ବିଜୁ ଜନତା ଦଳ ପକ୍ଷରୁ ପ୍ରତିବାଦ କରାଯିବା ସହିତ ଜିଲ୍ଲାପାଳ/ ଉପଜିଲ୍ଲାପାଳ/ବିଡିଓ କିମ୍ବା ଅନ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି । ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ବିଜେଡିର ବରିଷ୍ଠ ନେତା ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ ଓ ପ୍ରମିଳା ମଲ୍ଲିକ । ସେମାନେ ▶▶ପୃଷ୍ଠା ୭

## ୟୁପିରେ ଇତିହାସ ରଚିବ ବିଜେପି : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୩୦/୧୦(ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ଜନହିତକାରୀ ଯୋଜନା ୟୁପିବାସୀଙ୍କ ଜୀବନରେ ଅନେକ ସକରାତ୍ମକ ପରିବର୍ତନ ଆଣିଛି । ୨୦୨୨ରେ ପୁଣି ଥରେ ୟୁପିବାସୀ ବିଜେପିକୁ ଆଶୀର୍ବାଦ କରିବେ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଚାରିଦିନିଆ ୟୁପି ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଉତରପ୍ରଦେଶର କାନପୁରରେ ଆୟୋଜିତ କାନପୁର-ବୁନ୍ଦେଲଖଣ୍ଡ କ୍ଷେତ୍ରର କାର୍ଯ୍ୟକର୍ତା ବୈଠକରେ ଯୋଗଦେଇ କାର୍ଯ୍ୟକର୍ତା ମାନଙ୍କୁ ଗୁରୁ ମନ୍ତ୍ର ଦେଇଛନ୍ତି । ଏହି ଅବସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ୟୁପିରେ ୨୦୨୨ ନିର୍ବାଚନ ପାଇଁ ଏକ ବ୍ୟାପକ ରଣନୀତି ପ୍ରସ୍ତୁତ କରିବା ପାଇଁ ଦଳ ପକ୍ଷରୁ ବିଭିନ୍ନ ବୈଠକ ଅନୁଷ୍ଠିତ ହେଉଛି । ଦଳରେ ଅଢ଼େଇ କୋଟି ସକ୍ରିୟ ସଦସ୍ୟ ଥିବା ବେଳେ ଆହୁରି ଦେଢ କୋଟି ସଦସ୍ୟଙ୍କୁ ଯୋଡ଼ିବା ପାଇଁ ଗତକାଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଲକ୍ଷ୍ନୌ ଠାରେ 'ମେରା ପରିବାର ବିଜେପି ପରିବାର' ▶▶ପୃଷ୍ଠା ୭

## ମମିତା ମୃତ୍ୟୁ ମାମଲାରେ ଥମୁନି ବିବାଦ : ରାଜ୍ୟର ବିଭିନ୍ନ ସ୍ଥାନରେ ବିରୋଧୀଙ୍କ ବିକ୍ଷୋଭ

ଭୁବନେଶ୍ୱର,୩୦/୧୦(ନି.ପ୍ର): ବିବୃତି ପରେ ବିବାଦ କମିବା ବଦଳରେ ବଢ଼ିଚାଲିଛି । ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବିରୋଧରେ ଉଭୟ ବିଜେପି ଓ କଂଗ୍ରେସ ଜାରି ରଖିଛନ୍ତି ଆନ୍ଦୋଳନ । ବିଜେପିର କେନ୍ଦ୍ରୀୟ ଟିମ୍ ମା' ମାଣିକେଶ୍ୱରୀଙ୍କ ଦ୍ୱାହି ଦେଇ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି । ସିବିଆଇ ତଦନ୍ତ ନହେଲେ ନିରପେକ୍ଷ ତଦନ୍ତ ଅସମ୍ଭବ ବୋଲି ଯୁକ୍ତି ବାଢ଼ିଛି ଦଳ । ସେପଟେ ରାଜରାସ୍ତାରେ ଆନ୍ଦୋଳନ ଜାରି ରଖିବା ସହ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛି । ଯେଉଁ କଳାହାଣ୍ଡିର ଆରାଧ ଦେବୀ ମା ମାଣିକେଶ୍ୱରୀଙ୍କ ନାଁ ନେଇ ମନ୍ତ୍ରୀ ଦିବ୍ୟଶଙ୍କର ନିଜକୁ ନିର୍ଦ୍ଦୋଶ ବୋଲି ଦାବି କରିଥିଲେ, ସେହି ମାଙ୍କ ନାଁ ନେଇ ମନ୍ତ୍ରୀପଦ ଛାଡିବାକୁ ଦିବ୍ୟଶଙ୍କରଙ୍କୁ ଆହ୍ୱାନ ଦେଇଛନ୍ତି ବିଜେପି ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷା ଭନତୀ ଶ୍ରୀନିବାସନ । ଦିବ୍ୟଶଙ୍କରଙ୍କ ଇସ୍ତଫା, ସିବିଆଇ ତଦନ୍ତ, ସାକ୍ଷୀଙ୍କୁ ସୁରକ୍ଷା ସହ ପୀଡିତାଙ୍କ ପରିବାରକୁ ଆର୍ଥିକ ସହାୟତା ଦାବି କରିଛନ୍ତି ବିଜେପି କେନ୍ଦ୍ରୀୟ ଟିମ୍ । ଏପଟେ ସମଗ୍ର ରାଜ୍ୟରେ ମମିତା ମେହେର ହତ୍ୟାକାଣ୍ଡକୁ ନେଇ ନିଆଁ ଜଳିଛି । ବିଜେପି ପକ୍ଷରୁ ଆଜି ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିବା ବେଳେ, ଭଦ୍ରକ, ପାରାଦୀପ, ପାଟକୁରା, ଦେବଗଡ ଆଦି ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରିଛି ଦଳ । ରାଉରକେଲାରେ ▶▶ପୃଷ୍ଠା ୭

## ବିଜେପି ପକ୍ଷରୁ ଶାନ୍ତିପୂର୍ଣ୍ଣ ବାଲେଶ୍ୱର ବନ୍ଦ



ବାଲେଶ୍ୱର,୩୦/୧୦ (ନି.ପ୍ର): କଳାହାଣ୍ଡି ଜିଲା ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାର ସିବିଆଇ ତଦନ୍ତ ସହ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ସମଗ୍ର ରାଜ୍ୟରେ ବିଜେପି ଆନ୍ଦୋଳନମୁଖୀ ହୋଇଥିବା ବେଳେ ବାଲେଶ୍ୱରରେ ଶନିବାର ୧୨ ଘଣ୍ଟିଆ ବନ୍ଦ ପାଳିତ ହୋଇଯାଇଛି। ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର ସହର ସମେତ ଜିଲାର ପ୍ରମୁଖ ସ୍ଥାନମାନଙ୍କରେ ଏହି ବନ୍ଦ ପାଳନ କରାଯାଇଥିବା ଲକ୍ଷ୍ୟ କାଯାଇଛି। ଏହି ବନ୍ଦ ଯୋଗୁଁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିଲେ ବି ସଂଧ୍ୟାସୁଦ୍ଧା କୌଣସି ସ୍ଥାନରେ ଅପ୍ରୀତିକର ଘଟଣା ଘଟି ନଥିବା ଜଣାପଡ଼ିଛି। ତେବେ ଟ୍ରେନ ଚଳାଚଳ ସ୍ୱାଭାବିକ ଥିବା ବେଳେ ଆମ୍ବୁଲାନ୍ସ ଓ କାଁଭାଁ ଅଟୋରିକ୍ସା ବ୍ୟତୀତ ସମସ୍ତ ବସ, ଟ୍ରକ, ଟ୍ରେକର ଆଦି ▶▶ପୃଷ୍ଠା ୭




## ଦୁଇ କାନ୍ଥ ସନ୍ଧିରେ ପଡ଼ିଗଲା ଅଢ଼େଇ ବର୍ଷର ଶିଶୁ

ଚୌଦ୍ୱାର, ୩୦/୧୦ (ନି.ପ୍ର): ଛାତ ଉପରେ ଖେଳୁଥିବା ବେଳେ ଦୁଇ କାନ୍ଥ ସନ୍ଧିରେ ଖସିପଡ଼ିଲା ଶିଶୁ କନ୍ୟା। କାନ୍ଥ କାଟି ଶିଶୁକୁ ଉଦ୍ଧାର କରାଯାଇଛି। ଆଜି ଏପରି ଘଟଣା ଚୌଦ୍ୱାର ପୌରାଞ୍ଚଳ ତଳ ବଜାର ଅଞ୍ଚଳରେ ଘଟିଛି। ଉଦ୍ଧାର ପରେ ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ଜଣାପଡ଼ିଛି। ଚୌଦ୍ୱାର ପୌରାଞ୍ଚଳ ତଳ ବଜାରରେ ବାସ କରୁଥିବା ଅମରେଶ ସାହୁଙ୍କ ଅଢ଼େଇ ବର୍ଷର ଝିଅ ସାଇପ୍ରିୟା ଆଜି ଅପରାହ୍ନ ପ୍ରାୟ ୪ଟା ବେଳେ ଛାତ ଉପରେ ଖେଳୁଥିଲା। ଖେଳୁଥିବା ବେଳେ ହଠାତ୍ ଦୁଇ ଘର କାନ୍ଥ ସନ୍ଧି(୬ ଇଞ୍ଚ ଫାଙ୍କ)ରେ ଫସି ଯାଇଥିଲା। ଦୁଇ କାନ୍ଥର ମଝିରେ ପାଖାପାଖି ୧୫ ଫୁଟ୍ ତଳେ ଫସି ଯାଇଥିଲା। ଝିଅର ଚିତ୍କାର ଶୁଣି ଧାଇଁ ଆସିଥିଲେ ତାଙ୍କ ମାଆ। ସଙ୍ଗେ ସଙ୍ଗେ ବଡ଼ ପାଟିରେ ଆଖପାଖ ଲୋକଙ୍କୁ ଡାକି ପକାଇଥିଲେ। ଏହା ପରେ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ଖବର ପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲା। ଡ୍ରିଲିଂ ମେସିନରେ କାନ୍ଥ ଭାଙ୍ଗି ଛୁଆକୁ ଉଦ୍ଧାର କରିଥିଲେ। ପରେ ଶିଶୁକୁ ଚୌଦ୍ୱାରରେ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତି କରାଯାଇଛି। ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା ଜଣାପଡ଼ିଛି।

## ୨ ନକଲି ଆଇଏଏସ୍ ଗିରଫ

ଭୁବନେଶ୍ୱର,୩୦/୧୦(ନି.ପ୍ର): କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଠକେଇ ଅଭିଯୋଗରେ କ୍ରାଇମବ୍ରାଂଚ ର ଇଓଡବ୍ଲୁ ଶୁକ୍ରବାର ୨ ନକଲି ଆଇଏଏସ୍‌ଙ୍କୁ କଟକ ଓ ଭୁବନେଶ୍ୱରରୁ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ସୂର୍ଯ୍ୟମଣି ତ୍ରିପାଠୀ ଓ ଅମିତ କୁମାର ସ୍ୱାଇଁ। ଜଣେ ନିଜକୁ ଆଡିସନାଲ ସେକ୍ରେଟେରୀ କହି ଠକୁଥିବା ବେଳେ ଅନ୍ୟ ଜଣେ ନିଜକୁ ପିଡବ୍ଲ୍ୟୁଡି ଅଫିସର ପରିଚୟ ଦେଇ ଠକୁଥିଲା। ଏମାନଙ୍କ ବିରୋଧରେ ଠିକାଦାରୀ ଦେବା ନାଁରେ ୧ କୋଟି ୧୭ ଲକ୍ଷ ଠକିଥିବା ଅଭିଯୋଗ ଆସିଥିଲା। ଏମାନେ ମିଛ ୱାର୍କ ଅର୍ଡର ଦେଇ ଠିକାଦାରଙ୍କୁ ଠକେଇ କରିବା ସହ ଟଙ୍କା ହଡ଼ପ୍ କରୁଥିଲେ। ଦିଲ୍ଲୀର ରିକବ ଚାନ୍ଦଙ୍କ ଅଭିଯୋଗ କ୍ରମେ କ୍ରାଇମବ୍ରାଂଚର ଅର୍ଥନୈତିକ ଅପରାଧ ଶାଖା ଏହି ଦୁଇଜଣଙ୍କୁ ଗିରଫ କରିଛି। ଦିଲ୍ଲୀର ନେସନାଲ୍ ଷ୍ଟିଲର ମାଲିକ ରିକବ ତାଙ୍କୁ ସୂର୍ଯ୍ୟମଣି ତ୍ରିପାଠୀ ଓ ଅମିତ କୁମାର ଓ ଦିଲ୍ଲୀର ରାଜେଶ ଗେହେଲଟ ନିଜକୁ ଅଫିସରର ପରିଚୟ ଦେଇ ଅପରାଧିକ ଷଡଯନ୍ତ୍ର କରି ୧ କୋଟି ୧୭ ଲକ୍ଷ ଟଙ୍କା ଠକେଇ କରିଥିଲେ।

# ଏକାଦଶ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ



ଭଦ୍ରକ ,୩୦/୧୦ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭଦ୍ରକ ଜିଲ୍ଲାପରିଷଦର ଏକାଦଶତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଧାମନଗର ବିଧାୟକ ତଥା ବିଧାନସଭା ବିରୋଧୀ ଦଳର ଉପନେତା ବିଷ୍ଣୁ ଚରଣ ସେଠୀ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ୍, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲାପାଳ ତ୍ରିଲୋଚନ ମାଝୀ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋସ୍ନାରାଣୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତିର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲ୍ଲାପରିଷଦର ସମସ୍ତ ସଦସ୍ୟ ଏବଂ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ମୁଖ୍ୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଗତ ତା.୨୯.୧୨.୨୦୨୦ ରିଖରେ ଅନୁଷ୍ଠିତ ଭଦ୍ରକ ଜିଲ୍ଲା ପରିଷଦର ଦଶମ ବୈଠକର ଅନୁପାଳନ ବିବରଣୀ ଉପସ୍ଥାପନା ଆଧାରରେ ଅଦ୍ୟାବଧି ବିଭିନ୍ନ ବିଭାଗୀୟ କାର୍ଯ୍ୟର ପ୍ରଗତି, ସମସ୍ୟା, ସଫଳତା, କାର୍ଯ୍ୟଧାରା ଆଦି ସମ୍ବନ୍ଧରେ ଆଲୋଚନା ଆରମ୍ଭ କରାଯାଇଥିଲା । ବିଶେଷ କରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ ଡ଼ିଭିଜନ ୧ ଓ ୨ ସାଳନ୍ଦୀ କେନାଲ ଡ଼ିଭିଜନ୍ ପୂର୍ତ୍ତ ବିଭାଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପାନୀୟ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥା ଆଦି ବିଭାଗର କାର୍ଯ୍ୟଧାରା ଓ ଯୋଜନା ଆଦି ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା । ମାନ୍ୟବର ବିଧାୟକମାନେ ଓ ବୈଠକରେ ଉପସ୍ଥିତ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଉପାଧ୍ୟକ୍ଷ ଜିଲ୍ଲାପରିଷଦ ସଦସ୍ୟମାନେ ବିଭିନ୍ନ ବିଭାଗର କାର୍ଯ୍ୟ, ଯୋଜନା ବାବଦରେ ସଭାପତିଙ୍କ ଜରିଆରେ ପ୍ରଶ୍ନ ରଖିଥିଲେ । ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ସେ ସମ୍ବନ୍ଧୀୟ ତଥ୍ୟ ବୈଠକରେ ଉପସ୍ଥାପନ କରିଥିଲେ । କାଳିଆ ଯୋଜନାରେ କିଛି ଅଯୋଗ୍ୟ ହିତାଧିକାରୀଙ୍କ ନାମ ଥିବାବେଳେ କେତେ ଯୋଗ୍ୟ ହିତାଧିକାରୀମାନଙ୍କ ନାମ ପଞ୍ଜିକୃତ ନ ହୋଇ ପାରିବା, ବଳରାମ ଯୋଜନାରେ ଆଖି ଦୃଶିଆ ଅଗ୍ରଗତି ନ ହୋଇପାରିବା, ଯୋଗାଣ ବିଭାଗରେ ରେସନ୍‌କାର୍ଡ଼ରୁ କଟିଯାଇଥିବା ପରିବାରର ସଦସ୍ୟମାନଙ୍କ ନାମ ଅନ୍ତର୍ଭୁକ୍ତ ନ ହୋଇପାରିବା, କିରାସିନି ବଣ୍ଟନରେ ଅନିୟମିତତା ଦେଖାଯାଉଥିବା, ପାଇପ୍‌ଲାଇନ୍ ଦ୍ୱାରା ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ ବେଳେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ଗ୍ରାମାଞ୍ଚଳରେ ଏବଂ ପି.ଏଚ.ଡି. ଦ୍ୱାରା ଭଦ୍ରକ ସହରରେ ରାସ୍ତା ପାର୍ଶ୍ୱ ଖନନ ଯୋଗୁଁ ନବନିର୍ମିତ ରାସ୍ତା ଅନେକ ଜାଗାରେ ନଷ୍ଟ ହେବା ଏବଂ ତାର ମରାମତି ଦିଗରେ ସଂପୃକ୍ତ ବିଭାଗ ବା କମ୍ପାନୀ ଦ୍ୱାରା ପଦକ୍ଷପ ନିଆନଯିବା, ଜାମୁଝାଡ଼ି ଓ ଧାମରା ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନ ମାନର ଓ ଅନିୟମିତତା ମଧ୍ୟରେ ହେଉଥିବା, କେତୋଟି ରାସ୍ତା ଓ ପୋଲ ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବା, ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ସିଟିସ୍କାନ୍ ମେସିନ୍ ଏବଂ ଏୟାର ଆମ୍ବୁଲାନ୍ସ ବ୍ୟବସ୍ଥା ପ୍ରଚଳନରେ ଡ଼େରି ହେବା, ଶିକ୍ଷା ବିଭାଗରେ କେତେକ ସ୍କୁଲରେ ଅନୁପାତ ଅନୁଯାୟୀ ଶିକ୍ଷକ ନ ରହିବା ଆଦି ସମସ୍ୟା ଉପରେ ବିଧାୟକ ଓ ଅନ୍ୟମାନେ ଆଲୋକପାତ କରିଥିଲେ । ତଦନୁଯାୟୀ ଜିଲ୍ଲାପାଳ ସମାଧାନ ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ବୈଠକ ଶେଷରେ ଉପାଧ୍ୟକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଟନାଳି ଉପରେ ସେପ୍ଟେଜ ପ୍ଲାଣ୍ଟ: ଗ୍ରାମବାସୀଙ୍କ ବିରୋଧ

କେନ୍ଦ୍ରାପଡ଼ା,୩୦/୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅଧିନ ନସଡିପୁର, ଗଉଡଗୋପ, ମେଘବରଡା, ମୀରପାଟଣା, ଓଡିଶୋ ପ୍ରଭୃତି ମୌଜାର ଜଳ ନିଷ୍କାସନ ପଥ ପାଟନାଳି କୁ ପୋତାଯାଇ ପୌରସଂସ୍ଥା ପକ୍ଷରୁ ତିଆରି କରା ଯାଉଥିବା ସେପ୍ଟେଜ ପ୍ଲାଣ୍ଟକୁ ଗ୍ରାମାବସୀ ମାନେ ବିରୋଧ କରିଛନନ୍ତି । ଏନେଇ ଗ୍ରାମାବସୀଙ୍କ ପକ୍ଷରୁ ଶତାଧିକ ବ୍ୟକ୍ତି ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା ଓ ପୌରସଂସ୍ଥା ଅଧିକାରୀ ଦେବ ପ୍ରସାଦ ବଳଙ୍କୁ ଭେଟି ପ୍ରତିବାଦ କରିବା ସହ ଲିଖିତ ଅଭିଯୋଗ କରିଛନ୍ତି । ଏହି ସବୁ ମୌଜା ମାନଙ୍କର ଉଦ୍‌ବୃତ ଜଳ ଏହି ପାଟନାଳୀ ବାଟେ ନିଷ୍କାସିତ ହେଉଥିବା ବେଳେ ଏଠାରେ ଥିବା ପ୍ରାୟ ୫ ଏକର ଗୋଚର ଜମି ଉପରେ ଏହି ପ୍ଲାଣ୍ଟ ନିର୍ମାଣ କରାଯାଉଛି । ଫଳରେ ଏହି ଅଂଚଳର ପ୍ରାୟ ଦେଢ ହଜାର ଏକର ଚାଷ ଜମିର ଫସଲ ନଷ୍ଟ ହେବାର ଆଶଙ୍କା ଦେଖା ଦେଇଛି । ଜଳ ନିଷ୍କାସନ ପଥ ପାଟନାଳୀ କୁ ମୁକ୍ତ ରଖିବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଅଭିଯୋଗ ପାଇବା ପରେ ଉପ ଜିଲ୍ଲାପାଳ, ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଅମିନ ପ୍ରଭୃତି ସରଜମିନ ତଦନ୍ତ କରି ଉଚିତ ପଦକ୍ଷେପ ନେବେ ବୋଲି ଗ୍ରାମବାସୀଙ୍କ ପ୍ରତିଶୃତି ଦେଇଛନ୍ତି । ପୂର୍ବତନ ନଗରପାଳ ଧିରେନ ସାହୁ, ଆଇନଜୀବି ସେକ ସଲ୍ଲାଉଦିନ, ମିର ଜାବିର, ଚକ୍ରଧର ଦାସ, ସୌମେନ୍ଦ୍ର ପୃଷ୍ଟି, ପ୍ରଦିପ କୁମାର ଦାସ, ନିତ୍ୟାନନ୍ତ ବେହେରା, ବଳରାମ ସେଠୀ, ଚନ୍ଦ୍ରକାନ୍ତ ସାହୁ, ମୋହନ ଚରଣ ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

## ପବିତ୍ର ଶରଧାବାଲି ଏବେ ପିଚୁ

ପୁରୀ,୩୦/୧୦ (ନି.ପ୍ର): ମହାପ୍ରଭୁଙ୍କ ଜନ୍ମପୀଠ ଶ୍ରୀଗୁଣ୍ଡିଚା ମନ୍ଦିର । ଦ୍ୱାପର ଯୁଗରେ ନନ୍ଦସୁତ କଳା କହ୍ନେଇ ବାଲି ଖେଳିବା ଦୃଶ୍ୟକୁ ମନେ ପକାଇବା ପାଇଁ ଶରଧାବାଲିରେ ଚତୁର୍ଦ୍ଧାମୂର୍ତି ପାଦ ପକାଇ ପହଣ୍ଡି ହୋଇ ଜନ୍ମ ବେଦୀକୁ ବିଜେ କରନ୍ତି । ପବିତ୍ର ଶରଧାବାଲିକୁ ଭକ୍ତ ମୁଣ୍ଡରେ ମାରି ଶ୍ରୀମନ୍ଦିର ଅଭିମୁଖେ ଯାଇଥାଏ । ଶରଧାରାଣୀଙ୍କ ଅନୁରୋଧ କ୍ରମେ ମାଳିନୀ ନଦୀକୁ ପୋତିବା ପାଇଁ ବଡ଼ଶଙ୍ଖ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବାଲି ପକାଯାଇଥିଲା । ହେଲେ ବଡ଼ଦାଣ୍ଡକୁ ଜାତୀୟ ରାଜପଥ ଘୋଷଣା କରାଯିବା ପରେ ଏହାକୁ ସମ୍ପୂର୍ଣ୍ଣ ପିଚୁ କରାଯାଇଥିଲା । ଶରଧାବାଲିରେ ପ୍ରଚୁର ବାଲିଥିବାରୁ ୩ ରଥ ଆସ୍ତେ ଆସ୍ତେ ଗୁଣ୍ଡିଚା ମନ୍ଦିରରେ ଲାଗୁଥିଲା । ଏବେ ହେରାପଂଚମୀ ପରେ ରଥ ଦକ୍ଷିଣ ମୋଡ଼ ହେବା ପାଇଁ ନଦୀରୁ ବାଲି ଆଣି ପକାଇ ଦିଆଯାଉଛି ।

## ଦୁର୍ନୀତିର ଗନ୍ତାଘର ପାଲଟିଛି କାକଟପୁର କଂଟାପଡ଼ା ପଚାଂୟତ କାର୍ଯ୍ୟାଳୟ: ଜିଲ୍ଲାପାଳଙ୍କୁ ଅଭିଯୋଗ

ପୁରୀ,୩୦/୧୦ (ନି.ପ୍ର): ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧୀନ କଂଟାପଡ଼ା ଗ୍ରାମ ପଚାଂୟତ ଏବେ ଦୁର୍ନୀତିର ଗନ୍ତାଘର ପାଲଟିଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ପଚାଂୟତର ପ୍ରସନ୍ନ କୁମାର ଖୁଂଟିଆ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ଅଭିଯୋଗରେ ଦର୍ଶାଯାଇଛି ଯେ, କଂଟାପଡ଼ା ଗ୍ରାମ ପଚାଂୟତର ପୂର୍ବତନ ପିଇଓ ବାସୁଦେବ ବରାଳଙ୍କ ସାତ ମାସ ହେଲାଣି ବଦଳି ହେଲାଣି । ହେଲେ ସେ ନୂଆ ପିଇଓ ସୁଷମା ମଲିକଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରୁନାହାଁନ୍ତି । ଫଳରେ ପଚାଂୟତରେ କୌଣସି କାର୍ଯ୍ୟ ହୋଇପାରୁନାହିଁ । ପଚାଂୟତର ଲକ୍ଷ ଲକ୍ଷ ଟଙ୍କା ବେଆଇନ ଭାବେ ହଡ଼ପ ହୋଇଥିବା ସାଧାରଣରେ ଆଲୋଚନା ହେଉଛି । ବିନା ଫଳକ ଓ ପ୍ରକଳ୍ପ ନାମ ନଲେଖି ମିଥ୍ୟା ବିଲ୍ କରିବାରେ ବିଭାଗୀୟ ଯନ୍ତ୍ରୀ ଓ ସରପଚଂ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି । ଭତା ବଂଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହେବା ପରେ ସେହି ରେଜିଷ୍ଟରଙ୍କୁ ନୂଆ ଅଧିକାରୀଙ୍କୁ ପ୍ରଦାନ କରାଯାଉନାହିଁ । ପୂର୍ବତନ ଅଧିକାରୀ ଅଧିକ ଅର୍ଥ ହଡ଼ପ ଆଶା ରଖି ପଦବି ଛାଡୁନଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ଜିଲ୍ଲାପାଳ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ପଚାଂୟତରାଜ ବିଭାଗ ଶାସନ ସଚିବ, ୫-ଟି ସଚିବଙ୍କୁ ପତ୍ରଦ୍ୱାରା ଜଣାଇ ଦିଆଯାଇଥିବା ଶ୍ରୀ ଖୁଟିଂଆ ସୂଚନା ଦେଇଛନ୍ତି ।

## ଜଗତସିଂହପୁରଠାରେ ଜିଲ୍ଲା ସ୍ତରୀୟ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ଜଗତସିଂହପୁର,୩୦/୧୦ (ନି.ପ୍ର): ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଓଡିଶା ବିପର୍ଯ୍ୟୟ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଜିଲ୍ଲାପାଳ ଶ୍ରୀମତୀ ପାରୁଲ୍ ପଟାଓରୀ ଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଅଛି । ୧୯୯୯ ମହାବାତ୍ୟା ଏରସମା ବ୍ଲକ ଓ ଜଗତସିଂହପୁର ଜିଲ୍ଲାକୁ ଅଧିକ କ୍ଷତିଗ୍ରସ୍ତ କରିଥିଲା । ମଣିଷ, ଗୋରୁଗାଈ, ପଶୁପକ୍ଷୀ, ବୃକ୍ଷରାଜି ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ଏହି ମହାବାତ୍ୟାର ସ୍ମୃତିରେ ପ୍ରତିବର୍ଷ ଅକ୍ଟୋବର ୨୯ ତାରିଖରେ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରାଯାଉଛି । ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ମାନଙ୍କୁ ନେଇ କୋଭିଡ୍-୧୯ ମାର୍ଗଦର୍ଶିକା ପାଳନ ପୂର୍ବକ ସାମାଜିକ ଦୂରତା ରକ୍ଷାକରି ଏହି ଦିବସ ପାଳିତ ହୋଇଅଛି । ଜିଲ୍ଲାପାଳ ଶ୍ରୀମତୀ ପାରୁଲ୍ ପଟାଓରୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଶପଥ ପାଠ କରାଇଥିଲେ । ଯେ କୌଣସି ପ୍ରକାର ବିପର୍ଯ୍ୟୟରେ ଧନ ଜୀବନ କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ମୁଁ ମୋର ଶକ୍ତି ଓ ସାମର୍ଥ୍ୟ ଅନୁସାରେ କାର୍ଯ୍ୟ କରିବି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ କାର୍ଯ୍ୟରତ କର୍ମଚାରୀ,ବ୍ୟକ୍ତି ବିଶେଷ,ଅନୁଷ୍ଠାନ ଓ ସହଯୋଗୀ ଦଳ ମାନଙ୍କୁ ସାହାଯ୍ୟ କରିବି । ଲୋକମାନଙ୍କ ମଧ୍ୟରେ ପରିବେଶରେ ସୁରକ୍ଷା ଓ ବିପର୍ଯ୍ୟୟ ପ୍ରସ୍ତୁତି ନିମନ୍ତେ ସଚେତନତା ବୃଦ୍ଧି କରିବାକୁ ଚେଷ୍ଟା କରିବି । ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଚିନ୍ମୟୀ ବିଶ୍ୱାଳ,ଉପ-ଜିଲ୍ଲାପାଳ ଶ୍ରୀ ଧର୍ମେନ୍ଦ୍ର ମଲ୍ଲିକ, ଜିଲ୍ଲାସ୍ତରୀୟ ଅଧିକାରୀ, ଡେପୁଟୀ କଲେକ୍ଟର, ସହକାରୀ ଜିଲ୍ଲାପାଳ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ । ଜିଲ୍ଲା ଜରୁରୀ ବିଭାଗ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ବଡୁ, ଡି.ପି.ଓ ଶ୍ରୀ ଆଶୁତୋଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଂଧ୍ୟାରେ ୧୯୯୯ ମହାବାତ୍ୟାରେ ମୃତ୍ୟୁ ବରଣ କରିଥିବା ଅମର ଆତ୍ମାଙ୍କ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ମହାବାତ୍ୟା ସ୍ମୃତିସ୍ତମ୍ଭ ନିକଟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଚିନ୍ମୟୀ ବିଶ୍ୱାଳ,ଅନ୍ୟାନ୍ୟ ଅଧିକାରୀ,ମହିଳା ସ୍ୱୟଂସହାୟକ ସଭ୍ୟାମାନେ ସମୁହ ଦୀପଦାନ କରିଥିଲେ । ଏହାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଶ୍ରୀମତୀ ସ୍ୱର୍ଣ୍ଣ ମଞ୍ଜରୀ ନାୟକ ପରିଚାଳନା କରିଥିଲେ ।

## ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ସ୍ୱର୍ଣ୍ଣ ପ୍ରାଶନ୍ନ ଦିବସ ପାଳିତ

ପୁରୀ ,୩୦/୧୦ (ନି.ପ୍ର): ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଶିଶୁମାନଙ୍କ ସବାଙ୍ଗିନ ଉନ୍ନତି ପାଇଁ ସ୍ୱର୍ଣ୍ଣ ପ୍ରାଶନ ଦିବସ ପାଳିତ ହୋଇଯାଇଛି । ଏଥିରେ ୯ ଶହ ଶିଶୁ ସ୍ୱର୍ଣ୍ଣ ପ୍ରାଶନ ନେଇଥିଲେ । ସ୍ୱର୍ଣ୍ଣ ପ୍ରାଶନ୍ନ ଦ୍ୱାରା ଶିଶୁମାନଙ୍କର ସ୍ମରଣ ଶକ୍ତି ବୃଦ୍ଧି ହେବା ସହ ଶରୀର ସୁଦୃଢ ହେବା ଓ ମାନସିକ ସ୍ତରରେ ଉନ୍ନତି ହୋଇଥାଏ । ଏହା ଏକ ରୋଗ ପ୍ରତିରୋଧକ ଶକ୍ତି ବର୍ଦ୍ଧକ ଅଟେ । ବୟସ ଅନୁସାରେ ଶିଶୁମାନଙ୍କ ଶାରୀରିକ ଓ ମାନସିକ ଶକ୍ତି ସୁଦୃଢ଼ିକରଣରେ ଏକ ଉତମ ସହାୟକ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ନ୍ୟାୟ ପ୍ରାଧିକରଣ ସମିତି ସମ୍ପାଦକ ଅମରେଶ ମହାପାତ୍ର ଓ ପ୍ରଫେସର ଡ଼କ୍ଟର ଦେବପ୍ରସାଦ ଦାଶ ଉଦଘାଟନ କରିଥିଲେ । ଶିଶୁ ରୋଗ ବିଶେଷଜ୍ଞ କୌମାରଭୃତ୍ୟ ବିଭାଗର ପ୍ରଫେସର ଡ଼କ୍ଟର ବିଜୟଲକ୍ଷ୍ମୀ ପଟ୍ଟନାୟକ, ଡ଼କ୍ଟର ସଙ୍ଗୀତା ପୃଷ୍ଟି, ଡ଼କ୍ଟର ଦିପ୍ତିରେଖା ଦାଶ, ଡ଼କ୍ଟର ସୌଭାଗ୍ୟ ରଞ୍ଜନ ତାରିଜାଙ୍କ ତତ୍ୱାବଧାନରେ ସ୍ନାତକୋତର, ଗୃହ ଚିକିତ୍ସକ ଏବଂ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସହାୟତାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼କ୍ଟର ସୁଦର୍ଶନ ବେବେରା ମଧ ଯୋଗଦେଇଥିଲେ ।

## ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ

କୋରାଇ,୩୦/୧୦ (ନି.ପ୍ର): ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସତ୍ୟବାଦୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଂଚ କାର୍ତିକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥିଭାବେ ସମିତିସଭ୍ୟ ସେକ ଜହର ଅଲ୍ଲୀ, ପରିଚାଳନା କମିଟି ସଭାପତି ସେମାନାଥ ନାୟକ, ଉପସଭାପତି ବିଣାପାଣୀ ଯେନା, ସିଆରସିସି ଅଖିଳ ମୋହନ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ର/ଛାତ୍ରୀଙ୍କୁ ପୋଷାକ ବିତରଣ କରିଥିଲେ ।

## ଲୁଟେରା ଗିରଫ: କୋର୍ଟଚାଲାଣ

ନୂଆପଡା,୩୦/୧୦ (ନି.ପ୍ର): ସୁନା କାନଫୁଲ ଲୁଟି ଫେରାର ହୋଇଥିବା ଲୁଟେରାକୁ ଖଡ଼ିଆଳ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଅଞ୍ଚଳର ଶ୍ୟାମ ଘିଭେଲା । ସୂଚନାମତେ, ଖଡ଼ିଆଳ ଥାନା ଖଇରପଦର ଗାଁର ଯଦୁ ପଟେଲ ସ୍ତ୍ରୀଙ୍କ ବନ୍ଧକ ସୁନା କାନଫୁଲକୁ ଗତ ୧୬ ତାରଖ ଖଡ଼ିଆଳରୁ ମୁକୁଳାଇ ଘରକୁ ଯାଉଥିବା ବେଳେ ଅଭିଯୁକ୍ତ ଶ୍ୟାମ ତାକୁ ପିଛା କରିଥିଲେ । ବାଟରେ କାନଫୁଲ ଲୁଟି ଫେରାର୍ ହୋଇଯାଇଥିଲା ଅଭିଯୁକ୍ତ । ଏନେଇ ଯଦୁ ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଶ୍ୟାମକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଖଡ଼ିଆଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ସେଠି ପ୍ରକାଶ କରିଛନ୍ତି ।

## ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

କେନ୍ଦୁଝର,୩୦/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଚଳିତ ଅକ୍ଟୋବର ୨୯ ତାରିଖ ଶୁକ୍ରବାର ଦିନ ଜିଲ୍ଲା ପ୍ରଶାସନ ତରଫରୁ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ କୋଭିଡ ଗାଇଡଲାଇନ୍ ଅନୁଯାୟୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଦରବାର ହଲ୍‌ଠାରେ ଆୟୋଜିତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସନ୍ତୋଷ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍ ଉଦ୍‌ବୋଧନ ଦେଇ ସଚେତନତା, ପ୍ରାକ୍ ପ୍ରସ୍ତୁତି ଓ ଗୋଷ୍ଠୀ ସଶକ୍ତିକରଣ ବଳରେ ହିଁ ବିପର୍ଯ୍ୟୟର ସଫଳ ମୁକାବିଲା ସମ୍ଭବ ବୋଲି କହିଥିଲେ । ପ୍ରାକୃତିକ ବିପର୍ଯ୍ୟୟକୁ ରୋକି ହେବ ନାହିଁ ସତ କିନ୍ତୁ ସଚେତନତା ଏବଂ ପ୍ରାକ୍ ପ୍ରସ୍ତୁତି ବଳରେ ପ୍ରଶମନ କରାଯାଇପାରିବ । ଏଣୁ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇବାକୁ ଆହ୍ୱାନ ଜଣାଇଥିଲେ । ପ୍ରାକୃତିକ ବିପର୍ଯ୍ୟୟର ତାଣ୍ଡବଲୀଳାକୁ ପ୍ରତିହତ କରିବା ପାଇଁ ବୈଜ୍ଞାନିକ ଜ୍ଞାନକୌଶଳର ଉପଯୋଗ ଓ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି କହିଥିଲେ । ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନର ଆବଶ୍ୟକତା ଓ ଗୁରୁତ୍ୱ ସବୁବେଳେ ରହଛି । ଆମ ରାଜ୍ୟ ପ୍ରତିବର୍ଷ କିଛିନା କିଛି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାବେଳେ ଏହାର ମୁକାବିଲା ନିମନ୍ତେ ଯୋଜନାବଦ୍ଧ ପ୍ରାକ୍ ପ୍ରସ୍ତୁତି ଅନିର୍ବାଯ୍ୟ । କେନ୍ଦୁଝରେ ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ଏହି ସମାରୋହରେ ଯୋଗ ଦେଇ ୧୯୯୯ ମସିହାରେ ସଂଘଟିତ ମହାବାତ୍ୟାର କରୁଣ ଚିତ୍ର ଉପସ୍ଥାପନ କରି ସଚେତନତା ଓ ପ୍ରାକ୍ ପ୍ରସ୍ତୁତି ବଳରେ କିପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରାଯାଇପାରିଛି ସେ ସଂପର୍କରେ ଆଲୋଚନା କରିଥିଲେ । ଆପତ୍‌କାଳୀନ ଅଧିକାରୀ ଶ୍ରୀମତୀ ସୁରଂଜିକା ବେହେରା, ଭାଷଣ ପ୍ରସଙ୍ଗରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପ୍ରଶମନ ଉପରେ ବିଶଦ୍ ଭାବେ ଆଲୋଚନା କରି ଯେ କୌଣସି ପରିସ୍ଥିତିରେ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତଙ୍କଠାରେ ଗଭୀର ଆତ୍ମବିଶ୍ୱାସ ଓ ଦୃଢ ଇଚ୍ଛାଶକ୍ତି ରହିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଉପ ନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ, ସଂଜୀବ ବାରିକ ସ୍ୱାଗତ ସମ୍ଭାଷଣ କରିବା ସହ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ । ଶେଷରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିପର୍ଯ୍ୟ ପ୍ରସ୍ତୁତିପାଇଁ ଶପଥପାଠ କରାଯାଇଥିଲା । ଭାରତୀୟ ରେଡକ୍ରସ୍ ସଂସ୍ଥା କେନ୍ଦୁଝର ଜିଲ୍ଲା ଶାଖାର ଯୁଗ୍ମ ସମ୍ପାଦକ ଏ.ଆର୍. ଖାନ୍ ଜିଲ୍ଲା ଆପତକାଳୀନ କାର୍ଯ୍ୟାଳୟର କର୍ମଚାରୀ ଦୟାନିଧି ସେଠୀ, ମହମ୍ମଦ ସାହାନ୍‌ୱାଜ୍ , ସତ୍ୟବତୀ ଲାଗୁରୀ, ମାନସ ରଂଜନ ଜେନା, ସନ୍ଦୀପ ପଟ୍ଟନାୟକ ଏବଂ ଜୟଦେବ ତାମୁଲିଆ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

## ବିଜେପିର ସାଂଗଠନିକ ବୈଠକ

ଖୋର୍ଦ୍ଧା,୩୦/୧୦ (ନି.ପ୍ର): ଭାରତୀୟ ଜନତା ପାର୍ଟି ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀର ଏକ ବିଶେଷ ସାଂଗଠନିକ ବୈଠକ ରାମେଶ୍ୱର ପାଟ୍ଟିକା ନିକଟରେ ଜିଲ୍ଲା ସଭାପତି ରଶ୍ମୀରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରଦୀପ ପ୍ରଜ୍ୱଳନ ଓ ବନ୍ଦେ ମାତରଂ ଗାନ ପରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଗାମୀ ଦିନରେ ସଂଗଠନକୁ ସୁଦୃଢ଼ କରି ନିର୍ବାଚନ ଜିତିବା ପାଇଁ ଭୋଟର ତାଲିକା ଧରି ଘର ଘର ବୁଲି ପୃଷ୍ଠା ସମିତି, ପୃଷ୍ଠା ପ୍ରମୁଖ ଓ ସଂଯୋଜକମାନଙ୍କ ସହାୟତାରେ ପ୍ରଧାନମନ୍ତ୍ରୀ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିବା ଯୋଜନାକୁ ଲୋକଙ୍କ ପାଖରେ ପହଂଚାଇବାକୁ ଆହ୍ୱାନ ଦେଇଥିଲେ । ଆଜି ଓଡ଼ିଶା ସରକାରର ଅବହେଳା କାରଣରୁ ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ । ରାଜ୍ୟର ମୁଖ୍ୟମନ୍ତ୍ରୀ ଏହି ବିଷୟରେ ଅଜ୍ଞ ବୋଧହୁଏ । ଏଣୁ ମୁଖ୍ୟମନ୍ତ୍ରୀ ନିଜ ମୁଣ୍ଡକୁ ଦୋଷ ନେବା ଆବଶ୍ୟକ । ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଭାଜପା ଜିତିବା ପାଇଁ ଲଢ଼ିବ । ଏଣୁ ଆସନ୍ତାକାଲି ଠାରୁ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ତଳସ୍ତରରେ ନେତାମାନେ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଆହ୍ୱାନ ଦେଇଥିଲେ । ଉପରୋକ୍ତ କାର୍ଯ୍ୟକ୍ରମରେ କାଳୁଚରଣ ଖଣ୍ଡାୟତରାୟ, ନିକୁଞ୍ଜ କିଶୋର ପଟ୍ଟନାୟକ, ପ୍ରବୀଣା ଭଞ୍ଜଦେଓ, ଆଲୋକ ଛୋଟରାୟ, ବିପିନ ପାଲଟାସିଂ, ଲୋକନାଥ ପ୍ରଧାନ, ଅଶୋକ ପଟ୍ଟନାୟକ ମଂଚାସୀନ ଥିଲେ । କେଳୁଚରଣ ଜଗଦ୍ଦେବ ମଂଚ ପରିଚାଳନା କରିଥିଲେ ।

## ମତ୍ସ୍ୟଜୀବିଙ୍କ ଦ୍ୱାରା କଇଁଛଙ୍କ ସୁରକ୍ଷା ପାଇଁ ନୂଆ ଆପ୍ର ଶୁଭାରମ୍ଭ

କେନ୍ଦ୍ରାପଡ଼ା,୩୦/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ହଜାର ହଜାର ମତ୍ସ୍ୟଜୀବି ଦୈନିକ ସମୁଦ୍ରକୁ ମାଛ ଧରିବା ପାଇଁ ଯାତାୟତ କରନ୍ତି । ରାଜ୍ୟ ସରକାର ଏମ୍‌ଏସ୍ ସ୍ୱାମୀ ନାଥନ ରିସର୍ଚ ଫାଉଣ୍ଡେସନ ସଂସ୍ଥା ଦ୍ୱାରା ତିଆରି କରା ଯାଇଥିବା ମୋବାଇଲ ଆପ ବ୍ୟବହାର କରି କିପରି ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ଓ ମତ୍ସ୍ୟଜୀବି ମାନଙ୍କ ମାଛ ଧରିବା ସୁବିଧା କରାଯାଇ ପାରିବ ସେ ସମ୍ବନ୍ଧରେ ଆପର ପ୍ରୟୋଗ ଉଦ୍‌ଘାଟନ କରାଯାଇଛି । କୃଷି ଓ କୃଷକ ସଶକ୍ତି କରଣ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ଡ଼ଃ ଅରୁଣ କୁମାର ସାହୁ ମତ୍ସ୍ୟଜୀବି ମାନଙ୍କ ଉଦ୍ଦେଶ୍ୟରେ ଏହି ଆପ କୁ ଲୋକାର୍ପିତ କରିଛନ୍ତି । ଏହି ଆପ୍ କୁ ବ୍ୟବହାର କରି ମତ୍ସ୍ୟଜୀବି ମାନେ ଗହିରମଥା ଓ ଅନ୍ୟାନ୍ୟ ସାମୁଦ୍ରିକ ନିଷିଧାଂଚଳ ଜାଣି ପାରିବା ସହ ଅଧିକ ମାଛ ଥିବା ସ୍ଥାନ ବିଷୟରେ ସୂଚନା ପାଇ ପାରିବେ । ଏହା ସହ ପାଣିପାଗ ସମ୍ବନ୍ଧୀୟ ପ୍ରାରମ୍ଭିକ ସୂଚନା ଏହି ଆପରୁ ଜାଣି ପାରିବେ । ମତ୍ସ୍ୟଜୀବି ମାନଙ୍କ ଜୀବନ ଜୀବିକାର ସୁରକ୍ଷା ଓ ବିଶ୍ୱ ପ୍ରସିଦ୍ଧ ଅଲିଭ ରିଡଲେ କଇଁଛର ସୁରକ୍ଷା ହେବା ସହ ନିଷିଧାଂଚଳର ନିକଟବର୍ତୀ ହେବାମାତ୍ରେ ମୋବାଇଲେ ସତର୍କ ସୂଚନା ଜଣାଇ ଦିଆଯିବ ।

## ଲିଙ୍ଗଗତ ସମାନତା କର୍ମଶାଳା ଆରମ୍ଭ

ପୁରୀ,୩୦/୧୦ (ନି.ପ୍ର): ଲିଙ୍ଗଗତ ସମାନତା ସମ୍ପର୍କରେ ଜିଲ୍ଲାର ବିଦ୍ୟାଳୟ ସ୍ତରୀୟ ତିନି ଦିନିଆ କର୍ମଶାଳା ଆଜି ସ୍ୱର୍ଗଦ୍ୱାର ନିକଟ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆରମ୍ଭ ହୋଉଛି । ଓପେପା ଓ ପିପିଲ ଫର ଆକ୍ସନ ପକ୍ଷରୁ ଏହି କର୍ମଶାଳା ଆୟୋଜନ କରାଯାଇଛି । ପିପୁଲ ଫର ଆକ୍ସନର ଡ଼େପୁଟି ଡ଼ାଇରେକ୍ଟର ମନମିତ୍ କୌର ଏହି କର୍ମଶାଳାକୁ ଉଦଘାଟନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ, ଗୋଷ୍ଠୀ, ସମାଜ ଓ ଶିକ୍ଷା କ୍ଷେତ୍ରରେ ସୃଷ୍ଟି ହେଉଥିବା ଲିଙ୍ଗଗତ ଓ ସମାନତାକୁ କିପରି ଦୂର କରିହେବ ସେ ସମ୍ପର୍କରେ ମତ ପ୍ରକାଶ ପାଇଥିଲା । ପୁଅ ଓ ଝିଅଙ୍କ ସମାଜରେ ସମାନ ଅଧିକାର ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରମୋଦ କର, ପିପୁଲ ଫର ଆକ୍ସନର ରାଜ୍ୟ ସଂଯୋଜକ ହିତେଶ ଦାସଭାୟା, ଜିଲ୍ଲା ସଂଯୋଜକ ସଂଗ୍ରାମ ସାମଲ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସନ୍ତୋଷ ଚୌଧୁରୀ, ବିଦ୍ୟାଳୟର ଆଲୁମିନି କମିଟି ପ୍ରତିନିଧି ସୁକାନ୍ତ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ । ୫୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରେ ଯୋଗଦେଇଛନ୍ତି । ଛାତ୍ରୀମାନଙ୍କୁ ଗଳ୍ପ ଲିଖନ, ଚିତ୍ରାଙ୍କନ, ଓ ଖେଳ ମାଧ୍ୟମରେ ଲିଙ୍ଗଗତ ସମାନତା ଆଣିବା ପାଇଁ ମାନସିକ ସ୍ତରରେ ସୁଦୃଢ଼ କରିବା ପାଇଁ ଟ୍ରେନିଂ ଦିଆଯିବ । କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ହୋତା, ରଶ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ପଥରରେ ମୁଣ୍ଡକୁ ଛେଚି ହତ୍ୟା ଉଦ୍ୟମ : ଥାନାରେ ଅଭିଯୋଗ

କୋରାଇ,୩୦/୧୦ (ନି.ପ୍ର): ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଖମଣ ପଂଚାୟତର ଠାକୁରପାଟଣା ଗ୍ରାମର ବାବୁଲି ଦାସଙ୍କ ସ୍ତ୍ରୀ ପାର୍ବତୀ ଦାସ(୪୬)ଙ୍କ ଅଭିଯୋଗ ମୁତାବକ ପ୍ରତିଦିନ ଭଳି ଗତ ୨୮ତାରିଖ ସକାଳେ ଫୁଲ ତୋଳୁଥିବା ସମୟରେ ତାଙ୍କର ପଡୋଶୀ ରବିନ୍ଦ୍ର ମାଝୀଙ୍କ ସ୍ତ୍ରୀ ମିନତୀ ସହ ପାଟିତୁଣ୍ଡ ହୋଇଥିଲା । ପରେ ଉଭୟେ ଘରକୁ ପଳାଇଥିଲେ । ଠିକ ଦିନ ୨ଟା ସମୟରେ ପାର୍ବତୀ ଗୋବର ପକାଇବାକୁ ଗଲାବେଳେ ମିନତୀ ଏକ ପଥରରେ ପାର୍ବତୀ ମୁଣ୍ଡକୁ ଛେଚି ଦେଇଥିଲା । ଫଳରେ ପାର୍ବତୀ ମୁଣ୍ଡରେ ଗଭୀର ଆଘାତ ହେବା ସହ ସେ ଟଳି ପଡିଥିଲେ । ଏହି ସମୟରେ ପାର୍ବତୀର ପୁଅ ଆସିବାରୁ ତାର ଗୋଡକୁ ପଥର ଫିଙ୍ଗିବାରୁ ତାର ଗୋଡରେ ଆଘାତ ଲାଗିଥିଲା । ମିନତୀର ପୁଅ ପ୍ରକାଶ ଓ ସ୍ୱାମୀ ରବିନ୍ଦ୍ର ସେଠାରେ ପହଂଚି ଜୀବନରୁ ମାରି ଦେବାକୁ ଧମକ ଦେଉଥିଲେ । ଏନେଇ ପାର୍ବତୀକୁ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତି କରାଯିବା ପରେ ପାଣିକୋଇଲି ଥାନାରେ ଅଭିଯୋଗ କରାଯାଇଛି । ପୁଲିସ ଘଟଣାର ତଦନ୍ତ କରୁଥିବାବେଳେ ପାର୍ବତୀର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୧ ଅକ୍ଟୋବର, ୨୦୨୧
email : rabibarachayan2015@gmail.com



## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୪୮

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମୋତେ ବଣେଇକୁ ଯିବାପାଇଁ ପ୍ରସ୍ତୁତ ହେବାକୁ ହେବ । ମୋର ଗୋଟିଏ ଅନୁରୋଧ ଶୁଣିବା ସକାଶେ ଅଳ୍ପ ସମୟ ଅପେକ୍ଷା କରିବାକୁ କହିଲି । ମୁଁ କହିଲି, ସବ୍‌ଡେପୁଟିମାନଙ୍କ ଡେପୁଟି ପଦକୁ ଉନ୍ନତି ବିଷୟରେ ବୋର୍ଡ ଅଫ୍ ରେଭେନ୍ୟୁ କର୍ତ୍ତା । ମୁଁ ବଣେଇକୁ ଚାଲିଯିବା ପରେ ସରକାରଙ୍କ ରାଜନୈତିକ ବିଭାଗରେ ରହିବା ଫଳରେ ରାଜସ୍ୱ ବିଭାଗ ସହିତ ମୋ ନାମରେ ସୁଦ୍ଧା ସମ୍ପର୍କ ରହିବନାହିଁ । ଏହି ଅସୁବିଧା ଦୂରକରିବା ସକାଶେ ପୋଲିଟିକେଲ୍ ଏଜେଣ୍ଟଙ୍କୁ ତାଙ୍କ ଅଧୀନସ୍ଥ ଗଡ଼ଜାତ ରାଜ୍ୟରେ ଥିବା ସବ୍‌ଡେପୁଟିମାନଙ୍କ ଉନ୍ନତି ସମ୍ବନ୍ଧରେ ବିଭାଗୀୟ କମିଶନରଙ୍କ କ୍ଷମତା ଦେଲେ ଏହି ଅସୁବିଧା ରହିବ ନାହିଁ । ଚିଫ୍ ସେକ୍ରେଟାରୀ ଏହା ଖଣ୍ଡେ କାଗଜରେ ଟିପି ନେଲେ ଓ ମୁଁ ବଣେଇ ଗଲେ ସୁଦ୍ଧା ମୋର ଉନ୍ନତି ବିଷୟରେ କୌଣସି ବାଧା ହେବନାହିଁ ବୋଲି କହିଲେ ।

ଚିନ୍ତାନ୍ୱିତ ହୋଇ ମୁଁ ବାହାରି ଆସିଲି ଓ କ୍ରେଭେନ୍ ସାହେବଙ୍କୁ ସମସ୍ତ କଥା ଜଣାଇଲି । ପୁଣି ସେ ମୋତେ କହିଲେ ଯେ, ବଣେଇ ଯିବା ମୋ ପକ୍ଷରେ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ହେବ । ଅବିଳମ୍ବରେ ଛୁଟିନେଇ ବଣେଇକୁ ନଯିବା ସକାଶେ ଉପାୟ କରିବା ପାଇଁ ସେ ମୋତେ ଉପଦେଶ ଦେଲେ ।

ଗଭର୍ଣ୍ଣର ଓ ପୋଲିଟିକେଲ୍ ଏଜେଣ୍ଟ ଅନୁଗୁଳରୁ ଚାଲିଯିବା ପରେ ମୁଁ ତିନିମାସ ଛୁଟି ସକାଶେ ଦରଖାସ୍ତ କରିଦେଲି । ମୋର ଜ୍ୟେଷ୍ଠାକନ୍ୟା ମନୋରମାର ବିବାହ ମୁଁ ଢେଙ୍କାନାଳରେ ଥିବା ସମୟରେ ହୋଇ ଯାଇଥିଲା । ତାହାକୁ ଶ୍ୱଶୁରାଳୟକୁ ପଠାଇବା ସକାଶେ ବନ୍ଦୋବସ୍ତ କରିବା ପାଇଁ ଛୁଟି ଆବଶ୍ୟକ ବୋଲି ଲେଖିଲି । କାର୍ଯ୍ୟ ଅତି ଜରୁରୀ ବୋଲି ସରକାରଙ୍କ ହୁକୁମ ଅପେକ୍ଷାରେ ମୋତେ ଛୁଟିରେ ଯିବାପାଇଁ ଅନୁମତି ଦେଇଅଛନ୍ତି ବୋଲି ମୋ ଦରଖାସ୍ତ ଉପରେ କ୍ରେଭେନ୍ ସାହେବ ଲେଖିଦେଲେ । ମୁଁ ଦୁଇତିନି ଦିନ ମଧ୍ୟରେ ଅନୁଗୁଳ ତ୍ୟାଗକଲି । ମୁଁ ସମ୍ବଲପୁରକୁ ସପରିବାର ଆସିବା ସକାଶେ କ୍ରେଭେନ୍ ସାହେବ ଢେଙ୍କାନାଳ ଷ୍ଟେଟ୍‌ର ଗୋଟିଏ ମୋଟର ଅଣାଇଦେଲେ ।

ସମ୍ବଲପୁରରେ ପହଞ୍ଚିବା ତିନିଚାରି ଦିନପରେ ଅନୁଗୁଳ ଡେପୁଟି କମିଶନରଙ୍କଠାରୁ ଗୋଟିଏ ଟେଲିଗ୍ରାମ ଓ ପୋଲିଟିକେଲ୍ ଏଜେଣ୍ଟଙ୍କଠାରୁ ଗୋଟିଏ ପତ୍ର ପାଇଲି । ପୋଲିଟକେଲ୍ ଏଜେଣ୍ଟଙ୍କ ସହିତ ଅବିଳମ୍ବରେ ବଲାଙ୍ଗିରରେ ସାକ୍ଷାତ କରିବା ସକାଶେ ଉଭୟରେ ମୋତେ ହୁକୁମ ହୋଇଅଛି ।

ଏହାର ଅଳ୍ପଦିନ ପୂର୍ବେ ପାଟଣା ମହାରାଜା ପୃଥ୍ୱୀରାଜ ସିଂହଦେଓଙ୍କ ପରଲୋକ ଯାତ୍ରା ହୋଇଥିଲା । ତାଙ୍କ ପୋଷ୍ୟପୁତ୍ର ଶ୍ରୀ ରାଜେନ୍ଦ୍ରନାରାୟଣ ସିଂହଦେଓ ସେତେବେଳେ ନାବାଳକ ଥିବାରୁ ଷ୍ଟେଟ୍‌ର ଶାସକ ଅଭାବରେ ରାଜ୍ୟ ଶାସନର ସର୍ବବିଧ ବ୍ୟବସ୍ଥା କରିବା ସକାଶେ ପୋଲିଟିକେଲ୍ ଏଜେଣ୍ଟ ଫିଲିପ୍ ସାହେବ ବଲାଙ୍ଗିରରେ ରହିଥିଲେ । ମୁଁ ଯାଇ ତାଙ୍କ ସହିତ ସେଠାରେ ସାକ୍ଷାତ କଲି । ମୋତେ ଦେଖିବା ମାତ୍ରକେ ସେ ବିରକ୍ତି ବ୍ୟଞ୍ଜକ ଭାଷାରେ କହିଲେ, ମୋର ଝିଅ ବିଦାୟ ବଣେଇ ନଯିବା ପକ୍ଷରେ ବାହାନା ମାତ୍ର । ମୋତେ ନିଶ୍ଚୟ ବଣେଇ ଯିବାକୁ ହେବ ଏବଂ ପ୍ରକୃତରେ ଯଦି ମୋର କନ୍ୟା ବିଦାୟ ସ୍ଥଗିତ ରଖି ନପାରେ ତାହାହେଲେ ପ୍ରଥମରେ ବଣେଇରେ ମୋ କାର୍ଯ୍ୟରେ ଯୋଗଦେଇ ଦଶଦିନର ଛୁଟି ଆଣି କାର୍ଯ୍ୟ ନିର୍ବାହ କରିବାକୁ ହେବ । ମୁଁ କହିଲି ଯେ, ମୁଁ ଡେପୁଟି ପଦକୁ ଉନ୍ନତି ଆଶାରେ ରହିଅଛି । ଗଡ଼ଜାତଶାସନ ଅତ୍ୟନ୍ତ କଠିନ ବ୍ୟାପାର । ମୋର ଦୁର୍ଭାଗ୍ୟକୁ ଯଦି କୌଣସି ଦୁର୍ଘଟଣା ଘଟେ ତାହାହେଲେ ମୋର ଉନ୍ନତିର ଉପାୟ ଆଉ ରହିବ ନାହିଁ । ଏହାହିଁ ବଣେଇକୁ ଯିବା ସମ୍ବନ୍ଧରେ ମୋର ଆପତ୍ତିର କାରଣ । ଏପରି କହି ମୋତେ ବଣେଇକୁ ନପଠାଇବା ପାଇଁ ଯେତେ ଅନୁରୋଧ କଲି ଓ ଯୁକ୍ତି ଦେଖାଇଲି ଶୁଣିଲେ ନାହିଁ । ତାଙ୍କ କଥାରୁ ଜାଣିଲି ଯେ, ଆଉ ଜଣେ ଦୁଇଜଣ ସବ୍‌ଡେପୁଟିଙ୍କୁ ଏହି କାର୍ଯ୍ୟ ଯଚା ହୋଇଥିଲା । କିନ୍ତୁ କେହି ଯିବାପାଇଁ ସମ୍ମତ ହେଲେ ନାହିଁ । ଢେଙ୍କାନାଳରେ କାର୍ଯ୍ୟକରି ଗଡ଼ଜାତ ଶାସନ ସମ୍ବନ୍ଧରେ ମୋର ଅଭିଜ୍ଞତା, ପୁଣି ମୁଁ ଜଣେ ଗଡ଼ଜାତବାସୀ । ଏହି କାରଣରେ ମୋତେ ଏହି କାର୍ଯ୍ୟ ସକାଶେ ନିର୍ବାଚନ କରାହୋଇଛି । ଏହା ଉତ୍ତାରେ ଫିଲିପ୍ ସାହେବ ଚିଫ୍ ସେକ୍ରେଟାରୀ ତାଙ୍କଠାରୁ ଯେଉଁ ପତ୍ର ଲେଖିଥିଲେ, ତାହା ମୋତେ ଦେଖାଇ ଦେଲେ । ତହିଁରେ ଲେଖାଥିଲା ଯେ ଯଦି ମୁଁ ବଣେଇକୁ ଯାଏଁ ଓ ଭଲକାର୍ଯ୍ୟ କରେ ତାହାହେଲେ ତାହା ମୋର ଡେପୁଟି ପଦକୁ ଉନ୍ନତି ସକାଶେ ସହାୟକ ହେବ । ସରକାରଙ୍କ ହୁକୁମ ଲଂଘନ କରିବାକୁ ତ ଉପାୟ ନାହିଁ, ଅଗତ୍ୟା ମୋତେ ସ୍ୱୀକୃତ ହେବାକୁ ହେଲା । ନିଜେ ଫିଲିପ୍ ସାହେବ ମୋର ବଣେଇ ପହଞ୍ଚିବା ଦିନ ସ୍ଥିର କରିଦେଲେ । ବଲାଙ୍ଗିରରୁ ଫେରି ଦୁଇ ଚାରିଦିନ ମଧ୍ୟରେ ବଣେଇକୁ ଯିବା ସକାଶେ ପ୍ରସ୍ତୁତ ହେଲି ।

ଅନୁଗୁଳରେ ଥିବା ସମୟରେ ୧୯୨୩ ମସିହା ଜାନୁୟାରୀ ମାସରେ ମୋର ଷଷ୍ଠକନ୍ୟା ସୁରମାର ଓ ୧୯୨୪ ମସିହା ଏପ୍ରିଲ ମାସରେ ସପ୍ତମ ନୀଳିମାର ସମ୍ବଲପୁରରେ ଜନ୍ମ ହୋଇଥିଲା । ନୀଳିମାକୁ ମିଶି ଏହି ସମୟରେ ମୋର ଗୋଟିଏ ପୁଅ ଓ ସାତଟି ଝିଅ ଥିଲେ ।

### ବଣେଇରେ ଦେୱାନି

ସମ୍ବଲପୁରରୁ ବଣେଇକୁ ଯିବାକୁ ହେଲେ ଦୁଇଟି ପଥ । ଗୋଟିଏ, କଲିକତା ଯାଇଥିବା ରେଳ ଲାଇନର ଗାଙ୍ଗପୁର ଷ୍ଟେଟ୍ (ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲା) ମଧ୍ୟସ୍ଥ ପାନପୋଷ ଷ୍ଟେସନ୍‌ରେ ଓହ୍ଲାଇ ୩୮ ମାଇଲ ଗଲେ ବଣେଇଗଡ଼ରେ ପହଞ୍ଚିବାକୁ ହୁଏ । ଅପରଟି, ବାମଣ୍ଡା ଷ୍ଟେସନରେ ଓହ୍ଲାଇ ବାମଣ୍ଡା ରାଜଧାନୀ ଦେବଗଡ଼ ଦେଇ ୮୦ ମାଇଲ । ଆଉ ଗୋଟାଏ ମଧ ଅଛି । ତାହା ସମ୍ବଲପୁରର ଦେବଗଡ଼ ଦେଇ ଏକଶତ ମାଇଲ । ଏହି ପଥରେ ବଡ଼ରମା ପାହାଡ଼ ଘାଟି ଉଠି ପୁଣି ଦୁଇସ୍ଥଳରେ ବ୍ରାହ୍ମଣୀ ନଦୀ ପାରିହେବାକୁ ହୁଏ । ମୁଁ କୌଣସି ବାଟ ଦେଖି ନଥିଲି । ମୋର ସୁପରିଚିତ ସମ୍ବଲପୁରର କାଠ ବ୍ୟବସାୟୀ ଶ୍ରୀ ଯୋଗେଶଚନ୍ଦ୍ର ମୁଖାର୍ଜ୍ଜୀ ବାମଣ୍ଡା ଷ୍ଟେସନ୍ ନିକଟରେ ରହୁଥିବା ତାଙ୍କ ଭାଇ ଶ୍ରୀ ସୁରେଶଚନ୍ଦ୍ର ମୁଖାର୍ଜ୍ଜୀଙ୍କୁ ମୋ ଯିବାପାଇଁ ବନ୍ଦୋବସ୍ତ କରିବା ସକାଶେ ପତ୍ର ଲେଖିଥିଲେ । ସୁରେଶବାବୁ ସେଠାରେ ରହି କାଠ ବ୍ୟବସାୟ କରୁଥିଲେ । ବାମଣ୍ଡା ଷ୍ଟେସନରେ ଓହ୍ଲାଇ ତାଙ୍କ ମୋଟରରେ ବଣେଇ ଯାତ୍ରା କଲି ।

୧୯୨୪ ମସିହା ଏପ୍ରିଲ୍ ମାସ, ଦିନେ ସନ୍ଧ୍ୟାରେ ବଣେଇ ଗଡ଼ରେ ପହଞ୍ଚିଲି । ଦେୱାନ ଖାଁ ସାହେବ ସାଫିବୁଦ୍ଦିନ୍ ମୋତେ ଅପେକ୍ଷା କରୁଥିଲେ । ଖାଁ ସାହେବ ଓଡ଼ିଶା କମିଶନରଙ୍କ ଦପ୍ତରରେ ଜଣେ କିରାଣି । ବହୁବର୍ଷ ହୋଇଥିଲା ଭିନ୍ନ ଭିନ୍ନ ଗଡ଼ଜାତ ରାଜ୍ୟରେ ଦେୱାନି କରି, ଏହି ସମୟରେ ବଣେଇରେ ପ୍ରାୟ ତିନିବର୍ଷ ପୂର୍ବେ ଆସି ରହିଥିଲେ । ଏଠାରୁ ଅନ୍ୟ ଏକ ରାଜ୍ୟକୁ ଦେୱାନ ପଦରେ ଯାଉଥିବାରୁ ତାଙ୍କ ସ୍ଥଳରେ ମୁଁ ପ୍ରେରିତ ହୋଇଥିଲି । ବଣେଇଗଡ଼ରେ ପହଞ୍ଚି ତାଙ୍କ ସହିତ ସାକ୍ଷାତ କଲି । ମୋର ଡାକବଙ୍ଗଳାରେ ରହିବା ବନ୍ଦୋବସ୍ତ ହୋଇଥିଲା । ପରଦିନ ସକାଳେ ମୁଁ କାର୍ଯ୍ୟଭାର ଗ୍ରହଣ କଲି ।

ରାଜା ସାହେବଙ୍କ ସହିତ ସେହିଦିନ ସାକ୍ଷାତ କଲି । ସେ ମୋତେ ଗୋଟିଏ ସନନ୍ଦ ଲେଖିଦେଲେ; ତାହା ସରକାରଙ୍କ ନିର୍ଦ୍ଦେଶମତେ । ତାହାଦ୍ୱାରା ଷ୍ଟେଟ୍ ଶାସନ ବିଷୟକ ତାଙ୍କ ସମସ୍ତ କ୍ଷମତା ମୋତେ ହସ୍ତାନ୍ତର କରିଦେଲେ । ଏପରିକି କୌଣସି ବିଷୟରେ ଖଣ୍ଡିଏ ଦରଖାସ୍ତ ଗ୍ରହଣ କରିବା କ୍ଷମତା ମଧ ନିଜ ହସ୍ତରେ ରଖିଲେ ନାହିଁ । ଷ୍ଟେଟର ଯାବତୀୟ ବିଭାଗର ଶାସନ ସହିତ ତାଙ୍କର ଆଦୌ ସମ୍ବନ୍ଧ ରହିଲା ନାହିଁ । କେବଳ ଦେୱାନି ଓ ଫୌଜଦାରି ମୋକଦ୍ଦମାରେ ଦେୱାନଙ୍କ ରାୟ ବିରୁଦ୍ଧରେ ଅପିଲ ଶୁଣିବା କ୍ଷମତା ରହିଲା । କିନ୍ତୁ ଏହା ମଧ ଏପରିଭାବେ ସୀମାବଦ୍ଧ ହୋଇ ରହିଲା ଯେ ରାଜା ଏହି କ୍ଷମତା କ୍ୱଚିତ ବ୍ୟବହାର କରୁଥିଲେ । ସରକାରଙ୍କ ନିର୍ଦ୍ଦେଶ ଥିଲା ଯେ, ରାଜା ଦେୱାନଙ୍କ ରାୟ ରଦ୍ଦ କରିପାରିବେ ନାହିଁ ଓ ଯେଉଁ ଅପିଲ୍‌ରେ ରାୟ ରଦ୍ଦ କରିବା ତାଙ୍କ ଅଭିମତ ହେବ ସେହି ବିଷୟରେ ସେ ପଲିଟିକାଲ୍ ଏଜେଣ୍ଟଙ୍କୁ ଜଣାଇବେ ଓ ତାଙ୍କ ମତାନୁସାରେ କାର୍ଯ୍ୟ ହେବ । (କ୍ରମଶଃ)

## ପର୍ଦ୍ଦା ପଛର କଥା ଭାଗ-୨୨

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।



### ପ୍ରେମ ବଂଧନ

'ବୋଉ' ଚଳଚ୍ଚିତ୍ରର ଗୀତ ଚର୍ଚ୍ଚାରେ ରହିବା ପରେ ବି' ଗୀତ ଲେଖିବା ପାଇଁ ନିମନ୍ତ୍ରଣ ଆସିଲା ନାହିଁ । କାହାକୁ ଆପ୍ରୋଚ କରିବାର ମାନସିକତା ମୋର ନଥିଲା । ଏବେ ବି' ନାହିଁ । ସବୁଠୁ ଅଧିକ ପ୍ରଶଂସା ଓ ଢେର୍ ପୁରସ୍କାର ମିଳିଲା 'ବୋଉ'ର ଶୀର୍ଷକ ଗୀତ ପାଇଁ । ଏବେ ବି ୟୁଟ୍ୟୁବ ସର୍ଚ୍ଚ କଲେ ଗୀତଟିକୁ ଭିନ୍ନ ଭିନ୍ନ ଗାୟକ ଗାୟିକା ଗାୟନ କରୁଥିବାର ଜଣାଯାଏ । 'ବୋଉ' ଫିଲ୍ମରୁ ଜଣେ ଗୀତିକାର ଭାବରେ ଆତ୍ମିକ ତୃପ୍ତି ଲାଭ କଲି ।

ଏ ଭିତରେ ଦିନେ ହଠାତ୍ ଦେଖା ହେଲା ମିତା ସହ । ମିତା ଚକ୍ରବର୍ତ୍ତୀ । କେତୋଟି ଚଳଚ୍ଚିତ୍ରରେ ନାୟିକା, ପାର୍ଶ୍ୱ ନାୟିକା ଚରିତ୍ରରେ ଅଭିନୟ କରିଥାନ୍ତି । ଅତୀତରେ ଗୋଟିଏ ଧାରାବାହିକରୁ ତା' ସହ ପରିଚୟ । ପରିଚୟରୁ ଆତ୍ମୀୟତା । ମିତା କହିଲେ, "ରଜନୀ ଭାଇ ! ଗୋପାଳ ଯୋଗେଶ ଗୋଟାଏ ଫିଲ୍ମ କରୁଛନ୍ତି । ପ୍ରଡ୍ୟୁସର ମୋର ପରିଚିତ । ତମେ ଗୀତ ଓ ଡାଇଲଗ୍ ଲେଖିବ ।"

ଗୋପାଳ ଯୋଗେଶଙ୍କ ସହ ମୋର ପରିଚୟ ନଥିଲା । କେବଳ ଶୁଣିଥିଲି ଅଭିନେତ୍ରୀ ଜୟା ସ୍ୱାମୀଙ୍କ ସ୍ୱାମୀ, ଜୟା ମୋର ଫେଭରାଇଟ୍ ଆକ୍‌ଟ୍ରେସ । ମିତା ମତେ ପୁଷ୍ପକ ହୋଟେଲରେ ଗୋପାଳବାବୁଙ୍କ ସହ ପରିଚୟ କରାଇ ଦେଲେ । 'ବୋଉ ଗୀତ ଗୋପାଳବାବୁ ଶୁଣିଥିଲେ । ପ୍ରଥମ ଦେଖାରେ କହିଲେ, "ଆପଣ ଡାଇଲଗ୍ ଲେଖିବେ ଓ ପାଞ୍ଚୋଟିଯାକ ଗୀତ ମଧ ଲେଖିବେ ।"

ମତେ ଜାଣିନଥିବା ଜଣେ ବ୍ୟକ୍ତି ମୋ ଉପରେ ଏତେ ଭରସା କରିପାରେ ଭାବି ଖୁସି ଲାଗିଲା । ଗୋପାଳ ବାବୁ ପୂର୍ବରୁ ୨ଟି ଓଡ଼ିଆ ଚଳଚ୍ଚିତ୍ର କରିଥିଲେ । 'ପତି ପରମେଶ୍ୱର' ଓ 'ଷୋଳ ଶୁକ୍ରବାର' । 'ପ୍ରେମ ବଂଧନ'ର ପ୍ରସ୍ତୁତି ଭିତରେ 'ଷୋଳ ଶୁକ୍ରବାର' ରିଲିଜ୍ କଲା । ଚିତ୍ରଟିର କାହାଣୀ ଭଲ ଥିଲା ମାତ୍ର ବୈଷୟିକ ଦୃଷ୍ଟିକୋଣରୁ ଦୁର୍ବଳ ଥିଲା । ଭାବିଲି ଗୋପାଳବାବୁଙ୍କ ସାଥିରେ କାମ କରିବାର ନିଷ୍ପତ୍ତି ନେଇ କିଛି ଭୁଲ କରିଛି କି ?

ତେବେ ଗୋପାଳବାବୁଙ୍କ କାହାଣୀ କହିବାର ଶୈଳୀ ମତେ ଖୁବ୍ ଭଲ ଲାଗିଲା । ପ୍ରତିଟି ଦୃଶ୍ୟ ବର୍ଣ୍ଣନା ସମୟରେ ମୋ ଆଗରେ ଚଳଚ୍ଚିତ୍ରର ଦୃଶ୍ୟ ପରି ପ୍ରତୀୟମାନ ହେଲା । ଅନୁରୂପ ଭାବରେ ମଧ ବୁଢ଼ା ମହାରଣା କାହାଣୀ ବର୍ଣ୍ଣନା କରିବାରେ ମାହିର ଥିଲେ । ତେବେ ସେ ଯାହା ହେଉ ମତେ ଗୋଟେ ଖାତାରେ ହିନ୍ଦିରେ ଲାଇନ୍ ଆପ୍ କରି ଦେଇ ମୁମ୍ବାଇ ଚାଲିଗଲେ ଗୋଟିଏ ଧାରାବାହିକର ସୁଟିଂ ପାଇଁ । କଥାଥିଲା ସେ ଫେରିବା ବେଳକୁ ମୁଁ ସ୍କ୍ରିପ୍ଟ କମ୍ପ୍ଲିଟ୍ କରିଦେବି । ମିତା ମଧ ସ୍କ୍ରିପ୍ଟରେ ସାହାଯ୍ୟ କଲେ । ନିର୍ଦ୍ଦିଷ୍ଟ ସମୟରେ ଗୋପାଳବାବୁ ଫେରିଲେ ମୁଁ ସ୍କ୍ରିପ୍ଟ ପଢ଼ିଲି । ମାତ୍ର ସେ ଖୁସି ହୋଇପାରିଲେ ନାହିଁ । ପୁଣି ଥରେ ମୋ ଆଗରେ ବର୍ଣ୍ଣନା କଲେ ଓ ମୁଁ ଅବିକଳ ସେଇ କଥାକୁ ନୋଟ୍ କରିଚାଲିଲି । ସେହିଦିନ ରାତିରେ ହିଁ ମୁଁ ଅନିଦ୍ରା ହୋଇ ପଇଁଚାଳିଶଟି ସିନ୍ ଲେଖିଥିଲି ।

ତହିଁ ପରଦିନ ସ୍କ୍ରିପ୍ଟ ରିଡିଂରେ ଗୋପାଳବାବୁ ବହୁତ ଖୁସି ହୋଇଥିଲେ ମୋ ଉପରେ । ଏବେ ଗୀତ ଓ ସଂଗୀତର ପାଳି । ଆରେଞ୍ଜର ତାରାକାନ୍ତ ପଣ୍ଡାଙ୍କୁ ସଂଗୀତ ନିର୍ଦ୍ଦେଶନାର ଦାୟିତ୍ୱ ଦେଲେ ଗୋପାଳ ଦାଦା ।

ତାରାକାନ୍ତ ପଣ୍ଡା ମୋର ପୂର୍ବରୁ ପରିଚିତ । ସିକ୍ୟୁଏନ୍ସ ଅନୁଯାୟୀ ପ୍ରଥମେ ମୁଁ ମୁଖୁଡ଼ା ଲେଖିଲି ଓ ତାରାକାନ୍ତ ଚଟାପଟ୍ ଟ୍ୟୁନ୍ କରିନେଲେ । ତିନିଦିନ ମଧ୍ୟରେ ଗୀତ ଲେଖା କାମ ସରିଲା । ଗୋପାଳ ଦାଦାଙ୍କର ସଂଗୀତରେ ରୁଚି ଅଧିକ । ନିଜେ ଅଣଓଡ଼ିଆ ହୋଇଥିଲେବି ପ୍ରତିଟି ଶବ୍ଦକୁ ବିଶ୍ଲେଷଣ କରୁଥିଲେ । ମାଝି ଗୀତଟିକୁ ସବୁଠୁ ଚମତ୍କାର ଓ ଭାବୋଦ୍ଦୀପକ ହୋଇଥିଲା । "ମାଝି ଜାଣେ କେଉଁ କୂଳେ ଘର" ଗୀତଟିକୁ ଘନଶ୍ୟାମ ପଣ୍ଡାଙ୍କ କଣ୍ଠରେ ରେକର୍ଡ କରାଗଲା । ଏହି ଗୀତଟି ପାଇଁ ସେ ବର୍ଷର ସିନେକ୍ରିଟିକ୍ ପୁରସ୍କାର ମୁଁ ପାଇଥିଲି ।

ଚଳଚ୍ଚିତ୍ରର ପ୍ରଯୋଜକ ଥିଲେ ବ୍ରହ୍ମପୁରର ଟୁନାବାବୁ (ହିମାଂଶୁ ରାଓ) ଓ କେଶବ ରେଡି । ଦୁହେଁ ଯୁବକ, ସୁଟିଂରେ ଉପସ୍ଥିତ ରହି ସବୁଥିରେ ନଜର ରଖିଥାନ୍ତି । ନାୟକ ଥିଲେ ଅଭିନବ ସିଂ ଓ ନାୟିକା ରାମେୟା । ଅଭିନବ ପୂର୍ବରୁ ଗୋପାଳଦାଦାଙ୍କର 'ଷୋଳ ଶୁକ୍ରବାର'ରେ ନାୟକ ଥିଲେ । ନାୟିକା ଖୋଜାରେ ଅନେକ ସମୟ ବିତିଯାଇଥିଲା । ମନଲାଖି ନାୟିକା ପାଇବା ପାଇଁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା । ଶେଷ ମୁହୂର୍ତ୍ତରେ ଦକ୍ଷିଣୀ ନାୟିକା ରାମେୟାଙ୍କୁ ନାୟିକା ଭୂମିକାରେ ନିଆଗଲା ।

ଚଳଚ୍ଚିତ୍ରଟି ମନ୍ଦ ହୋଇନଥିଲା, ମାତ୍ର ଆଶାନୁରୂପ ବ୍ୟବସାୟ କରିପାରିନଥିଲା । କାହାଣୀ ଓ ସଂଗୀତ ଭଲଥିଲା । ଗୀତ ଗୁଡ଼ିକ ଭଲ ହୋଇଥିଲା ମାତ୍ର ସଂଳାପ ଲେଖାରେ ମୁଁ ନିଜେ ଖୁସି ନଥିଲି । କାରଣ ମୋର ସ୍ୱାଧୀନତା କିଛି ପରିମାଣରେ କ୍ଷୁର୍ଣ୍ଣ ହେଲା ପରି ଲାଗୁଥିଲା ।

ଗୋପାଳ ଦାଦାଙ୍କ ସହ ସଂପର୍କ ବଢ଼ିଲା । ମୁଁ ଚଳଚ୍ଚିତ୍ର ଦୁନିଆରେ ଆଉ ଗୋଟାଏ ପାଦ ଆଗେଇଲି । (କ୍ରମଶଃ)

## କବିତା.... ଆମ ସମୟର

● ସୁରେନ୍ଦ୍ର ପାଣିଗ୍ରାହୀ

### ॥ ସ୍ମୃତି ତୁମେ ମୋର ॥



ସ୍ମୃତି ତୁମେ ମୋର ଗଂଗଶିଉଳିର ଗୀତି
ସ୍ମୃତି ତୁମେ ମୋର କୁଆଁର ପୁନେଇଁ ରାତି।

ସ୍ମୃତି ତୁମେ ମୋର ଯୋଗୀର କେଂଦରା ଗୀତ
ସ୍ମୃତି ତୁମେ ମୋର ପରବାସୀ ମନ ମିତ ।

ସ୍ମୃତି ତୁମେ ମୋର ଶ୍ରାବଣର ମେଘ ଧାରା
ସ୍ମୃତି ତୁମେ ମୋର ଆଷାଢ଼ର ଦୋଳି ଖେଳା ।

ସ୍ମୃତି ତୁମେ ମୋର ଚଇତେ ମଲ୍ଲୀ ମହକ
ସ୍ମୃତି ତୁମେ ମୋର ମାଆର ମଧୁର ଡାକ ।

ସ୍ମୃତି ତୁମେ ମୋର ଖୁଦୁରୁକୁଣିର ଖଇ
ସ୍ମୃତି ତୁମେ ମୋର ଶିଳରେ ରଗଡ଼ା କାଇ ।

ସ୍ମୃତି ତୁମେ ମୋର ପ୍ରେମର ପହିଲି ଛୁଆଁ
ସ୍ମୃତି ତୁମେ ମୋର ଶୀତରେ ଉମେଇଁ ନିଆଁ ।

ସ୍ମୃତି ତୁମେ ମୋର ବାସଂତୀ ବେଳାର କୁହୁ
ସ୍ମୃତି ତୁମେ ମୋର ଅଂବ ବଉଳର ମହୁ ।

ସ୍ମୃତି ତୁମେ ମୋର ଅଂଧାର ରାତିର ତରା
ସ୍ମୃତି ତୁମେ ମୋର ମିଠା ସରାଗର ଗରା।

ସ୍ମୃତି ତୁମେ ମୋର ଖରାବେଳ ଗଛ ଛାଇ
ସ୍ମୃତି ତୁମେ ମୋର ଜୀବନ ଯମୁନା ନଈ ।

♥ ବରି, ବାଲେଶ୍ୱର
(ମୋ) ୯୪୩୭୨୮୨୯୮୪

● ଉମାକାନ୍ତ ରାଉତ

### ॥ ଦେବୀ ॥



ସେ କାନ୍ଦିଲେ
ଛାତି ତଳେ ଅସରା ଶ୍ରାବଣ
ସେ ଆସିଲେ ଉଡ଼ିଯାଏ
ଚକାମାଡି ବସିଥିବା ଜହ୍ନ ଅମାନତ
ତା' ହସରେ.....
ଆକାଶର ଅନନ୍ତ କାୟାକୁ
ଚରିଯାଏ ନିର୍ମଳ ଶରତ

ଗୁମାନ ତା' ଆଖି ଟୋପେ
କଅଁଳ ଲୁହରେ
ବୁଡିଯାଏ ସାତତାଳ ଶୋଷର ସମୁଦ୍ର
ଫ୍ରକ୍ ପିନ୍ଧା ସର୍କସ୍‌ର ଝିଅପରି
ଡେଇଁ ଡେଇଁ ନାଚୁଥିବା ଅଂଶୁଘାତି ଖରା
ରାସ୍ତାରେ ଘୁମେଇ ପଡ଼େ
ସତେ ଅବା ପିଇଛି କି ମଦ !

ଧାନଫୁଲ ଭଳି ତା'ର
ଉଡୁଥିବା କଅଁଳ ମନକୁ, ଯେତେବେଳେ
ଉହୁଁକାଇ ନିଏ ଧୃତ ଚହଲା ପବନ
ଘାବରେଇ ଚାହିଁଥା'ନ୍ତି ଆକାଶ ବିଜୁଳିମାନେ
ମେଲିଯାଏ ମଲ୍ଲୀ ଆଉ ଟଗର ପସରା
ସଂଜବତୀ, ଆକାଶର ତରା

ଅସ୍ତରାଗ ଦିଗବଳୟେ
ଅନ୍ଧାରର କୁଆଁ କୁଆଁ ରାବ ଶୁଣି
ଚେନା ଚେନା ଆକାଶର ମୁହଁ ଯେବେ
ହେଇପଡେ ରାଗ ଥମଥମ
ମେଘ ସବାରୀରେ ବସି ସେ ଓହ୍ଲାଏ
ଆକାଶରୁ ତୋଳି ସାତରଙ୍ଗ

ସମୀରଣ ତୂଳୀ ଧରି
ସୋରି ସୋରି ମେଘ ମେଳେ
ବିଜୁଳିର ଗୋରୀ ଆଲୁଅରେ
ପବନର ପିନ୍ଧିଲା କାନିକୁ ଚିରି
ଆକାଶର ଜଖମ୍ ଛାତିକୁ ସିଏ
ବାନ୍ଧୁଥାଏ ରେଶମୀ ତୁଳାରେ...

ଚେତା ଫେରି ପାଇ ଯେବେ
ଆକାଶଟା ଆଖି ମିଟିମିଟି କରେ
ସିଏ ଖୋଜେ.....
ଧନମାଳି ଖୋଜିଲା ଆଖିରେ

ହିଲ୍ଲୋଳିତ ଛାତି ଆଉ ଗଦ୍ ଗଦ୍ କଣ୍ଠରେ
ସିଏ ଡାକେ ....
କିଏ ? କିଏ ତୁମେ ??
କିଏ ଆଗୋ ଅନୁପମା ଦିବ୍ୟା ଅପସରି ?

ଖୋଲିଯାଏ ବଉଦ କବାଟ
ଉଭାହୁଏ ଲାଳିତ୍ୟର ଶୁଭ୍ରା ମୁହଁଟିଏ
ତା' ଚେହେରା
ଅବିକଳ ତୁମ ରୂପ ପରି ।

♥ ବିଜେଗଙ୍ଗାଧରପୁର (ହାତିସାହି)
ପୋ: ମୌଦା, ଭଦ୍ରକ
(ମୋ) ୮୨୪୯୧୦୮୪୫୨

● ସୁଧାଂଶୁ ଅଶୋକ

### ॥ ପ୍ରୀତିର ସ୍ମୃତି ॥



ହୃଦୟ ତ ଚାହିଁଥିଲା
ହସ ଖୁସିର ସଂସାର
କେବଳ ତୁ ଆଉ
ଅଭୁଲା ତୋର ପ୍ରୀତିର ସ୍ମୃତି
ଛାତି ତଳେ ଦରଜର ଆଧାର ହେଲା ।

କେତେବେଳେ ନୟନ ଏଇଠି
ଢ଼ଳଢ଼ଳ ଅଶ୍ରୁର ଜଳରେ
ବିମୁଗ୍ଧ ବେଦନାର ସାଗର ହେଲା,
ସମାନ୍ତର ଦୃଷ୍ଟିର ଉପପାଦ୍ୟ ବୁଝୁବୁଝୁ
ନିରୁଦ୍‌ବେଗ ହୃଦୟର
ଭାବ ଭଲ୍‌ଖାର ସୁଅରେ
ପୁଣି ଭାସିଗଲା ॥

କେତେବେଳେ ତୋର ଅନନ୍ୟ ରୂପର
ଅରୁଣିମାରେ ସିଏ ଝଲସି ଉଠିଲା,
ସ୍ମୃତି ଆକାଶର ନୀଳିମାର ଗନ୍ତାଘରେ
ପରସ୍ତ ପରସ୍ତ ଧୂଳି, ଅଳନ୍ଧୁ ଝାଡ଼ି
ଯେତେ ନିରେଖିଲେ ବି
ସବୁ କିଛି ତାରକା ଭଳି
ପାହାନ୍ତାକୁ ପୋଛି ହୋଇଗଲା ।

ମୁଁ ତ ଜାଣି ନଥିଲି
ପ୍ରେମର ଉଜାଣି ବନ୍ୟାରେ ପହଁରିବାକୁ
ତୋ ଇଶାରାରେ କି ମୋହିନୀ ଥିଲା ଯେ
ମନ ମୋର ଆକର୍ଷି ହେଲା
ଏବଂ ତୋର ମଧୁର ଲାବଣ୍ୟମୟ ସ୍ୱରୂପର
ଆକାଙ୍‌କ୍ଷାରେ ଏକାଗ୍ର ହେଲା ।

ଅମୂର୍ତ୍ତ ଆହ୍ଲାଦର ଉପଲବ୍‌ଧି ପରେ
ତୋ ସହ ଏକାକାର ହେବାକୁ
ତୋ ପ୍ରଚଣ୍ଡ ଉଦ୍‌ଭାସର ସାମ୍ରାଜ୍ୟର
ସିଂହାସନରେ ଆରୁଢ଼ ହେବାକୁ
ସତ୍ତା ମୋର ସମାଧିସ୍ଥ ହେଲା
ଏବଂ
ତୋ ପ୍ରେମର ଉଚ୍ଚାଟ ପରଶ ଲାଗି
ବିହ୍ୱଳି ଉଠିଲା ॥

ହୃଦୟ ତ ଚାହିଁ ଥିଲା
ହସ ଖୁସିର ସଂସାର
କେବଳ ତୁ ଆଉ
ତୋର ଅଭୁଲା ପ୍ରୀତିର ସ୍ମୃତି
ଛାତିତଳେ ଦରଜର ଆଧାର ହେଲା ।

♥ ମହାବୀର ଛକ, ବଡ଼ଗାଁ, ସୁନ୍ଦରଗଡ
(ମୋ)୭୯୭୮୭୯୫୭୬୬

● ମୂଳ ବଙ୍ଗଳା: ଈଶିତା ଭାଦୁଡୀ ● ଅନୁବାଦ : ପ୍ରଦୀପ କୁମାର ରାୟ

### ॥ ଇଣ୍ଟରନେଟ୍‌ରେ ନୀଳ ଆକାଶ ॥





ଫେସବୁକ୍‌ରେ ବର୍ଷା ପୋଷ୍ଟ କଲ ତୁମେ...
ଦୁଇଲକ୍ଷ ଛପନ ହଜାର ଲାଇକ୍.....
ତଥାପି ଆସିଲା ନାହିଁ ବର୍ଷା ।
ବର୍ଷା ବଦଳରେ କିଛି କଳା ମେଘ
ଆକାଶଟାକୁ ଧୂସର କରିଦେଲା,
ସାଥିରେ ମୁଠାଏ ନରମ ବତାସ ।

ଫେସବୁକ୍ ବା ଟୁଇଟରରେ ନୁହେଁ,
ଲଫାପାରେ ପଠାଇବ ବର୍ଷା,
ସାଥିରେ କାଳବୈଶାଖୀ ଝଡ଼ ।
ଲଫାପାର ମୁହଁ ବନ୍ଦ କରିଦେବ ଅଠା ଲଗାଇ,
ଯେମିତି କି ଆସିବା ବାଟରେ ପଡି ନ ଯାଏ
ଖଣ୍ଡ ଖଣ୍ଡ ମେଘ
ଅନ୍ୟ କେଉଁଠାରେ,
ବର୍ଷା ସାଥିରେ ପଠାଇବ ଭିଜାମାଟି ବାସ୍ନା
ମୋ ପାଇଁ ।

ତୁମର ଅଗଣା ଭର୍ତ୍ତି ଖରା
ମେଲ୍ କରିବି
ଆଉ ଇଣ୍ଟରନେଟରେ ପଠାଇବି
ଗୋଟିଏ ନୀଳ ଆକାଶ ।

♥ ଡି/୪, ବାସୁଦେବ ଏନକ୍ଲେଭ,
ବିଜୁ ନଗର, ପଟିଆ, ଭୁବନେଶ୍ୱର-୨୪
(ମୋ) ୯୪୩୭୫୩୪୭୭୩

● ମୂଳ ଆସାମୀ: ମିଣ୍ଟୁଲ୍ ହାଜରିକା ● ଅନୁବାଦ : ଅଜିତ୍ ପାତ୍ର

### ॥ ପଡ଼ିଆ ॥





ତମ ପାଇଁ ଖାଲି ଖରା-ବର୍ଷା-ପବନ
ମୁଣ୍ଡରେ ନେଇ
ବସିଥାନ୍ତି ମୋ' ବାପା

ବାପାଙ୍କ ରକ୍ତରେ ଅଙ୍କୁରିତ ହୁଏ
ଆମର ନିଃଶ୍ୱାସ

ତମ ଜଟ-ଚୁଟିରେ ବାନ୍ଧି ରଖେ
ସବୁଜ-ସୁନେଲି ବେଣୀ

ଆମେ ବଞ୍ଚିଥାଉ
ପୃଥିମାରୀ ନଈ ଯେତେଦିନ ନା ସମୁଦ୍ର ହୁଏ

ଆମେ ବଞ୍ଚିଥାଉ
ଯେତେଦିନ ନା ଆକାଶର ଆଖି କଳା ହୁଏ

ହେ ଆମର ସବୁଜିମା ପଡ଼ିଆ ତୁମପାଇଁ
ଆମେ ଦ୍ୱିମୁଠା ଖାଇବାକୁ ପାଉ ।

ତମେ ଭଲ ନରହିଲେ
ଆମେ କ୍ଷୁଧାର୍ଥ ଭିକ୍ଷୁକ ହେଉ ।

♥ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ବାରିପଦା, ଓଡ଼ିଶା
(ମୋ)୯୮୬୧୬୨୯୭୦୨

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର, ୩୧ ଅକ୍ଟୋବର, ୨୦୨୧



## ପ୍ରେମରେ ପ୍ରେମରେ ଗୀତି ....(୨୨)



### ॥ ସତ କଳାକାର ପରି ॥

ତୁମେ ଜିତିଗଲ ଦୁନିଆ ଆଖିରେ
ମିଛ ଅଭିନୟ କରି,
ମୁଁ କିନ୍ତୁ ବସିଛି ରଙ୍ଗ ମାଖି ମୁଖେ
ସତ କଳାକାର ପରି ।

କେତେ ଯେ ସପନ ରଖିଛି ଗୋପନ
କାହାକୁ କହିବି ଖୋଲି,
ଯିଏ ବି ଶୁଣିବ ସିଏ ବି ଭାବିବ
ମନଗଢ଼ା କଥା ବୋଲି,
ନିଜ ଲୁହ ନିଜେ ପିଇ ମୁଁ ବଞ୍ଚିଛି
ତୁମରି ସ୍ମୃତିକୁ ଧରି ।

ଭାବିଥିଲି ଆମ ଗଳପ ସେଦିନ
ଅଳପ ପୂରଣ ହେବ,
ବାଜିବ ମହୁରି ଲାଗିବ ସବାରି
ତୁମେ ବଧୂବେଶେ ଥିବ,
ହେଲେ ବାଟଭାଙ୍ଗି ଚାଲିଗଲ ତୁମେ
ଚାହିଁଲନି ଆଡ଼କରି ।

■ ବିପିନ ମହାନ୍ତି
୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧




## ■ ଆଲୋଚନା ■

# ଆଜିର ଶିଶୁ ସାହିତ୍ୟ ଓ ଶିଶୁ ସାହିତ୍ୟକ

ଅମୂଲ୍ୟ କୁମାର ପଣ୍ଡା



ସୃଷ୍ଟିର ସମସ୍ତ ସାହିତ୍ୟ ମଧ୍ୟରେ ଶିଶୁ ସାହିତ୍ୟ ହେଉଛି ମେରୁଦଣ୍ଡ ସଦୃଶ। ଆଜି ଯିଏ ଯେଉଁ କ୍ଷେତ୍ରରେ ଯେତେ ବଡ ସାହିତ୍ୟକ ହୋଇ ନାମ କମାଇଛନ୍ତି ସେମାନେ ସବୁ ପିଲାବେଳେ ଶିଶୁ ସାହିତ୍ୟ କୁ ପ୍ରଥମେ ନିଜ ପ୍ରିୟ ସାହିତ୍ୟ ରୂପରେ ବାଛି ଥିବେ ନିଶ୍ଚିତ। ଶିଶୁ ମାନଙ୍କ ମନରେ ସହଜରେ ଆନନ୍ଦ ଦେବା ଓ ଶିଶୁର ମାନସିକ ଶକ୍ତିକୁ ବୃଦ୍ଧି କରିବା ତଥା ଶିଶୁଙ୍କ ହୃଦୟ, ମନକୁ ଛୁଇଁ ପାରୁଥିବା ସରଳ ଶବ୍ଦରେ ଏକ ପ୍ରକାରର ମନୋରଞ୍ଜନ କରିବା ହେଉଛି ଶିଶୁ ସାହିତ୍ୟର ମୁଖ୍ୟ ଲକ୍ଷ୍ୟ । ପୂର୍ବରୁ ବହୁ ଶିଶୁ ସାହିତ୍ୟିକ ମାନେ ଯେଉଁ ଶିଶୁ ସାହିତ୍ୟ ସୃଷ୍ଟି କରିଥିଲେ ତାହା ଥିଲା ଟିକେ ବୌଦ୍ଧିକ, ରସାଳ ଓ ଆଧ୍ୟାତ୍ମିକ ଚେତନା ଯୁକ୍ତ । ତେଣୁ ଶିଶୁ ମନକୁ ତାହା ଠିକ୍ ଭାବେ ସ୍ପର୍ଶ କରିପାରୁ ନଥିଲା । ଏହାକୁ ହୃଦୟଙ୍ଗମ କରିଥିଲେ ପରବର୍ତ୍ତୀ ସମୟରେ କିଛି ବିଶିଷ୍ଟ କବି ମାନେ ଓ ଶିଶୁ ସାହିତ୍ୟର ଏହି ଅସୁବିଧାକୁ ଦୃଷ୍ଟିରେ ରଖି ସେମାନେ ଶିଶୁମାନଙ୍କ ପାଇଁ ରଚନା କରିଥିଲେ ଅନେକ ସରଳ ବୋଧଗମ୍ୟ ଭାଷାରେ ଶିଶୁ ସାହିତ୍ୟ। ଯାହା ମଧ୍ୟରେ ଶିଶୁର କୌତୁକ ଓ ମେଧାଶକ୍ତି ଜାଗ୍ରତ କରିବା ପାଇଁ ରହିଥିଲା ବହୁ ଉପାଦେୟ ବିଷୟବସ୍ତୁ ଓ ସରଳ ଶବ୍ଦ ଚାତୁରୀ । ଶିଶୁ ସାହିତ୍ୟ ମଧ୍ୟରେ ରହିଛି ପିଲାମାନଙ୍କ ପାଇଁ ରଚିତ କାହାଣୀ, ଗଳ୍ପ ଓ କବିତା । ଶିଶୁ ସାହିତ୍ୟ ଦୁଇଟି ବୟସ ସୀମା ଭିତରେ ବିଭକ୍ତ। ଗୋଟେ ହେଉଛି ଶୈଶବ ଓ ଅନ୍ୟଟି କିଶୋର ଶ୍ରେଣିର। ଶୈଶବ ମାନଙ୍କ ପାଇଁ ଶିଶୁ ସାହିତ୍ୟରେ ଟିକେ ବିଭିନ୍ନ ଦିଗ ପ୍ରତି ଲକ୍ଷ୍ୟ ରଖିବାକୁ ପଡେ ! ଏହି ଯେମିତି ସରଳ ଯୁକ୍ତାକ୍ଷର ବିହୀନ ଶବ୍ଦ ସଂଯୋଜନା ଯତିପାତ ଓ ଉପଧା ମିଳନ ଆଉ କିଶୋର ମାନଙ୍କ ଯୁକ୍ତାକ୍ଷର ମିଶିଲେ ଚଳିବ। ଶିଶୁ ସାହିତ୍ୟରେ ମାଆର ଲୋରି ଗୀତ, ପରୀ କାହାଣୀ, ଲୋକ ଗୀତ ଓ ଗାଆଁରେ ବେବହାର ହୋଇଥିବା ଡଗଡମାଳି ଗୀତ ବି ଅନ୍ତର୍ଭୁକ୍ତ। ଆମ ଓଡ଼ିଆରେ ଶିଶୁ ସାହିତ୍ୟର ବହୁତ ଲେଖା ରହିଛ ଆଉ ଏବେ ବି ହେଉଛି । ତେବେ କଥା ହେଲା ଏହି ଲେଖା କାହା ପାଇଁ। ଶିଶୁ ସାହିତ୍ୟ ପଢିବ କିଏ ? ଓଡ଼ିଶାର ଗାଁ ଗହଳିଠାରୁ ନେଇ ସହର ପର୍ଯ୍ୟନ୍ତ ସବୁଠି ତ ପିଲାଏ ଇଂରାଜୀ ମାଧ୍ୟମରେ ପାଠ ପଢିଲେ। ତାଙ୍କ ମଧ୍ୟରୁ କେତେଜଣ ଓଡ଼ିଆ ଗଳ୍ପ ବା ଗୀତ ପଢିବାର ସାମର୍ଥ୍ୟ ରଖନ୍ତି ? ଏଣୁ ଓଡିଆରେ ଶିଶୁ ସାହିତ୍ୟ ସୃଷ୍ଟି ତ ହେଉଛି, କିନ୍ତୁ ତାହା କେବଳ ଶିଶୁ ସାହିତ୍ୟିକଙ୍କ ଆତ୍ମ ସନ୍ତୁଷ୍ଟି ପାଇଁ, ଆଉ କିଛି ନୁହେଁ। ବର୍ତ୍ତମାନ ଯୁଗର ଶିଶୁ ମାନଙ୍କ ପାଇଁ ସାହିତ୍ୟ ର ଗୁରୁତ୍ୱପୂର୍ଣ୍ଣ ରହିଚି । ଏହି ଶିଶୁ ସାହିତ୍ୟକୁ ମାନ୍ୟତା ଦେବା ପାଇଁ କେତେ ବଡ ବଡ ସାହିତ୍ୟକ ଯେ କେତେ କଷ୍ଟ କରିଛନ୍ତି ତାହା କହି ହେବ ନାହିଁ। କିନ୍ତୁ ଏବେକାର ଶିଶୁ ତାହା ବୁଝୁନାହାନ୍ତି ବିଶେଷ କରି ଅଭିଭାବକ ମାନେ ଏ ବିଷୟରେ ଅନଭିଜ୍ଞ ବା ଜାଣି ଶୁଣି ଶିଶୁ ସାହିତ୍ୟକୁ ହତାଦର କରୁଛନ୍ତି ଯାହା ଫଳରେ ପିଲାମାନେ ଟିଭି ଓ ମୋବାଇଲ ବ୍ୟବହାର କରି ନିଜର ସମୟ ଅତିବାହିତ କରୁଛନ୍ତି ଓ ଶୈଶବ ସମୟରୁ ଯେଉଁ କଥା ନ ଜାଣିବା କଥା ସେ କଥା ସେମାନେ ଜାଣି ଛୋଟ ବେଳୁ ତାଙ୍କ ମସ୍ତିଷ୍କ ବିକୃତି ଘଟୁଛି । ଆଜିକାଲି ଆମ ରାଜ୍ୟରେ ଅନେକ ପତ୍ର ପତ୍ରିକା ବାହାରୁଚି ମାସିକ, ପାକ୍ଷିକ ଓ ସାପ୍ତାହିକ ରୂପେ। ବିଶେଷ କରି ଦୈନିକ ଖବରକାଗଜ ମାନେ ଏଥିରେ ଆଗୁଆ ଅଛନ୍ତି ଆଉ ସେଥିରେ ପ୍ରତ୍ୟେକ ସପ୍ତାହରେ ଥରେ ଶିଶୁ ସାହିତ୍ୟ ପୃଷ୍ଠା ରହୁଛି। ଏହି ଯେମିତି ସମାଜର ( ଶିଶୁ ରାଇଜ) , ସମ୍ବାଦର (ଫୁଲଝରି), ଧରିତ୍ରୀର (ପିଲାଙ୍କ ଧରିତ୍ରୀ) , ପ୍ରଜାତନ୍ତ୍ରର (ମୀନାବଜାର), ନିତିଦିନର ( ନବ ପଲ୍ଲବ), ପ୍ରଗତିବାଦୀର (ଫ୍ୟୁଚର କିଡ୍-ସ) , ସକାଳର (ସୁମନ) , ପ୍ରମେୟର (ପ୍ରଜାପତି) , ସମ୍ବାଦ କଳିକାର (କଳିକା) , ମାତୃଭାଷାର (ଶିଶୁ ଦୁନିଆ) ଆଉ ଧ୍ୱନି ପ୍ରତିଧ୍ୱନିର (ଫୁଲକଢି) ଇତ୍ୟାଦି ଇତ୍ୟାଦି। ଏଥିରେ ଶିଶୁ ମନଲାଖି କବିତା ଗଳ୍ପ ଓ ଅନନ୍ୟା ଉପାଦେୟ ଜାଣିବା କଥା ଦିଆ ଯାଉଛି। ଯାହା କୋମଳମତି ପିଲାମାନେ ପଢି କିଛି ଶିକ୍ଷା ଲାଭ କରିବା ସହିତ ତାଙ୍କର ମନୋରଞ୍ଜନ ବି ହେଉଛି। ଏଥିପାଇଁ ନିଶ୍ଚିତ ପ୍ରସଂଶା ପାତ୍ରର ହକଦାର ହେଉଛନ୍ତି ଉକ୍ତ ଖବରକାଗଜର ସମସ୍ତ ସମ୍ପାଦକ, ସମ୍ପାଦନା ମଣ୍ଡଳୀ ଓ ଉକ୍ତ ଶିଶୁ ପୃଷ୍ଠା କୁ ସଂଯୋଜନା କରୁଥିବା ସମସ୍ତ ସଂଯୋଜକ / ସଂଯୋଜିକା ମାନେ। ଏହା ସହିତ ଉକ୍ତ ଶିଶୁ ପୃଷ୍ଠା ଗଳ୍ପ ଓ କବିତା ଲେଖୁଥିବା ସମସ୍ତ ଶିଶୁ ସାହିତ୍ୟକ ସ୍ରଷ୍ଟା ମାନେ ମଧ୍ୟ ଧନ୍ୟବାଦ ପାତ୍ର । ତେବେ କିଛି ଖବରକାଗଜ ରେ ଯେଉଁ ଶିଶୁ ପୃଷ୍ଠା ପ୍ରକାଶ ପାଉଛି ଉକ୍ତ ଖବରକାଗଜ ଅନୁସାରେ ସେଥିରେ ଶିଶୁ ସାହିତ୍ୟକଙ୍କ ବଦଳରେ କେବଳ କୁନି କୁନି ପିଲାମାନଙ୍କର କବିତା ଓ ଗଳ୍ପ ପ୍ରକାଶିତ ହୋଇଛି । ମାତ୍ର ପ୍ରକୃତରେ ସେ ଲେଖା ସେ କୁନି ପିଲାଙ୍କର ଆଦୌ ନୁହେଁ, ସେ ଲେଖା ହେଉଛି ସେମାନଙ୍କ ପିତାମାତାଙ୍କର। ଏହାର କାରଣ ସେ ପୃଷ୍ଠାରେ ଯେ ହେତୁ ଶିଶୁ ସାହିତ୍ୟକମାନଙ୍କ ଲେଖା ପ୍ରକାଶ ପାଇ ପାରୁନି ବାଧ ହୋଇ ସେ ଖବରକାଗଜର ଶିଶୁ ପୃଷ୍ଠାକୁ ଉକ୍ତ ଶିଶୁ ସାହିତ୍ୟକ ମାନେ ନିଜ ରଚିତ ଶିଶୁ ଲେଖାକୁ ନିଜ ପିଲା ମାନଙ୍କ ନାମରେ ପ୍ରକାଶ କରିବାକୁ ବାଧ ହେଉଛନ୍ତି। ଏଥିରେ ସନ୍ଦେହ ନାହିଁ ଯେ ଯେଉଁ ଶିଶୁ ମାନଙ୍କ ନାମରେ ସବୁ ଲେଖା ପ୍ରକାଶ ହୋଉଛି ନିଶ୍ଚିତ ଭାବରେ ସେମାନଙ୍କ ପିତାମାତା ମଧ୍ୟରୁ କେହି ଜଣେ ଶିଶୁ ସାହିତ୍ୟିକ ନିଶ୍ଚୟ ହୋଇଥିବେ। ଏଠାରେ ଗୋଟେ କଥା କୁହାଯାଇ ପାରେ ଯେ ଶିଶୁ ମାନେ ଯେଉଁ ଖାଦ୍ୟ ଖାଆନ୍ତି ସେ ଖାଦ୍ୟକୁ ସେମାନଙ୍କ ମାତା ପିତା ପ୍ରସ୍ତୁତ କରିଥାନ୍ତି ନା ସେହି କୁନି ଶିଶୁ ପ୍ରସ୍ତୁତ କରି ନିଜେ ଖାଇ ଥାଏ। ଶିଶୁଙ୍କୁ ତାଙ୍କ ମାତାପିତାଙ୍କ ପ୍ରସ୍ତୁତ ଖାଦ୍ୟ ଦିଆଯାଏ ଯାହା ଦ୍ୱାରା ସେମାନଙ୍କର ଶରୀର ବୃଦ୍ଧି ହୋଇଥାଏ ଠିକ୍ ସେହିପରି ପ୍ରକୃତ ଶିଶୁ ସାହିତ୍ୟକଙ୍କ ସ୍ୱରଚିତ ଲେଖା ପ୍ରକାଶିତ ହେଲେ ଶିଶୁ ମାନେ ପଢି ସେମାଙ୍କର ମେଧାଶକ୍ତି ବୃଦ୍ଧି ପାଇଥାଏ। ବର୍ତ୍ତମାନ ଶିଶୁ ସାହିତ୍ୟ ବହୁତ୍ ଲେଖା ଯାଉଛି। ଆଉ ଓଡ଼ିଶାରେ ବହୁତ୍ ଶିଶୁ ସାହିତ୍ୟିକ ମଧ୍ୟ ଅଛନ୍ତି। ଏହା ଶିଶୁ ସାହିତ୍ୟ ପାଇଁ ଏକ ଶୁଭ ସମୟ । କିନ୍ତୁ ଶିଶୁ ସାହିତ୍ୟ ର ସାହିତ୍ୟକମାନେ ଅନେକ୍ ଦିଗ ପ୍ରତି ଧ୍ୟାନ ଦେବା ଉଚିତ୍। କାରଣ ଶିଶୁ ସାହିତ୍ୟ ର କବିତା ଗୁଡିକ ରଚନା କଲା ବେଳେ ପ୍ରତ୍ୟେକ ପଂକ୍ତିର ଅକ୍ଷର ସଂଖ୍ୟା ସମାନ ବିଶେଷ କରି ଅମିତ୍ରାକ୍ଷର ଛନ୍ଦରେ ଉପଧା ମିଳନ କରିବା ଯାହା ଆବୃତ୍ତି କରିବାକୁ ଭଲ ଲାଗେ ଏବଂ ତାହା ବିନା ଯୁକ୍ତାକ୍ଷର ସହ ସରଳ ଭାଷା ପ୍ରୟୋଗ ହେବା ଉଚିତ୍ । ଶିଶୁଟି କବିତାଟିକୁ ଆବୃତ୍ତି କଲାବେଳେ କୋଉଠି ଯେମିତି ନ ଝୁଣ୍ଟିବ ବା ଅଟକି ନଯିବ ସେଥିପ୍ରତି ନଜର ଦେବାକୁ ହୁଏ। ଏହି ଯେପରି:-

ଅକଲ ମକଲ ଟକଲ ଟିଆଁ /ରାତି ପହିଲାଣି ଉଠୁନ କିଆଁ / କାଉ ଡାକିଲିଣି କାଆ।
ଶେଜ ଛାଡି ପିଲେ ମୁହଁ ଧୋଇ ଦେଇ / ପାଠ ପଢିବାକୁ ଯାଆ ।।

ଏହି ପଦରେ ଯେମିତି ପ୍ରଥମ ଧାଡ଼ିରେ ଏଗାର ଅକ୍ଷରକୁ ଦ୍ୱିତୀୟ ଧାଡ଼ିରେ ବି ଏଗାର ଅକ୍ଷର ଆଉ ତୃତୀୟ ଧାଡ଼ିରେ ଆଠ ଅକ୍ଷର କୁ ଶେଷ ଧାଡ଼ି ବି ଆଠ ଅକ୍ଷର। ତୃତୀୟ ଧାଡ଼ି ଆଉ ଶେଷ ଧାଡ଼ି ଶେଷ ଶବ୍ଦ 'କାଆ – ଯାଆ' ଏହାକୁ ଉପଧା ମିଳନ କୁହଯାଏ । ଉପଧା ମିଳନରେ ଶବ୍ଦ ଅଲଗା ଅଲଗା ହେବ ଓ ମାତ୍ରା ସମାନ ହେବା ଉଚିତ୍, ତେଣିକି ସେ ଦୁଇ ଅକ୍ଷର ଉପଧା ହେଉ କି ତିନି ଅକ୍ଷର ଉପଧା ହେଉ। ଯେପରି ତିନି ଅକ୍ଷର ଉପଧା ମିଳନ ହେଲା –

ବିଜୁଳିବତି ଧଅପ ଜଳି / ଉପରୁ ଚାହିଁ ତଳକୁ /ଡିବିକୁ ଦେଖି କହିଲା ତୁ କି / କଳିବୁ ମୋର ବଳକୁ।
ବହୁ ଦୂରରୁ ଦଉଡ଼ି ଆସି / ଆଲୁଅ ଦିଏ ଜଳେଇ
ମୋତେ ଦେଖିଲେ ଲାଜରେ ତୁହି / କୁଆଡେ ଯାଉ ପଳେଇ ।

ଶିଶୁ ମନଲାଖି ଗାଆଁ ମାନଙ୍କରେ ପ୍ରଚଳିତ ଗୀତ ସବୁ ଶିଶୁକୁ ବୁଝାଇବାର ଏକ ବଳିଷ୍ଠ ମାଧ୍ୟମ ଆଉ ଏହି ଗୀତ ପୃଥିବୀର ସର୍ବତ୍ର ଅଛି । ଏହାକୁ ଆମେ ନାନାବାୟାଗୀତ କହିଥାଉ । ଶିଶୁ ଯେତେବେଳେ କଥା କହି ଶିଖି ନଥାଏ ବା ମନର ଭାବକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରିବାକୁ ଅକ୍ଷମ ଥାଏ, ସେତେବେଳେ କାନ୍ଦି କରି ସାଧାରଣତଃ ତା ମନର ଭାବ ପ୍ରକାଶ କରେ । ତେଣୁ, ଅଧିକାଂଶ ନାନାବାୟା ଗୀତ ଗାଇ ଅଶାନ୍ତ ଶିଶୁକୁ ବୁଝାଇ ଶାନ୍ତ କରନ୍ତି। ଏହି ଯେପରି :-

'ଧୋଓରେ ବାଇଆ ଧୋଓ / ଯେଉଁ କିଆରୀରେ ଗହଳ ମାଣ୍ଡିଆ ସେଇ କିଆରିରେ ଶୋ ।'

ଶିଶୁର ଜନନୀ ହିଁ ଏହି ନାନାବାୟା ଗୀତ ଗୁଡ଼ିକୁ ପୂର୍ବରୁ ରଚନା କରିଛନ୍ତି ଆଉ ସେମାନେ ହିଁ ପ୍ରକୃତରେ ସର୍ବଶ୍ରେଷ୍ଠ କବି ଶିଶୁ ସାହିତ୍ୟର । ଶିଶୁମାନଙ୍କ ନିକଟରେ ଜହ୍ନମାମୁଁର ଆଦର ସବୁଠାରୁ ଅଧିକ । ତେଣୁ, ଶିଶୁ କୌଣସି କାରଣରୁ ଯେତେବେଳେ ଅଝଟ ହୋଇ କାନ୍ଦେ, ତା'ର ମାଆ ତାକୁ କୋଳରେ ବସାଇ ଆକାଶର ଜହ୍ନକୁ ଦେଖାଇ ଗାଏ ଯାହା ଶିଶୁ ସାହିତ୍ୟ ଅନ୍ତର୍ଭୁକ୍ତ, ତାହା ହେଲା :-

'ଆ ଜହ୍ନମାମୁଁ ସରଗ ଶଶୀ, ମୋ କୁନା ସରଥିରେ ଖେଳିବୁ ବସି
ପାଟ ଖଦୀ ଖଣ୍ଡେ ଆଣିବୁ ଯେବେ, କୁନା ସାଥିରେ ତୁ ଖେଳିବୁ ତେବେ
ଖଣ୍ଡିଏ ଦେଲେ ରୁଷିବ, ଦି ଖଣ୍ଡ ଦେଲେ କିରି କିରି ହୋଇ ହସିବ ।'

ଶିଶୁର ଶରୀର ଓ ଆତ୍ମା ନିଷ୍ପାପ ଆଉ ମନ ସରଳ । ତାହାର ଆଚରଣ ମୌଳିକ ରୂପରେ ସ୍ୱଚ୍ଛ, ସ୍ୱଭାବ ନମନୀୟ ଓ କମନୀୟ । ତେଣୁ ଆମ ପୁରାଣରେ ବର୍ଣ୍ଣିତ ଯେ ଶିଶୁ ଭଗବାନ ଙ୍କ ସ୍ୱରୁପ। ଆଜିର ଶିଶୁ କାଲି ଏ ଜାତିର ଭବିଷ୍ୟତ ହେବ । ଏଇ ଧୂଳି ଧୂସରିତ ଶିଶୁର ମସ୍ତିଷ୍କରେ ଆଧ୍ୟାତ୍ମିକ ଭାବ, ବିଜ୍ଞାନର ସୂକ୍ଷ୍ମଜ୍ଞାନ ଭରି ରହିଛି। ତାଙ୍କରି ଭିତରେ ଭବିଷ୍ୟତର ମହାପୁରୁଷ ତଥା ମହାମନୀଷୀ ଅଛନ୍ତ। ତେଣୁ ଶିଶୁ ମାନଙ୍କ ପାଇଁ ଶିଶୁ ସାହିତ୍ୟର ଆବଶ୍ୟକତାକୁ ଅନୁଭବ କରି ଶିଶୁ ସାହିତ୍ୟ ରଚନା କରାଯାଇଛି। ଏହି ଶିଶୁ ସାହିତ୍ୟକୁ ଆହୁରି ଆଗକୁ ବଢ଼ାଇବା ପାଇଁ ତଥା ଭାଷା ସାହିତ୍ୟ ମଜଭୁତ ପାଇଁ ପ୍ରତ୍ୟେକ ଶିଶୁ ସାହିତ୍ୟକ, ପତ୍ର ପତ୍ରିକାର ସମ୍ପାଦକ ଓ ସମ୍ପାଦନା ମଣ୍ଡଳୀଙ୍କ ସହ ସରକାରଙ୍କର ବି ପ୍ରଧାନ କର୍ତ୍ତବ୍ୟ।

+ ଅରଙ୍ଗାବାଦ, ବରୀ, ଯାଜପୁର (ମୋ) ୯୯୩୮୯୦୬୦୭୦

## ଧାରାବାହିକ ଉପନ୍ୟାସ

# ରାଜନୀତି

ଭାଗ– ୯
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସୃଷ୍ଟିଧର ପରିଡା
ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ) ୯୪୩୭୦୬୩୭୦୫



ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଓମ୍‌ଙ୍କୁ ତୀକ୍ଷ୍ଣ ଭାବେ ଚାହେଁ ମୌସୁମୀ । କେମିତିକା ମଣିଷଟେ କେଜାଣି ! ସ୍ତ୍ରୀ ଜଣଙ୍କ ବିରୁଦ୍ଧରେ ଅଭିଯୋଗ କରୁଛି ଅଥଚ ସେ ନିର୍ବିକାର ! ବିଧାୟକ ହେବାର ନିଶା ଆଗରେ ସ୍ତ୍ରୀର ମର୍ଯ୍ୟାଦାକୁ ବି ଜଣେ ପଛ କରିଦେଇପାରେ ? ନହେଲେ ସେ କଣ ଏତେ ପ୍ରତିକ୍ରିୟାଶୂନ୍ୟ ହୋଇପାରନ୍ତେ ! ତା' କଥାକୁ ଥଟ୍ଟାରେ ଉଡେଇଦେଇ ପାରନ୍ତେ ? ଓମ୍‌ଙ୍କ ଆଗରେ ବିଜୟାନନ୍ଦ ଜଣେ ଭଦ୍ର ଓ ଉନ୍ନତ ରୁଚିସମ୍ପନ୍ନ ମଣିଷ । ତାଙ୍କ ଭିତରର କୁତ୍ସିତ ରୂପ ତାଙ୍କୁ କୋଉଦିନ ଦିଶିନାହିଁ କି ଆଜି ବି ଦିଶୁନାହିଁ ଆଗକୁ ବି ଦିଶିବନାହିଁ, ସେ ଜାଣେ । ଓମ୍ କଦାପି ବିଶ୍ୱାସ କରିପାରନ୍ତିନି ଯେ ବିଜୟାନନ୍ଦ ଭଳି ଜଣେ ବିଶିଷ୍ଟ ବ୍ୟକ୍ତି ଏପରି କୁତ୍ସିତ ରୁଚିସମ୍ପନ୍ନ ମଣିଷ ହୋଇଥିବେ ! ତେଣୁ ମଗ୍ନ ତପସ୍ୱୀ ଭଳି, କିଛି ନ ଶୁଭିଲା ପରି ସେ କେବଳ ନିରବ ରୁହନ୍ତି । ସାମାନ୍ୟତମ ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ । ଓଁକାରନାଥଙ୍କ ନିରବତା ମୌସୁମୀକୁ ଅସହ୍ୟ ଲାଗେ ।

ବେଳେବେଳେ ମୌସୁମୀ କାଳବୈଶାଖୀର ରୂପ ଧାରଣ କରନ୍ତି ।

କହନ୍ତି – ବିଜୟାନନ୍ଦ ଜଣେ ଚରିତ୍ରହୀନ ନେତା । ସିଏ ଆମ ଦୁହିଁଙ୍କ ମଧ୍ୟରେ ପାଚେରି ଠିଆ କରିବାର ରାଜନୀତି କରୁଛି । ଆମେ ଯେମିତି ପରସ୍ପରଠାରୁ ଅଲଗା ହୋଇଯାଉ, ଏହାହିଁ ତାର ଚାଲ୍ । ତୁମେ ତାର କପଟ କୂଟନୀତି ବୁଝିପାରିବ ନାହିଁ । ମୋତେ ତୁମଠାରୁ ଛଡ଼ାଇ ନେବା ହିଁ ତାଙ୍କର ଏକମାତ୍ର ଯୋଜନା ।

ନିରବ ଓଁକାରନାଥ ମନକୁ ମନ କୁହନ୍ତି – ମନ୍ତ୍ରୀ ବିଜୟାନନ୍ଦଙ୍କୁ ନାରୀର ଅଭାବ ନାହିଁ ସୁମୀ । ବରଂ ସିଏ କୌଣସି ନାରୀଙ୍କୁ ତାଙ୍କ ଜୀବନକୁ ଆସିବାକୁ ଦେବେନାହିଁ ବୋଲି ଏଯାଏ ବିବାହ କରିନାହାନ୍ତି । ତମେ ବୁଝି ପାରିବନାହିଁ । ଜଣେ ବିବାହ କରିନଥିବା ପୁରୁଷର ନାରୀଜାତି ପ୍ରତି କେମିତିକା ସମ୍ମାନ ଥାଏ । ସାମାନ୍ୟ ଆଗ୍ରହ ଥିଲେ ତାଙ୍କ ସାମ୍ନାରେ ଲମ୍ଫାଧାଡି ଦିଅନ୍ତେ ନାରୀମାନେ । କିନ୍ତୁ ମୌସୁମୀକୁ କଛି ହେଲେ କୁହନ୍ତି ନାହିଁ ଓଁକାରନାଥ । ସେ ଜାଣନ୍ତି ଉତ୍ତପ୍ତ ଥିବା ଲୌହପିଣ୍ଡରେ ଯେତେ ପାଣି ଢାଳିଲେ ବି ତାହା ସଂଗେସଂଗେ ଥଣ୍ଡାହୁଏ ନାହିଁ । ମୌସୁମୀ ସେମିତି ଗୋଟିଏ ଉତ୍ତପ୍ତ ଲୌହପିଣ୍ଡ। ସମୟକ୍ରମେ ସେ ଆପେଆପେ ହିଁ ଥଣ୍ଡା ହୋଇଯିବ।

କିଛିସମୟ ବକରବକର ହୋଇ ପୁଣି ସହଜ ସରଳ ହୋଇଯାଏ ମୌସୁମୀ । ସଜାଡି ହୋଇଯାଏ ସ୍ୱାମୀ ସ୍ତ୍ରୀର ସମ୍ପର୍କ। ମୌସୁମୀ ନିରୂପାୟ ହୋଇଯାଏ ସ୍ୱାମୀଙ୍କ ନିରବତା ନିକଟରେ। ଇଚ୍ଛା ନଥିଲେ ବି ରାଜନୀତିର ମଇଦାନରେ ମୁହାଁମୁହିଁ ହୁଏ ବିଜୟାନନ୍ଦଙ୍କ ସହ । ନିଜର ଅନିଚ୍ଛାସତ୍ତ୍ୱେ ଅଭିମନ୍ୟୁ ପରି କୂଟନୀତିର ଚକ୍ରବ୍ୟୁହ ଭିତରକୁ ପଶିଚାଲେ । ଏବେ ସେ ଛଳନା ଓ କପଟ ରାଜନୀତିର ଖୁବ୍ ପାଖାପାଖି । ଇଚ୍ଛା ନଥିଲେ ବି ବିଜୟାନନ୍ଦଙ୍କ ପାଖଲୋକ । ବିଜୟାନନ୍ଦ ବି ତାକୁ ବେଶ୍ ଗୁରୁତ୍ୱ ଦିଅନ୍ତି ଅନ୍ୟମାନଙ୍କ ସାମ୍ନାରେ । ଏଣିକି ଆଉ ବିଜୟାନନ୍ଦଙ୍କ ଚରିତ୍ର ସମ୍ପର୍କରେ ଓଁକାରନାଥଙ୍କୁ ବିଶେଷକିଛି କୁହେନାହିଁ ମୌସୁମୀ । ନିଜ ବିବେକର ବିରୋଧ ସତ୍ତ୍ୱେ ଏ ପ୍ରସଙ୍ଗରେ ନିଜକୁ ସାଲିସ କରିନେଇଯାଏ ସେ ଅନ୍ୟୋନପାୟ ହୋଇ ।

ମୌସୁମୀ ଓ ଓଁକାରନାଥଙ୍କ ରାଜନୈତିକ ଜୀବନ ଓ ଲୋକସମ୍ପର୍କ ସମୁଦ୍ରର ପୁନେଇଁ ଢେଉ ପରି ମାଡି ଚାଲିଥିଲା ଆଗକୁ ଆଗକୁ । ଖୋଦ୍ ମନ୍ତ୍ରୀ ତାଙ୍କର ବନ୍ଧୁ ହୋଇଥିବାରୁ ଓ ତାଙ୍କ ସହ ଉତ୍ତମ ସମ୍ପର୍କ ଥିବାରୁ ଜିଲ୍ଲାର ପ୍ରଶାସନ ଠାରୁ ସାଧାରଣ ଜନତା ତାଙ୍କୁ ଗୁରୁତ୍ୱ ଆଉ ସମ୍ମାନ ଦେଉଥିଲେ । ଏଣିକି ଏଣିକି ତାଙ୍କର ସହଯୋଗ ଓ ଆନୁଗତ୍ୟ ପାଇବା ପାଇଁ ପ୍ରଶାସନ ଓ ଦଳୀୟ କର୍ମୀଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା । ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଲୋକ ମନ୍ତ୍ରୀଙ୍କ ଅନୁପସ୍ଥିତିରେ ତାଙ୍କୁ ତାଙ୍କର ପ୍ରତିନିଧି ଭାବେ ଗ୍ରହଣ କରିନେଲେଣି । ପ୍ରତିଟି କ୍ଷେତ୍ରରେ ଲୋକଙ୍କର ଓଁକାରନାଥଙ୍କ ଉପସ୍ଥିତିର ହିଁ ଆବଶ୍ୟକତା । ସେହିଭଳି ବିଜୟାନନ୍ଦ ବାବୁ ମଧ୍ୟ ସବୁ ଛୋଟମୋଟ କାମରେ ଖୋଜିଥାନ୍ତି ଓଁକାରନାଥଙ୍କୁ। ସତେ ଯେମିତି ଓଁକାରନାଥଙ୍କ ବିନା ମନ୍ତ୍ରୀ କୌଣସି କାର୍ଯ୍ୟ କରିପାରିବେ ନାହିଁ। ଦୁହିଁଙ୍କ ସମ୍ପର୍କ ଏତେ ନିକଟତର ହୋଇଯାଇଥିଲା ଯେ ବହୁ ସମାଲୋଚକ ଦୁଇଜଣଙ୍କ ଚରିତ୍ରକୁ ନେଇ ବିଭିନ୍ନ ପ୍ରକାର ଆଲୋଚନା କରିବାକୁ ବି ପଛାଉନଥିଲେ । ଏସବୁକୁ କିନ୍ତୁ କେହି ଖାତିର କରୁନଥିଲେ ଉଭୟ ଓଁକାରନାଥ ଓ ମନ୍ତ୍ରୀ ବିଜୟାନନ୍ଦ ବାବୁ । କ୍ଷୀରନୀରର ସମ୍ପର୍କ ପରି ଦୁଇଜଣଙ୍କର ବନ୍ଧୁତା ଗଭୀର ଓ ଏକ ହୋଇଯାଇଥିଲା । ଏଭଳି ଗଭୀର ବନ୍ଧୁତା ଭିତ୍ତିରେ ଓଁକାରନାଥଙ୍କ ବିଧାନସଭା ପ୍ରାର୍ଥୀତ୍ୱ ଏକ୍‌ଦମ୍ ପକ୍କା ହୋଇଯାଇଥିଲା ନିର୍ବାଚନର ବହୁ ପୂର୍ବରୁ । ଖୋଦ୍ ମନ୍ତ୍ରୀ ଏ ସମ୍ପର୍କରେ ସବୁଜ ସଙ୍କେତ ଦେଉଥିଲେ କଥାପ୍ରସଙ୍ଗରେ ।

ଏଥିରେ ବେଶି ମର୍ମାହତ ହେଉଥିଲା ମୌସୁମୀ । ସେ ଭଲଭାବେ ଜାଣିଥିଲା ଏ ଗଭୀର ସମ୍ପର୍କ ପଛପଟେ କି ପ୍ରକାର ମତଲବ ଅଛି ବିଜୟାନନ୍ଦଙ୍କର । ଯେଉଁ ନେତା ନିଜର ସ୍ୱାର୍ଥ, ସୁବିଧା ଛଡ଼ା ଜୀବନରେ ଅନ୍ୟ କିଛି ଚିନ୍ତାକରେ ନାହିଁ ସେ କ'ଣ ପାଇଁ ବିନା ସ୍ୱାର୍ଥରେ ଓଁକାରନାଥଙ୍କୁ ସୁହାନଭୂତି ଦେଖାଉଛନ୍ତି ? ରାଜନୀତି ମଇଦାନରେ ନିଜ ସମ୍ମୁଖରେ ଆଉ ଗୋଟିଏ ଖେଳାଳୀକୁ ଠିଆ କରେଇବାକୁ ଇଚ୍ଛା କରିବା.... ? ନିଜ ଅନୁଭୂତିରୁ ଯେତିକି ଜାଣିଲାଣି ସେତିକିରେ ସେ ଜାଣେ ରାଜନୀତି ଗୋଟେ ସୁବିଧାବାଦୀ ନୀତି । ରାଜନୀତିର ପାଠ ଯେତେ ସହଜ ଜଣାଯାଏ, ଅସଲରେ ସେତେ ସହଜ ନୁହଁ । ଏହା ଏକ କପଟ ଖେଳପଡ଼ିଆ । ସ୍ୱେଚ୍ଛାଚାରୀ ନାରୀ ଓ ବଢନ୍ତା ନଦୀକୁ ଯେପରି ବିଶ୍ୱାସ କରାଯାଏ ନାହିଁ ସେହିପରି ବିଜୟାନନ୍ଦଙ୍କ ଭଳି ବ୍ୟଭିଚାରୀ ଓ ଛଳନାକାରୀ ନେତାଙ୍କୁ ବି ବିଶ୍ୱାସ କରାଯାଇ ପାରିବ ନାହିଁ । ଏକଥା ଭଲକରି ଜାଣେ ମୌସୁମୀ ।

ଏଣେ ବିଧାୟକ ପାଇଁ ପ୍ରାର୍ଥୀ ହେବାର ନିର୍ଭର ପ୍ରତିଶ୍ରୁତି ପାଇ ବେଶ୍ ଯୋଶରେ ଆଗକୁ ମାଡ଼ି ଚାଲିଥାନ୍ତି ଓଁକାରନାଥ । ଦିନଦିନ ଧରି ମନ୍ତ୍ରୀ ବିଜୟାନନ୍ଦ ବାବୁଙ୍କ ସହ ବୁଲୁଥାନ୍ତି ତାଙ୍କ ନିର୍ବାଚନମଣ୍ଡଳୀରେ । ଏଇ ରାଜନୀତିର ଆଳରେ କେତେବେଳେ କୁଆଡ଼େ ଯାଆନ୍ତି ପୁଣି କେତେବେଳେ ଘରକୁ ଆସନ୍ତି ତାହା ମୌସୁମୀ ଜାଣିପାରେ ନାହିଁ। ସେଥିପାଇଁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସମୟ ସମୟରେ ଝିମିଟି ଖେଳରୁ ମହାଭାରତ ସୃଷ୍ଟି ହୁଏ । ଓଁକାରନାଥ କୁହନ୍ତି ମୋତେ ଭୁଲବୁଝନା ମୌସୁମୀ । ତମେ ଜାଣ ରାଜନୀତି ମୋର ବହୁଦିନର ସ୍ୱପ୍ନ । ଏଥିରେ ତମେ ମୋତେ ପୂରାମାତ୍ରାରେ ସହଯୋଗ କର, ମୁଁ ଏଇଆ ହିଁ ତୁମ ପାଖରୁ ଆଶାକରେ ।

ମାତ୍ର ମୌସୁମୀର ମନ ବୁଝେନାହିଁ । ତାକୁ ଲାଗେ ମତଲବୀ ବିଜୟାନନ୍ଦ ଓମ୍‌କୁ କେବଳ ନିଜ ମତଲବ ପାଇଁ ବ୍ୟବହାର କରୁଛନ୍ତି । ତାର ମନେହୁଏ ଆଲୁଅ ଦେଖି ପୋକ ଯେପରି ଗୋଟେ ଅନନ୍ୟ ଆକର୍ଷଣରେ ଧାଇଁଆସେ ଓମ୍‌ଙ୍କ ଅବସ୍ଥା ଠିକ୍ ସେହିପରି । ବିଜୟାନନ୍ଦ ଆଲୋକ ପରି ଦିଶୁଛି ସିନା ସିଏ ଆଲୋକ ନୁହେଁ ଗୋଟେ ଉତ୍ତପ୍ତ ପିଣ୍ଡ । ଯାହାର ସ୍ପର୍ଶ ଓମ୍‌ଙ୍କ ଜୀବନକୁ କେବଳ ପାଉଁଶ କରିଦେବ । ସେତେବେଳକୁ କିନ୍ତୁ କିଛି ନଥିବ, ରାଜନୀତିର ଭିଡ ଭିତରେ ହଜିଯାଇଥିବ ଜୀବନର ସଂଜ୍ଞା । ଫେରିବାକୁ ରାସ୍ତା ଖୋଜିଲେ ମଧ ରାସ୍ତା ମିଳିବ ନାହିଁ ।

କିନ୍ତୁ ପାରେନାହିଁ । ସେ ଜାଣେ, ଯେତେ ବୁଝାଇଲେ ବି ଓମ୍ ବୁଝିପାରିବେ ନାହିଁ ତା'ର ମାନସିକତାକୁ । ସୁଅ ମୁହଁରେ ପତରର ପ୍ରତିରୋଧର ମୂଲ୍ୟ କାହିଁ ? ତେଣୁ ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି ନ୍ୟାୟରେ ସିଏ ଚୁପ୍ ହୋଇ ଯାଇଥିଲା । ବିଜୟାନନ୍ଦ ଓ ଓଁକାରନାଥଙ୍କ ବନ୍ଧୁତା ଆହୁରି ଗଭୀର ହୋଇ ଉଠୁଥିଲା ଦିନକୁ ଦିନ ।

ସେଦିନ ମଧ୍ୟରାତ୍ରିରେ ଘରେ ଆସି ପହଞ୍ଚିଥିଲେ ଓଁକାରନାଥ । ବିଳମ୍ବିତ ରାତିରେ ଫେରିବା ସେମିତି କିଛି ନୂଆଘଟଣା ନଥିଲେ ବି ସେଦିନ ଫେରିବା ବେଳକୁ ପାଦ ଦୁଇଟି ଟଳମଳ ହେଉଥିଲା ଓମ୍‌ଙ୍କର । ଓମ୍‌ଙ୍କ ଏଭଳି ଅବସ୍ଥା ଦେଖି ନିଜକୁ ସମ୍ଭାଳି ପାରି ନଥିଲା ମୌସୁମୀ । କବାଟ ଖୋଲୁଖୋଲୁ ହିଁ ତାଙ୍କ ପାଟିରୁ ବାହାରୁଥିବା ଦୁର୍ଗନ୍ଧରେ ଅସ୍ତବ୍ୟସ୍ତ ହୋଇଯାଇଥିଲା ସେ । ଆୟତ୍ତ ବାହାରକୁ ବାହାରି ଯାଇଥିଲା ତାଙ୍କ ପୁଞ୍ଜିଭୂତ କ୍ରୋଧ । ମୁଁ ଜାଣିଥିଲି ଶେଷରେ ତମେ ଏଇ ଅବସ୍ଥାକୁ ଆସିବ । ଆଜି ମଦରେ ଆରମ୍ଭ ହେଲା ତମର ସ୍ଖଳନ, କାଲିକୁ ନାରୀ ଖୋଜା ପଡିବ । ତା' ପରଦିନ କଥା କିଏ କହିବ ? ଦିନକୁ ଦିନ ଏମିତି ତମେ ତଳକୁ ଯିବ ଓମ୍, ଇଏ ଆରମ୍ଭ ମାତ୍ର । ଶେଷରେ ବିଜୟାନନ୍ଦ ତମକୁ ମାଟିରେ ମିଶେଇ ଦେବ । ମୁଁ ଜାଣିଥିଲି ତମକୁ ମାଟିରେ ମିଶେଇ ଦେବାକୁ ଇଏ ତା'ର ଗୋଟେ ଚାଲ୍ ।

ମଦ୍ୟପ ଓଁକାରନାଥ ଠୋ' କରି ଚଟକଣିଟେ କଷି ଦେଇଥିଲେ ମୌସୁମୀର ଗାଲରେ । ମୌସୁମୀ ପଡି ଯାଉଯାଉ ଅଟକି ଯାଇଥିଲା କବାଟକୁ ଧରି । ଅପ୍ରତ୍ୟାଶିତ ଭାବେ ଘଟିଯାଇଥିଲା ଘଟଣା । କିଛି କହିବା ପୂର୍ବରୁ ଓମ୍ କହିଥିଲେ – "ବଜାତ୍ ମାଇକିନା, ନିଜେ ହଜାର ଘାଟରେ ପାଣି ପିଉଚି, ମୋ ବେଳକୁ ଆଇନ କାଢୁଚି ? ମୋ ଆଗରେ ବିଜୟାନନ୍ଦକୁ ଗାଳି ଦଉଚି, ଦେଖିଲା ବେଳକୁ ତାରି ସାଙ୍ଗରେ ସଭାସମିତିରେ ବସୁଛି ଆଉ ହସିହସି କଥା କହୁଛି । ପୁଣି ତାରି ସାଂଗରେ ଯିବା ଆସିବା, ପ୍ରେମପ୍ରୀତି । ସ୍ତ୍ରୀ ହେଇଚୁ, ସ୍ତ୍ରୀ ଔକାତ୍‌ରେ ରହ । ସବୁଥିରେ ହସ୍ତକ୍ଷେପ କଲେ ମୁଁ ବରଦାସ୍ତ କରିବିନାହିଁ । ମୋତେ ହିଞ୍ଜଡା ଭାବୁଚୁ ନାଇଁ......"

କହିଲା ବେଳକୁ ପାଟି ଖନି ମାରି ଯାଉଥିଲା ମଦ ନିଶାରେ ।

ବିସ୍ମିତ ହୋଇପଡିଲା ମୌସୁମୀ । ଆଶ୍ଚର୍ଯ୍ୟ ! ଇଏ ମଦ ନିଶାର କଥା ନା ଓମ୍‌ଙ୍କର ମନ ଭିତରର କଥା, ବୁଝି ପାରିଲାନି ମୌସୁମୀ । ସେ କିଛି ସମୟ କେବଳ ଜଳଜଳ କରି ଚାହିଁ ରହିଥିଲା ଓମ୍‌ଙ୍କୁ । ଓମ୍‌ର ମଦ ପିଇବା ଯେତିକି ବାଧି ନଥିଲା ତା'ଠୁ ଅଧିକା ବାଧିଥିଲା ମଦ ନିଶାର କଥା । ସମସ୍ତେ କହନ୍ତି ନିଶାରେ ଥିଲାବେଳେ ମନ ଭିତରର କଥା ଓଠ ଉପରକୁ ଚାଲିଆସେ । ଏତକ କଣ ଓମ୍‌ଙ୍କର ମନତଳର କଥା ? ଯେଉଁ ଓମ୍ ଆଜିଯାଏ ଅଭିମାନ କରିବା ବ୍ୟତୀତ ମୌସୁମୀଙ୍କ ଉପରେ ଥରେ ରାଗିନଥିଲେ କି ଜୋର୍‌ରେ ପଦୁଟିଏ କଥା କହିନଥିଲେ, ତାଙ୍କ ପାଖରେ ଆଜି ଏତେ ଶକ୍ତି ଆସିଲା କେଉଁଠୁ ? ସ୍ନେହର, ପ୍ରେମର ମଣିଷଟା ପୋଷା ବିଲେଇଟିଏ ପରି ତା ପାଖରେ ଘଷି ହୋଇ ଘୁରି ବୁଲୁଥିଲେ, ଆଜି ଘାଇଲା ମହାବଳ ବାଘ ପରି ଗର୍ଜନ କରୁଛନ୍ତି ? ତାକୁ କହୁଛନ୍ତି ବଜାତ୍ ମାଇକିନା ! କେଉଁଠୁ ପାଇଲେ ସେ ଏତେ ଶକ୍ତି ? ସ୍ନେହ ମମତା ଭରା ଆଖିରେ କ୍ଷମତାର ବହୁରୂପୀ ରଙ୍ଗ ମିଶିଲେ କଣ ମଣିଷ ଏମିତି ବଦଳିଯାଏ ?

ଭାଗ୍ୟ ଭଲ ଯେ ପୁଅ ପାଖରେ ନାହିଁ ।

ନହେଲେ କଣ ହୋଇଥାନ୍ତା ମୌସୁମୀର ଅବସ୍ଥା ? ମାଟିରେ ମିଶି ଯାଇନଥାନ୍ତା ?

କିଛି ସମୟ ସେମିତି କବାଟକୁ ଆଉଜି ଠିଆ ହୋଇ ରହିଲା ମୌସୁମୀ । ଆଖିରୁ ବହି ଯାଉଥିଲା ଧାରଧାର ଲୁହ । ଲୁହବୋଳା ଆଖିରେ ସେ ଓମ୍‌ଙ୍କୁ ଚାହିଁଥିଲେ ବି ବିଜୟାନନ୍ଦର ମୁହଁ ତାକୁ ଜଳଜଳ ଦିଶୁଥିଲା । ସେଦିନ ସେ ଠିକ୍ ଭାବେ ବୁଝିପାରିଥିଲା ବିଜୟାନନ୍ଦର ଚାଲ୍‌କୁ । ତାଙ୍କ ଦୁଇଜଣଙ୍କ ଭିତରେ ବିଭେଦ ସୃଷ୍ଟି କରି ତାଙ୍କ ସୁଖ ସଂସାରକୁ ଭାଙ୍ଗି ଚୁରମାର୍ କରିଦେବା ପାଇଁ ବିଜୟାନନ୍ଦର ଇଏ ଗୋଟେ ଚକ୍ରାନ୍ତ । ଟିକେ ଟିକେ କରି ପିଆଇ ପିଆଇ ଲୋକଟାକୁ ମଦୁଆ କରିଦେଲା ଶେଷରେ ? କ୍ରୋଧରେ କମ୍ପି ଉଠୁଥିଲା ମୌସୁମୀର ସ୍ୱର । ସେ ସଳଖି ଠିଆ ହେଉହେଉ କହିଥିଲା, – "ଠିକ୍ ଅଛି ! ଏବେ ତୁମେ ପିଇପାର । ଯେତେ ଇଚ୍ଛା ସେତେ । କେହି ବାଧା ଦେବେନି । ଖାଲି ମଦ ନୁହେଁ ବେଶ୍ୟାଳୟକୁ ବି ଯାଇପାର, ଯେକୌଣସି ସ୍ତ୍ରୀଲୋକକୁ ଆଣି ଘରେ ବି ରଖିପାର । ମୋର ସେଥିରେ ଆପତ୍ତି ନାହିଁ କି ଅଭିଯୋଗ ନାହିଁ। ତୁମେ ଏଣିକି ସବୁଦିନ ଏମିତି ମଦ ପିଅ, ମଦ ପିଇକି ବିଜୟାନନ୍ଦ ସାଂଗରେ ମିଶି ରାଜନୀତି କର । ରାଜନୀତି କରି ବିଜୟାନନ୍ଦ ସାଂଗରେ ବୁଲିବା ମୋର ସଉକ୍ ନୁହେଁ, ମୁଁ ମୋ ପଦରୁ ଇସ୍ତଫା ଦେବି । କାଲି ହିଁ ଜିଲ୍ଲା ପରିଷଦ ସଭାପତି ପଦରୁ ଇସ୍ତଫା ଦେବି । ତାପରେ ଯାଇ ଆଉ ଯାହା । ଢେର୍ ହେଲା । ରାଜନୀତି କରି ମୁଁ ବହୁତ କିଛି ପାଇଗଲି । ଏଥର ତମର ଯାହା ଇଚ୍ଛା ସେଇଆ କର । କେହି ମନା କରିବେ ନାହିଁ ।" (କ୍ରମଶଃ)

+ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର-୧



ମୂଳଲେଖା- ଆରତୀ ରାୟ

# ବୃଦ୍ଧାଶ୍ରମ

ଅନୁବାଦ ଗଳ୍ପ

ଅନୁକୃତି- ବିନୟ କୁମାର ଦାସ

ବୃଦ୍ଧାଶ୍ରମକୁ ଆସିଲେ ଆଉ ଜଣେ ବୃଦ୍ଧ । ତାଙ୍କ ମୁଖମଣ୍ଡଳରେ ସରସତା ନଥିଲେ ବି କିଛି ସୁଖ ସ୍ୱପ୍ନର ଝଲକ ଭରି ରହିଥିଲା ତାଙ୍କ ଆଖି ଦୁଇଟିରେ ।

"ଦେଖୁଚ ତ ଭଉଣୀ, ଏହି ନିଷ୍ପ୍ରାଣ ଆତ୍ମାମାନଙ୍କ ଭିତରେ ପୁଣି ଜଣେ ସୁଖସ୍ୱପ୍ନର ଦୁରନ୍ତ ଆଶା ନେଇ ଆମ ସହିତ ସାମିଲ ହେବା ପାଇଁ ଆସିଗଲେ ।"

"ଆରେ ଶକୁନ୍ତଳା, ଏମିତି କଣ କହିଯାଉଚ ?"

"କଣ ଖରାପ କହିଲି କି ? ଯାହା ସତ, ସେତିକି ତ କହିଲି । ଏ ନୂତନ ଅତିଥି ଜଣକ ବି ମୃତପ୍ରାୟ ହୋଇଯିବ କେଇଟା ସପ୍ତାହ ଭିତରେ.....ହେହେହେ...।"

"ତୁମର କିନ୍ତୁ ଏମିତି କଳନା କରିବା ଠିକ୍ ହେଉନି ।"

"ହଉ, ହେଲା । ମୋ କଥା ସତ କି ମିଛ.. କିଛିଦିନ ପରେ ଜାଣିଯିବନି ? ଆରେ, ତୁମେମାନେ ସବୁ ନିଜ ନିଜର ନିକଟ ଅତୀତକୁ ଟିକେ ମନେ ପକାଅ । ତୁମକୁ ଯେତେବେଳେ ପ୍ରଥମେ ତୁମ ପୁଅ ଏଇ ପୁଣ୍ୟଗୃହରେ ଛାଡିବା ପାଇଁ ଆସିଥିଲେ, କହି ନଥିଲେ, ତୁମେ ଜମା ଚିନ୍ତା କରନି ବାପା, ତୁମର ଏଠି କିଛି ବି ଅସୁବିଧା ହବନି । ତୁମ ବୋହୂ ଟିକେ ଅବୁଝା ହୋଇଛି । ମୁଁ ତାକୁ ସମୟ ସୁଯୋଗ ଦେଖି ବୁଝାଇ ଦେବି । ସେ ବୁଝିଗଲେ ମୁଁ ପୁଣି ଆସି ତୁମକୁ ଘରକୁ ଫେରାଇ ନେଇଯିବି ।



ଦେଖୁନ..ଏଠି ସମସ୍ତେ ତୁମ ସମବୟସର । ସେମାନଙ୍କ ସହିତ ବେଶ୍ ହସଖୁସିରେ ତୁମ ସମୟ କେମିତି ବିତିଯିବ, କିଛି ଜଣା ପଡିବ ନାହିଁ । ବାସ୍..କେଇଟା ସପ୍ତାହ ରହିଯାଅ । କିମ୍ବା ଆଉ କିଏ କହିଛି.. ମା, ମୁଁ କିଛିଦିନ ପାଇଁ ବାହାରକୁ ଯାଉଛି ଅଫିସ୍ କାମରେ । ଚାକିରି କଥା ମୋତେ ତ ସରକାରଙ୍କ କଥା ମାନିବାକୁ ପଡିବ ନା । କଣ କରିବି ? ସେତିକି ଦିନ ତୁମେ କିନ୍ତୁ ତୁମ ବୋହୂ ସହିତ ଘରେ ଭଲରେ ଚଳି ପାରିବ ନି । ବରଂ ଏଠି ତୁମେ ଭଲରେ ଭଲରେ ଚଳିପାରିବ । କିଛି ଅସୁବିଧା ହବନି..ମୁଁ ଫେରି ଆସିଲେ ତୁମକୁ ଘରକୁ ନେଇଯିବି ।"

ବାସ୍, ତାପରେ... ? କେତୋଟି ପୁଅ ଆସି ତୁମମାନଙ୍କୁ ଏଠୁ ପୁଣି ଘରକୁ ଫେରାଇ ନେଇ ଗଲେଣି ? ହା ହା ହା... । ଯୁଗ ପରା ଏବେ ସେଇଆ... ।

ତା କଥାରେ କେହି କିଛି ପ୍ରତିବାଦ କରିପାରୁ ନଥିବେ । କେମିତି କରିବେ ? ସେ କିଛି ତ ମିଛ କହୁନି। ନିଜ ନିଜ ଅଜାଣତରେ ସେମାନଙ୍କର ଏକ ଦୀର୍ଘ ଶ୍ୱାସ ବାହାରି ଯାଉଥିଲା ଛାତି ଥରାଇ ଦେଇ । ସମସ୍ତେ ଯେମିତି ତା' କଥାର ଗୁରୁତ୍ୱ ଆଉ ସତ୍ୟତାକୁ ଅନ୍ତରର ସହିତ ଉପଲବ୍ଧି କରିପାରୁଥିଲେ ।

ଏତିକି ବେଳେ ନବାଗତ ବୃଦ୍ଧଜଣକ ନିଜର ଆତ୍ମପରିଚୟ ଦେବାକୁ ଯାଇ ମୁହଁରେ ହସ ଖେଳାଇ କହିଲେ, "ଭାଇ ଓ ଭଉଣୀମାନେ, ଆପଣମାନେ ସମସ୍ତେ ଏଠାରେ ପୁରୁଣା ହୋଇ ସାରିଲେଣି । ମୁଁ ଆଜି ଆସିଲି । ମୁଁ ବି କିଛିଦିନ ପରେ ପୁରୁଣା ହୋଇଯିବି । ଜୀବନର ଅନ୍ତିମ ପର୍ଯ୍ୟାୟରେ ଆମେ ସମସ୍ତେ ଏବେ ପହଂଚି ସାରିଛୁ । ଆଜି ଅଛୁ, ହୁଏତ କାଲିକୁ ଆମ ଭିତରୁ କିଏ ନଥିବ । ତେବେ ମୁଁ ମୋ କଥା କହି ରଖୁଛି , ମୁଁ ଏଠି ଯେତିକି ଦିନ ରହିବି , ଭାବୁଛି, ଅତୀତର ସବୁ ଦୁଃଖଗ୍ଲାନିକୁ ଭୁଲି ଖିଲିଖିଲି ହୋଇ ହସିବି ତୁମମାନଙ୍କ ସହିତ । ବାସ୍, ଭଲରେ ଭଲରେ ଜୀବନର ଶେଷ କେଇଟା ଦିନ ଆରାମରେ ବିତିଯିବ ।"

ଏତକ ଶୁଣିବା ପରେ ଆଉ ବୃଦ୍ଧଙ୍କ ଆଖିରେ ଅଦଭୁତ ଚମକ ଦେଖିନେବା ପରେ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ମଧ୍ୟରେ କିଛି ସମୟ ପାଇଁ ନିରବତା ଖେଳିଗଲା । କାହାରି ମୁହଁରେ ନା କିଛି ଭାଷା ଥିଲା ନା ଥିଲା ଲେଶ ମାତ୍ର ହସର ଝଲକ ।

ସମସ୍ତେ ଅନୁଭବ କରିପାରୁଥିଲେ ସତେ ଯେମିତି କେହି ଜଣେ ଅଦୃଶ୍ୟରୁ କହିଉଠୁଥିଲେ, "ଭାଇ, ତୁମ ସ୍ୱପ୍ନ ଆଉ ଆଶା ସେମିତି ସ୍ୱପ୍ନ ଆଉ ଆଶା ଭିତରେ ହିଁ ରହିଯିବ । ଏଠାକାର ସତ୍ୟକୁ ଯେତେ ଶୀଘ୍ର ହୃଦୟଙ୍ଗମ କରି ନିଜକୁ ଆମ ଚଳଣିର ପ୍ରବାହମାନ ସ୍ରୋତରେ ସାମିଲ କରିନେବ, ସେତେ ଭଲ । ପାଷାଣ ନଗରୀରେ ଏଠି ସବୁ ନିଷ୍ପ୍ରାଣ ।"

+ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧
(ମୋ) ୯୮୬୧୦୧୮୩୬୯

## ବହି କଥା — ପାଇଛୁ... ପଢ଼ିଛୁ...

## ବଧୂ ମଧୁମିତା




ସୁଦର୍ଶନ ସାମଲଙ୍କ ଦ୍ୱାରା ରଚିତ 'ବଧୂ ମଧୁମିତା' ଅବସର ପ୍ରକାଶନ, ବାସୁଦେବପୁର, ଭଦ୍ରକ ଦ୍ୱାରା ପ୍ରକାଶିତ ହୋଇଥିବା ବେଳେ କଥାକାର ଶ୍ରୀଯୁକ୍ତ ସାମଲ ପୁସ୍ତକଟିକୁ ତାଙ୍କ କନିଷ୍ଠା ବଧୂ ରଶ୍ମିତାକୁ ଉତ୍ସର୍ଗ କରିଛନ୍ତି। ବହିଟିରେ 'ଅଭାଗିନୀ ଜନନୀ' ଠାରୁ ଆରମ୍ଭ କରି 'ଭଗବାନ ସତରେ ଅଛନ୍ତି' ପର୍ଯ୍ୟନ୍ତ ୪୫ଟି ଗଳ୍ପକୁ ନେଇ ସମୃଦ୍ଧ। ସମଗ୍ର ପୁସ୍ତକଟିରେ କଥାକାର ଆଙ୍କିଛନ୍ତି ସ୍ନେହବୋଳା ଶବ୍ଦର କୁହେଳୀ, ଅଭୟ ଆଶୀର୍ବାଦର ଉଜାଣି ଯମୁନା, ପ୍ରେରଣାର ପୁଲକିତ ନଈ, ଦୁଃଖର ଦରିଆ, ସୁଖର କୈବଲ୍ୟ ଓ ଆଶା ଆକାଂକ୍ଷାର ଚିତ୍ର। କଥନ ଶୈଳୀର ସାରଲ୍ୟ ପୁସ୍ତକଟିର ବିଶେଷତ୍ୱ।

'ଅଭାଗିନୀ ଜନନୀ' ଗଳ୍ପରେ ଗାଳ୍ପିକ ମା'ଟିକୁ ଜରାଶ୍ରମକୁ ଯିବା ପୂର୍ବରୁ ପୁଅର କୋଳରେ ହିଁ ନିଶ୍ୱାସ ତ୍ୟାଗି ଦେବାର ଦୃଶ୍ୟ ମାର୍ମିକ ହୋଇଥିବାବେଳେ 'କର୍ମଫଳ' ଗଳ୍ପରେ ଗୋଟେ ବଳାତ୍କାରୀ ମଣିଷ ପାଖରେ ତା' ଶୋଷିତ ଝିଅଟିର ହୃଦୟଥରା ବୟାନ ହିଁ ବର୍ଣ୍ଣନା କରୁଛି ତା' କର୍ମଫଳର ବୃତ୍ତାନ୍ତ।

ସେହିପରି 'ଶବ ଶୋଭାଯାତ୍ରା', 'ବଧୂ ମଧୁମିତା', 'ମହାପୁଣ୍ୟର ଫଳ', 'ଅନନ୍ୟ ବିନମ୍ରତା', ନିଚ୍ଛକ ସତ, ଶେଷ ରାସ୍ତା, ପଣତକାନି, ସାତବର୍ଷ, ଅନନ୍ୟା, ଅବସୋସ, ଲକ୍ଷ୍ମୀ, ପ୍ରେମିକା ପଣ, ଗୁରୁ ଦକ୍ଷିଣା, ପରକୀୟା ଆଦି ଗଳ୍ପରେ ଗାଳ୍ପିକଙ୍କ ମନୋବେଦନା ସ୍ପଷ୍ଟ। ପ୍ରତ୍ୟେ ଗଳ୍ପ ସ୍ୱଳ୍ପ ପୃଷ୍ଠା ବହନ କରୁଥିବାରୁ ଏହାକୁ ପାଠ କରୁଥିବା ପାଠକମାନେ କେବେହେଲେ ଭାରାକ୍ରାନ୍ତ ହେବେ ନାହିଁ ଏହା ନିଧାର୍ଯ୍ୟ।

**'ବଧୂ ମଧୁମିତା'**
(କ୍ଷୁଦ୍ରଗଳ୍ପ ସଂକଳନ)
ଲେଖକ: ସୁଦର୍ଶନ ସାମଲ
ପ୍ରକାଶକ- ଅବସର ପ୍ରକାଶନ
ବାସୁଦେବପୁର, ଭଦ୍ରକ-୭୫୬୧୨୫
ମୂଲ୍ୟ-୧୮୦/-

## ରଙ୍ଗ ତୁଳୀର ଜୀବନ




କାନ୍‌ଭାସ ଉପରେ ଚିତ୍ରଟିଏ କରିବା କଥା ଭାବିଲେ ହିଁ ପ୍ରଥମେ ଲୋଡ଼ାହୁଏ ରଙ୍ଗ ଆଉ ତୂଳୀ। ସେଇ ରଙ୍ଗ ତୁଳୀରେ ହିଁ ଆଙ୍କି ହୋଇଯାଏ ହର୍ଷ, ବିଷାଦ, ଆଙ୍କି ହୋଇଯାଏ ସୁଖ ଦୁଃଖ ଓ ହସ-ଲୁହ। ତୁଳୀ ନଥିଲେ ରଙ୍ଗ ଯେମିତି ମୂଲ୍ୟହୀନ ସେମିତି ରଂଗ ନଥିଲେ ଜୀବନର ମାନେ କିଛି ନାହିଁ। ଇନ୍ଦ୍ରଧନୁର ସାତଟି ରଂଗ ଜୀବନର ସମଗ୍ର କାଳକୁ ଚିତ୍ରିତ କରୁଥିବା ବେଳେ ନବ ପ୍ରଜନ୍ମର କଥାଶିଳ୍ପୀ ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ରଙ୍ଗ ତୁଳୀର ଜୀବନ' ଶୀର୍ଷକ ଗଳ୍ପ ସଂକଳନ ଆଗାମୀ ସମୟର ଭାର ବହନ କରିପାରିବ ବୋଲି ବିଶ୍ୱାସ କରିହେବ। ଏଥିରେ ସ୍ଥାନିତ ୨୯ ଗଳ୍ପ ତାଙ୍କ ବ୍ୟକ୍ତିତ୍ୱ ପରି ସରଳ। ଖୁବ୍ ସାଧାରଣ କଥାକୁ ଗଳ୍ପ ଭାବେ ସଜେଇ ପାରିବାର ବାଗକୁ ଗ୍ରହଣ କରି ଶ୍ରୁତକୀର୍ତ୍ତି ତାଙ୍କ ଅଙ୍ଗେ ନିଭା ଘଟଣାକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି। ସିଧାକଥାକୁ ସଳଖ ବାଗରେ କହିଛନ୍ତି ଗାଳ୍ପିକା। ବହିଟିକୁ ସେ ନିଜର 'ବାପା ଓ ମା'ଙ୍କୁ' ଉତ୍ସର୍ଗ କରିଥିବାବେଳେ ଏଥିରେ 'ରଂଗ ତୁଳୀର ଜୀବନ' ପ୍ରଥମ ଗଳ୍ପ ଭାବେ ପ୍ରକାଶ ପାଇଛି। ତା'ପରକୁ ପର 'ସୁବୋଧ ସାର', 'ରକ୍ଷା କବଚ', 'ଘର ବାହୁଡ଼ା', 'ମଡେଲ', 'ସେଇ ରୁମାଲ ପାଇଁ', 'ଶୀତର ସେଇ ଶେଷ ରାତି', 'ଚକଲୋଟ୍ ଡେ', 'ଗାନ୍ଧିଜୀଙ୍କ ହସ', 'ହଜିଲାଦିନ', 'ମନେପଡ଼େ ଆଜି ଗାଁ', 'ଦେଶ ପ୍ରେମ', 'ସେଇ ଚିଠି', 'ପ୍ରହସନ', 'ମଶାଣି', 'ହଳେ ପାଉଁଜି', 'ଅସହାୟ ନୁହନ୍ତି ସେମାନେ', 'ପଳାତକ', 'ଶାଶୁଙ୍କ ମନୋକାମନା' ଆଦି ଶୀର୍ଷକରେ ଗପ ଗୁଡ଼ିକ ପୃଷ୍ଠା ମଣ୍ଡନ କରିଛନ୍ତି।

ଗାଳ୍ପିକାଙ୍କ ବର୍ଣ୍ଣନାଶୈଳୀ ଗପ ଗୁଡ଼ିକୁ ଆକର୍ଷଣୀୟ କରିବାରେ ଯଥେଷ୍ଟ ହୋଇଥିବା ବେଳେ ଏଥିରେ ଗାଳ୍ପିକା ହିରଣ୍ମୟୀ ମିଶ୍ରଙ୍କ 'ଗଳ୍ପମୟ ଜୀବନ' ଶୀର୍ଷକ ଅଭିବ୍ୟକ୍ତି ପୁସ୍ତକଟିର ମାନ ବର୍ଦ୍ଧନ କରିଛି। ପୁସ୍ତକଟି 'ଇଭେଂଟ ବୁକ୍‌ସ' ଦ୍ୱାରା ପ୍ରକାଶିତ। ଏହାର ମୂଲ୍ୟ ଟ୧୫୦ଙ୍କା। ଏହା ସମ୍ବେଦନଶୀଳ ପାଠକଙ୍କ ହୃଦୟକୁ ନିଶ୍ଚୟ ସ୍ପର୍ଶ କରିବ।

**'ରଙ୍ଗ ତୁଳୀର ଜୀବନ'**
(ଗଳ୍ପ ସଂକଳନ)
ଲେଖିକା: ଶ୍ରୁତିକୀର୍ତ୍ତି ତ୍ରିପାଠୀ
ପ୍ରକାଶକ- ଇଭେଣ୍ଟ୍‌ସ ପବ୍ଲିକେଶନ୍
୪୫୫୫, ଭିଏସ୍ଏସ୍ ନଗର,
ଭୁବନେଶ୍ୱର
ମୂଲ୍ୟ-୧୫୦/-

## ଫୁଲର ମହକ




ଫୁଲଟିଏ ଫୁଟିଲେ ମହକିତ ହୁଏ ଚଉପାଶ। ଫୁଲର ସୌନ୍ଦର୍ଯ୍ୟ ବଦଳେଇ ଦିଏ ସ୍ଥାନର ମହତ୍ୱ। ତେବେ ସୌନ୍ଦର୍ଯ୍ୟଠୁ ମହକ ବେଶି ଗୌରବ ବହନ କରେ। ସୁଗୃହିଣୀ ମନୋରମା ସେଠୀଙ୍କର କବିତା ପୁସ୍ତକ ଫୁଲର ମହକ ଠିକ୍ ସେମିତିକା ବାର୍ତ୍ତା ବହନ କରେ।

ପିଲାମାନେ ଆମର ଭବିଷ୍ୟତ। ସେମାନଙ୍କ ସୁସ୍ଥ ଓ ସମର୍ଥ କରି ଗଢ଼ି ତୋଳିବା ପ୍ରତ୍ୟେକ ସୃଜନ ମନସ୍କ ମଣିଷର ଦାୟିତ୍ୱ ହେବା ଆବଶ୍ୟକ। ପିଲାଙ୍କ ମନ କଂଚା ମାଟି ପରି। ସେମାନଙ୍କୁ ଆମେ ଗଢ଼ିପାରିବାର ଆତ୍ମ ବିଶ୍ୱାସକୁ ରୂପ ଦେଇଛନ୍ତି କବି ମନୋରମା ସେଠୀ ତାଙ୍କ କବିତା ମାଧ୍ୟମରେ।

ପିଲାଙ୍କର ସ୍ୱାସ୍ଥ୍ୟ ପାଇଁ ମା'ଟିଏ ସର୍ବଦା ଯତ୍ନଶୀଳା ହୋଇଥାଏ। ତେଣୁ କେବଳ ମାତ୍ର ସ୍ୱାଦିଷ୍ଟ ଖାଦ୍ୟ ନୁହେଁ ବରଂ ସ୍ୱାସ୍ଥ୍ୟ ପ୍ରତି ଅଧିକା ଦୃଷ୍ଟି ଦେଇଥାଏ। ସେହିପରି ପିଲାଙ୍କର ମାନସିକ ବିକାଶ ପାଇଁ କବି ହୋଇଛନ୍ତି ମା' ପରି ଯତ୍ନଶୀଳା। ତାଙ୍କର 'ଫୁଲର ମହକ' ଠାରୁ ଆରମ୍ଭ କରି 'କୋଟି ଜୁହାର' ପର୍ଯ୍ୟନ୍ତ ୬୦ଟି କବିତା ଏଥି ପୁସ୍ତକରେ ସ୍ଥାନିତ। କବିତାଗୁଡ଼ିକ ବେଶ୍ ଶିକ୍ଷଣୀୟ। ଏହି କବିତା ଗୁଡ଼ିକୁ ଫୁଲ ସହ ତୁଳନା କରି ତାର ମହକ ବାଂଟିଛନ୍ତି କବି।

ସହଜ, ସରଳ ଓ ସାବଲୀଳ ଭଂଗୀରେ କବିତା ଲେଖିବା ଦୁରୂହ ହେଲେ ବି କବି ମନୋରମା ସେଠୀ ବେଶ୍ ସୁନ୍ଦର ଭାବେ ପିଲାଙ୍କ ଉପଯୋଗୀ କବିତା ନିର୍ମାଣ କରିଛନ୍ତି। ପତ୍ରିକାଟିର ପ୍ରକାଶନ ଦାୟିତ୍ୱ ଦୀପାଂଜଳି ଗ୍ରହଣ କରିଥିବାବେଳେ ସହଯୋଗ ଦେୟକୁ ଇଚ୍ଛାଧୀନ ରଖି କବି ନିଜ ମହତ୍ୱକାଂକ୍ଷାର ପରିଚୟ ଦେଇଛନ୍ତି।

**'ଫୁଲର ମହକ'**
(କବିତା ସଂକଳନ)
ଲେଖିକା: ମନୋରମା ସେଠୀ
ପ୍ରକାଶିକା- ଦୀପାଞ୍ଜଳି
କର୍ବି ନିବାସ, ଈଶାଣୀ, ସାହାଦା,
ସୁନହଟ, ବାଲେଶ୍ୱର-୭୫୬୦୦୨

## ଓଡିଆ ସାହିତ୍ୟରେ ରହସ୍ୟ ଉପନ୍ୟାସ



**ଡାଃ ସୁରେନ୍ଦ୍ର ନାଥ ଦାଶ**

ବିଶ୍ୱର ପାଠକ ମାନଙ୍କ ମଧ୍ୟରେ ଆଗଥା କ୍ରିଷ୍ଟଙ୍କ ରହସ୍ୟ ଉପନ୍ୟାସ, ସାର ଆର୍ଥର କୋନାନ ଦୟଲଙ୍କ ସେରଲକ ହୋଲମସ ସଂପର୍କିତ ଗଳ୍ପ ଓ ହାରି ପୋର୍ଟର ଭଳି ଭୌତିକ ଉପନ୍ୟାସର ବେଶ ଆଦର ରହିଛି । ଯେ କୌଣସି ପୁସ୍ତକ ଦୋକାନରେ ଏହି ଜାତୀୟ ପୁସ୍ତକ ବହୁଳ ସଂଖ୍ୟାରେ ବିକ୍ରୟ ପାଇଁ ଗଛିତ ଥାଏ । ଓଡିଶାରେ ମଧ୍ୟ ରହସ୍ୟ ଉପନ୍ୟାସର ଆଦର ୫୦ବର୍ଷ ତଳେ ଅସମ୍ଭବ ଭାବେ ଅଧିକ ଥିଲା । ହାଇସ୍କୁଲ ଓ କଲେଜ ପଢୁଆ ପିଲାଙ୍କ ମଧ୍ୟରେ ବିଭିନ୍ନ ଡିଟେକଟିଭ ପୁସ୍ତକର ବଡ ଚାହିଦା ଥିଲା । ସେସବୁର ଲୋକ ପ୍ରିୟତାକୁ ଆଖି ଆଗରେ ରଖି ସିରିଜ ମାନ ଲେଖା ଯାଇଥିଲା । ସେଗୁଡିକ ମଧ୍ୟରୁ ଦସ୍ୟୁ ରବିନ ସିରିଜ, ମିରା ସିରିଜ, ତ୍ରିପୁର ସୁନ୍ଦରୀ, ମନ ମୋହିନୀ ସିରିଜ ପ୍ରଧାନ । ଚମ୍ବଲ ଉପତ୍ୟକାର ଡାକୁ ସମ୍ରାଟ ମାନସିଂ, ଦସ୍ୟୁ ରାଣୀ ଫୁଲନକୁ ନେଇ ଅନେକ ଉପନ୍ୟାସ ଲେଖା ହୋଇଥିଲା । ଭାବାନୀ ବାବୁ ଡିଟେକଟିଭଙ୍କ ନାମ ଏବେ ବି ମନେ ଅଛି। କଣ୍ଠୁରି ଚରଣ ଦାସ, ଗିରିଧାରୀ ମହାରଣା, ଭୂପେନ ଗୋସ୍ୱାମିଙ୍କ ଭଳି ଲେଖକ ମାନେ ବେଶ ପାଠକଙ୍କ ପ୍ରିୟ ଥିଲେ । ସେତେବେଳେ ଗାଁର ପାଠାଗାର ମାନଙ୍କରେ ଏସବୁ ବହି ମିଳୁଥିଲା । ପରବର୍ତ୍ତି ସମୟରେ କେତେକ ଲେଖକ ନିଜକୁ ରହସ୍ୟ ସମ୍ରାଟ, ରହସ୍ୟ କୁମାର ଛଦ୍ମ ନାମରେ ଡିଟେକଟିଭ ବହି ମାନ ଲେଖିଲେ । ମାସିକ ଚକ୍ରାନ୍ତ, ମାସିକ ଡିଟେକଟିଭ, ସତ୍ୟ ଅପରାଧ ଘଟଣା ଭଳି ମାସିକ ପତ୍ରିକା ମାନ ବଜାରରେ ମିଳିଲା । ବିଶେଷତଃ ବସ ଷ୍ଟାଣ୍ଡ ମାନଙ୍କରେ ଯାତ୍ରୀ ମାନଙ୍କ ହାତରେ ନିଶ୍ଚୟ ଏ ଧରଣର ପତ୍ରିକା ଦେଖିବାକୁ ମିଳୁ ଥିଲା । ସେତେବେଳେ କେତେକ ଔପନ୍ୟାସିକ ଗାଁ ଗହଳର ଅଳ୍ପ ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ ଉପନ୍ୟାସ ମାନ ଲେଖୁଥିଲେ । ଏଗୁଡ଼ିକ କଲିକତାରୁ ପ୍ରକାଶ ପାଉଥିଲା । ଭାଗିରଥି ଦାସ ସେମାନଙ୍କ ମଧ୍ୟରେ ପ୍ରଧାନ । ଅଳ୍ପ ଶିକ୍ଷିତ ଗ୍ରାମ୍ୟ ବାଳିକା ସେଗୁଡିକୁ ପଢି ସଂସାର, ପ୍ରେମ, ଘରକରଣା ବିଷୟରେ ଜାଣୁ ଥିଲା । ବିଦେଶରେ ଥିବା ସ୍ୱାମୀଙ୍କ ପାଖକୁ ଚିଠି ଦେଉଥିଲା । ବିବାହ ବେଳେ ସାଙ୍ଗରେ ବାକ୍ସ ଭର୍ତ୍ତି ବହି ଯାଉଥିଲା । ସେହିଭଳି ପରିବାର ଠାରୁ ବିଚ୍ଛିନ୍ନ ହୋଇ କଲିକତାର ଲକ୍ଷଲକ୍ଷ ଓଡିଆ ଶ୍ରମିକ ମାନଙ୍କ ପାଇଁ ଏହି ବହି ସବୁ ଅତ୍ୟନ୍ତ ପ୍ରିୟ ଥିଲା । ଲୋକେ ଜାନି ଯାତ୍ରାକୁ ଗଲେ ଏ ସବୁ ବହିରୁ ନିଶ୍ଚୟ ଗୋଟେ କିଣି ଥିଲେ । କାଳ କ୍ରମେ ଏ ସବୁ ପୁସ୍ତକର ଲେଖିବା କମି ଗଲା । କାରଣ ଏ ଧରଣର ପୁସ୍ତକକୁ ଆମର ସାହିତ୍ୟ ର ବଡପଣ୍ଡା ମାନେ ଶସ୍ତା ସାହିତ୍ୟ ବୋଲି ଭାବିଲେ । ସେମାନଙ୍କ ର ଭୂଲ ହେଲା ଅତ୍ୟନ୍ତ ସରଳ ଭାବରେ ତାହା ଲେଖା ଥିଲା । କଳ୍ପନା ଅପେକ୍ଷା ବାସ୍ତବତାକୁ ଅଗ୍ରାଧିକାର ଦିଆଯାଉଥିଲା । ଏସବୁ ସାହିତ୍ୟ ଲେଖିଲେ ସମ୍ବର୍ଦ୍ଧନା ବା ମାନପତ୍ର ମିଳିବ ନାହିଁ । ସଭାରେ ଶସ୍ତା ଉପନ୍ୟାସର ଲେଖକ ବୋଲି ଉପହାସିତ ହେବେ । ତେଣୁ ଲେଖକ ମାନେ ଏଭଳି ପ୍ରକାର ବହି ଲେଖିବା ଛାଡି ଦେଲେ ଓ ସମ୍ଭ୍ରାନ୍ତ ସାହିତ୍ୟର ସଭ୍ୟ ହୋଇଗଲେ । ଯେ ଉଁ ସାହିତ୍ୟକୁ ସାଧାରଣ ଲୋକ ଦୁର୍ବୋଧ, ଅବୋଧ,ନିର୍ବୋଧ ବୋଲି ଷ୍ଟାମ୍ପ ବହୁ ଦିନରୁ ମାରି ସାରିଛି । ସାଧାରଣ ଲୋକଙ୍କ ଠାରୁ ଦୁରେଇ ଯାଇ ସାହିତ୍ୟ ସଭା, କବିତା ପାଠୋତ୍ସବ,ରାଜ୍ୟ ସ୍ତରୀୟ,ଜାତୀୟ ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ନିଜକୁ ସିମୀତ ରଖିଛି । ଓଡିଆ ଭାଷାର ଅନେକ ଲୋକପ୍ରିୟ ପତ୍ରୀକା ସୁଚରିତା,ଜହ୍ନମାମୁଁ, ପୌରୁଷ ପ୍ରାୟ ଲୋପ ହେବାକୁ ବସିଲାଣି, କାରଣ ଏଥିପାଇଁ ମନକୁ ଛୁଇଂଲା ଭଳି ଲେଖା ଆସୁନାହିଁ । ନିଜ ସ୍ୱତ ଅର୍ଥରେ ବହି ଛପାଇ ମାଗଣାରେ ବାଣ୍ଟିବା ହିଁ ଆଜିର ସାହିତ୍ୟ । ସାହିତ୍ୟ ସଭାରୁ ଫେରିଲା ପରେ ବ୍ୟାଗରେ ଗୋଛାଏ ବହି ଦେଖୀ, ଘରଣୀଙ୍କ ଭୀମ ଗର୍ଜନ, "ସେ ବାଜେ ବହି ରଖିବାକୁ ଘରେ ଯାଗା ନାହିଁ,ତୁମ ଜିନିଷ କୋଉଠି ସାଇତି ରଖ; ନଇଲେ ରଦି କାଗଜ ବାଲାକୁ ସବୁ ଦେଇଦେବି !" ଏହା ହିଁ ସମ୍ଭ୍ରାନ୍ତ ସାହିତ୍ୟର ଅବସ୍ଥା ।







+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ,
ମୋ:୯୪୩୭୨୩୫୩୮୬




## ॥ ମାତୃଭୂମି ॥



ବିଷ୍ଣୁ ପ୍ରଭାକର
(୧୯୧୨-୨୦୦୯)

ମା' ଓ ମାତୃଭୂମିକୁ କେବେ କ'ଣ ଛାଡ଼ି ବଞ୍ଚିହୁଏ ? ଏମାନଙ୍କ ଉପସ୍ଥିତି ମଣିଷର ପ୍ରତି ଜୀବକୋଷରେ, ପ୍ରତି ଶିରା ପ୍ରଶିରାରେ । ଜଳ ବିହୁନେ ମୀନ ପରି ଏମାନଙ୍କ ଅନୁପସ୍ଥିତିରେ ଡହଳ ବିକଳ ହୁଏ ପ୍ରାଣ । ଦେଶ ବିଭାଜନ କେତେ ପୁଅଝିଅଙ୍କୁ ମା' ଛେଉଣ୍ଡ କରିଦେଇଥିବା ବେଳେ କେତେ ଲୋକଙ୍କୁ ବିତାଡ଼ିତ କରିଥିଲା ତାଙ୍କ ମାତୃଭୂମିରୁ । ସେଇମାନଙ୍କ ମାନସିକ ଦୁରବସ୍ଥାର ସଫଳ ଚିତ୍ରଣ ବିଶିଷ୍ଟ ହିନ୍ଦୀ କଥାକାର ବିଷ୍ଣୁ ପ୍ରଭାକରଙ୍କ 'ୱତନ୍' ଗଳ୍ପରେ ଦେଖିବାକୁ ମିଳେ ।

ପ୍ରତିଥର ପରି ସେ ଲୁଙ୍ଗି ଗୁଡ଼େଇ ହୋଇ ଫେଜ୍ ଟୋପି ପିନ୍ଧିଥିଲା । ମନ କେତେବେଳେ କେମିତି ସାଇକେଲ ବ୍ରେକ୍ ଭଳି ତୀବ୍ର ଝଟ୍‌କା ଦେଉଥିଲେ ସୁଦ୍ଧା ଯନ୍ତ୍ରବତ୍ ପାଦ ଦୁଇଟି ବଢ଼ି ଚାଲିଥିଲେ ଆଗକୁ । ଶକ୍ତି ପ୍ରୟୋଗ ଯୋଗୁଁ ସମଗ୍ର ଶରୀର ଅସ୍ୱାଭାବିକ ଭାବେ ଥରି ଉଠୁଥିଲେ ବି ତା'ର ଗତି ଉପରେ ଅଙ୍କୁଶ ନଥାଏ । ଦେଖଣାହାରୀମାନେ ତାକୁ ଭାବୁଥାନ୍ତି ପାଗଳ । ତା' ସହ ଟିକିଏ ମଜା କରିବାକୁ ଚାହୁଁଥାନ୍ତି । ହସି ହସି ବଡ଼ ପାଟିରେ ଦେଉଥାନ୍ତି ଗାଳି । ହେଲେ ଥରେ ସେମାନଙ୍କ ଆଡ଼କୁ ଅନେଇ ଦେଲେ ତା' ନିରୀହ ତଥା ଭାବହୀନ ଆଖିରେ କ'ଣ ଥାଏ କେଜାଣି ସମସ୍ତେ ଡରି ଚୁପ୍ ହୋଇଯାଆନ୍ତି । ପରସ୍ପର କ୍ଷୀଣ ସ୍ୱରରେ କଥା ହୁଅନ୍ତି, "ତା'ର ସର୍ବସ୍ୱ ବୋଧେ ଲୁଟ୍ ହୋଇ ଯାଇଛି ....." – "ସମ୍ପର୍କୀୟଙ୍କୁ ସବୁ ହାଣି ଦିଆହୋଇଛି ....." – "ନା ନା, ଏମିତି ଲାଗୁଛି ଯେମିତି କାଫେର୍‌ମାନେ ତା' ଛୁଆଙ୍କୁ ତା'ରି ସାମ୍ନାରେ ନିଆଁ ଭିତରକୁ ଫିଙ୍ଗି ଦେଇଛନ୍ତି କିମ୍ବା ବର୍ଚ୍ଛାରେ ଟେକି ଘୂରେଇଛନ୍ତି ସେମାନଙ୍କ କାନ୍ଦ ବନ୍ଦ ହେବାସହ ନିଃଶ୍ୱାସ ବନ୍ଦ ହେବା ପର୍ଯ୍ୟନ୍ତ ।" – "ସେସବୁ ଦେଖି ଭୟ ତା' ଆଖିକୁ ଉତୁରି ଆସିଛି । ତା' ସମଗ୍ର ସତ୍ତାକୁ ଆବୋରି ବସିଛି । ତାକୁ ଦେଖିଲେ ହିଁ ଭୟ ଲାଗୁଛି ସେଇଥିପାଇଁ ।" ଥରେ ପଥିକଟିଏ ରାସ୍ତାକଡ଼ର ଦୋକାନୀକୁ ଇୟେ କିଏ ବୋଲି ପଚାରିବାରୁ ସେ କହେ, "ଦୁଃଖୀଟିଏ ଜନାବ୍ । ଅମୃତସରରେ ରହୁଥିଲା । କାଫେର୍‌ମାନେ ସବୁକିଛି ଲୁଟି ତା' ବିବି ଓ ବାଲ୍‌ବଚ୍ଚାଙ୍କୁ ନିଆଁରେ ପୋଡ଼ି ଦେଇଛନ୍ତି ।" ପଥିକ ତୁଣ୍ଡରୁ ବିସ୍ମୟସୂଚକ ଉଚ୍ଚାରଣ – "ଜୀବନ୍ତ ?" ଦୋକାନୀ ତା' ଓଠରେ ଯନ୍ତ୍ରଣା ମିଶ୍ରିତ ହସଟିଏ ଖେଳାଇ କହେ, "କୋଉ ଦୁନିଆଁରେ ଆପଣ ରହୁଛନ୍ତି ଜନାବ୍ ! ସେଦିନ ଅତିକ୍ରାନ୍ତ ଯେବେ ନିଆଁ କାଫେରମାନଙ୍କ ଲାସ୍‌କୁ ଜଳାଉଥିଲା । ଏବେ ତ ସେ ଜୀବନ୍ତ ମଣିଷକୁ ହିଁ ଜଳାଉଛି ।" ପଥିକ ସେଇ କାଫେର୍‌ମାନଙ୍କ ଉଦ୍ଦେଶ୍ୟରେ ଦୋ ଅକ୍ଷରୀ ବ୍ୟବହାର କରିବାରୁ ଦୋକାନୀ ଟିକିଏ ଖୁସି ହୋଇ ତାକୁ ବସିବାକୁ ଅନୁରୋଧ କରେ । ପଥିକ କହେ ଲୋକଟି ଖାନ୍‌ଦାନୀ ଭଳି ଲାଗୁଥିବା କଥା । ଦୋକାନୀ ସମର୍ଥନ ଜଣାଇ କହେ, "ହଁ ସାହବ୍, ଓକିଲ ଥିଲା, ହାଇକୋର୍ଟର ବଡ଼ ଓକିଲ । ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ଛାଡ଼ି ଆସିଛି । ମଣିଷ ସହଜରେ ପାଗଳ ହୁଏନି । ହୃଦୟରେ ଗଭୀର ଚୋଟ ବସିଲେ ହିଁ ତାହା ଖଣ୍ଡ ଖଣ୍ଡ ହୋଇଯାଏ । ଆଉ ଥରେ ଭାଙ୍ଗିଗଲେ ସାରା ଜୀବନ ଯୋଡ଼ି ହୁଏନା । ଆଜିକାଲି ଚାରିଆଡ଼େ ଏଇ କାହାଣୀ । ମୁଁ ନିଜେ ତ ଭୁକ୍ତଭୋଗୀ । ନିଜସ୍ୱ ଘର ନଥିଲେ ବି ଦୋକାନରେ ଏତେ ଜିନିଷ ଭରିଥିଲା ଯେ ମୁଁ ତିନୋଟି ଘର ବନେଇ ପାରିଥାନ୍ତି । ଛୁଆପିଲାଙ୍କୁ ଆଗରୁ ଏପଟକୁ ପଠାଇ ଦେଇଥିଲି ବୋଲି ରକ୍ଷା । ଯେଉଁମାନେ ରହିଯାଇଥିଲେ ସେମାନଙ୍କ କଥା ଆଉ ପଚାରନ୍ତୁନି । ଲୁହ ଆସିଯାଉଛି ଆଖିକୁ । ଖୁଦା ଧ୍ୱଂସ କରିଦେଉ ହିନ୍ଦୁସ୍ଥାନକୁ.... ।" ପଥିକ ଯିବାପାଇଁ ଉଠିଲା ବେଳେ କହେ, "ଦେଖିବ, ଦିନେ ସେଇ ଦେଶ ଧ୍ୱଂସ ହେବ ନିଶ୍ଚିତ । ଖୁଦାକେ ଘର୍ ଦେର୍ ହୈ ଅନ୍ଧେର୍ ନହିଁ ।"

ସେଇ ଅର୍ଦ୍ଧ-ବିକ୍ଷିପ୍ତ ଲୋକଟିର କ୍ରମରେ କିଛି ପରିବର୍ତ୍ତନ ଦେଖାଯାଏନି । ପୂର୍ବଭଳି ସେ ବଜାର ଭିତରେ ବୁଲୁଥାଏ, ଶରଣାର୍ଥୀଙ୍କ ଭିଡ଼ରେ ଧକ୍କା ଖାଉଥାଏ । ଆଖ ପାଖର ଦୋକାନ ଓ ଘର ଗୁଡ଼ିକ ଆଡ଼େ ବଲବଲ କରି ଚାହିଁ ରହୁଥାଏ ଘଣ୍ଟା ସଂଖ୍ୟା । ଠିକ୍ ଚୁମ୍ବକ ଲୁହାକୁ ଟାଣିଲା ଭଳି ତା' ଦୃଷ୍ଟି, ମନ, ବୁଦ୍ଧି, ଚିତ୍ତ ଓ ଅହଂକାର ସବୁକୁ ସେଇ ଭଗ୍ନାବଶେଷରେ ପରିଣତ ହୋଇଯାଇଥିବା ଘରଗୁଡ଼ିକ ଟାଣି ନେଉଥାନ୍ତି । ସେଇ ଅଭାବନୀୟ ଦୃଶ୍ୟଗୁଡ଼ିକ ଦେଖି ଯାହା ତାର ମନେପଡ଼େ ତାହା ତାକୁ ପାଦ ତଳିପାରୁ ମୁଣ୍ଡ କଣାକରି ବାହାରି ଯାଉଥିବା ଶୁଳି ଭଳି କଷ୍ଟ ଦେଉଥାଏ । ସେଥିପାଇଁ ଆଜିଯାଏ ସେ ମରିପାରି ନାହିଁ । ଗୁମୁରି ଗୁମୁରି କାନ୍ଦୁଛି କେବଳ । ଯେଉଁ କାନ୍ଦରେ ଶବ୍ଦ କି ଲୁହ ନଥାଏ । ଥାଏ କେବଳ ନୀରବ ଯନ୍ତ୍ରଣା । ହଠାତ୍ ସେ ଆପଣା ଘର ସାମ୍ନାରେ ନିଜକୁ ପାଏ । ଏଇଟା ତା' ଜେଜେବାପାଙ୍କ ଦ୍ୱାରା ନିର୍ମିତ । ଉପର ମହଲାର ଡାହାଣ କଡ଼କୁ ଥିବା ଏକାଣିଆ କୋଠରୀ ଭିତରେ ତା' ବାପାଙ୍କ ଜନ୍ମ ହୋଇଥିଲା । ସେଇ ବଖରାଟି ତା'ର ମଧ୍ୟ ଥିଲା ଏନ୍ତୁଡ଼ିଶାଳ । ଏଠିକାର ପ୍ରତି ଧୂଳିକଣାରେ ତା'ର ଜୀବନର ଇତିହାସ ଲିପିବଦ୍ଧ ହୋଇ ରହିଛି । ଗୋଟି ଗୋଟି କରି ତା'ର ଅନେକ କଥା ମନେପଡ଼େ । ଯନ୍ତ୍ରବତ୍ ସେ ପାହାଚ ଚଢ଼ିଯାଇ କଲିଂବେଲ୍‌ରେ ହାତମାରେ । ନିର୍ଜୀବ ଘଣ୍ଟି ବାଜିଉଠିବା ସହ ତା'ର ନିଦ୍ରାଭଙ୍ଗ ହୁଏ । ଚମକି ଚାରିଆଡ଼କୁ ଚାହେଁ । ସେଇଠି ବିଭିନ୍ନ ପ୍ରକାର ଲୋକ ଥାଆନ୍ତି । ଭିନ୍ନ ଭିନ୍ନ ଭାଷାରେ ପରସ୍ପର ଭିତରେ କଥା ହେଉଥାନ୍ତି । ତଥାପି ତାଙ୍କ ଭିତରେ କିଛି ସମାନତା ଥାଏ ଯାହା ସେମାନଙ୍କୁ ଏକ କରି ରଖିଥାଏ । ସେଠି ତା'ର କୌଣସି ସ୍ଥାନ ନାହିଁ । ସେ ଆଗକୁ ବଢ଼ିଗଲା ବେଳେ ଗୃହସ୍ୱାମୀ ପାହାଚ ଓହ୍ଲାଇ ତଳକୁ ଆସି ତାକୁ କ'ଣ ହୋଇଛି ବୋଲି ପଚାରନ୍ତି । ଘର ଖାଲି ଅଛିକି ତାହା ବୁଝିବାକୁ ଆସିଥିବା କଥା ଜାଣି ଭୀଷଣ ବିରକ୍ତ ହୋଇ ତତ୍‌କ୍ଷଣାତ୍ ସେଇ ସ୍ଥାନ ଛାଡ଼ି ଚାଲିଯିବାକୁ ଆଦେଶ ଦିଅନ୍ତି । ସେ ବାଧ୍ୟ ଶିଶୁଟିଏ ଭଳି କୌଣସି ପ୍ରତିବାଦ ନକରି ତରତର ହୋଇ ଆଗକୁ ବଢ଼ିଯାଏ । ତା'ର ହୋସ୍ ଆସିଲା ବେଳକୁ ସେ ଅନାରକଲୀ ପାର ହୋଇ ମାଲ୍‌ରୋଡ୍ ପହଞ୍ଚି ସାରିଥାଏ । ବାସ୍ତବତାକୁ ହୃଦୟଙ୍ଗମ କରି ସେ ଗୋଟାପଣେ ଶିହରି ଉଠେ । ଆଗରେ ମୁଣ୍ଡଟେକି ଠିଆହୋଇଥାଏ ହାଇକୋର୍ଟର ସୁଦୃଶ୍ୟ କୋଠା । ତା'ଉପର ଗମ୍ବୁଜକୁ ଆଖି ଗଡ଼ାଇ ଦେଖେ । ଭିତର ହଲ୍ ତଥା ଲମ୍ବା ବାରଣ୍ଡାର ଚିତ୍ର ତା ଆଖି ସାମ୍ନାରେ ଭାସିଯାଏ । ତା'ର ମନେ ପଡ଼େ ସେ କେଉଁଠି ବସୁଥିଲା, କିଭଳି ପୋଷାକ ପିନ୍ଧୁଥିଲା ସେଇସବୁ କଥା । ମୁଣ୍ଡ କୁଣ୍ଡେଇବାକୁ ଯାଇ ତା ଆଙ୍ଗୁଠି ଫେଜ୍ ଟୋପିରେ ବାଜିବାରୁ ସେ ସାପ ଛୁଇଁଲା ଭଳି ଠାଏ କି ଚମକିପଡ଼ି ହାତ ତଳକୁ ଘୁଞ୍ଚାଇନିଏ ଯେମିତି ତା'ର ସ୍ୱପ୍ନଭଙ୍ଗ ନହେଉ । ଏଇଠିକୁ ସେ କଳା ଗାଉନ୍ ପିନ୍ଧି ଆସୁଥିଲା । କେତେ ଚିହ୍ନା ଅଚିହ୍ନା ଲୋକ ତାକୁ ଦୁଆ ସଲାମ୍ ଜଣାଉଥିଲେ । ସାଥୀ ଓକିଲମାନେ ହାତ ମିଳାଇ ଶିଷ୍ଟାଚାର .... । ତା' ଆଖି ଆଗରେ ଜଜ୍‌ଙ୍କ ବିଚାରକକ୍ଷ ଭାସିଉଠେ । ପୁଣି ବାର୍ ଏସୋସିଏସନ । ପୁଣି ତା' ଚେମ୍ବର, ତା'ଚେୟାର । ନିଜକୁ ରୋକି ନପାରି ସେ ଗେଟ୍ ଭିତରକୁ ପଶିଯାଏ । ଏଠି ସେଠି ସୈନିକମାନେ ମେସିନ୍ ଗନ୍ ଧରି ପହରା ଦେଉଥାନ୍ତି । ତା' ମନକୁ ଖାଣ୍ଡବବନ କଥା ଆସେ । ଯାହାର ଧ୍ୱସ୍ତ ବିଧ୍ୱସ୍ତ ଭୂମି ଉପରେ ନିର୍ମିତ ହୋଇଥିଲା ବୈଭବଶାଳୀ ଇନ୍ଦ୍ରପ୍ରସ୍ଥ । ତେବେ କ'ଣ ଏଇ ମହାବିନାଶ ପରେ ଏଇଠି ବି ସେମିତି କୌଣସି ଗରିମାମୟ କଳାକୃତିର ନିର୍ମାଣ ହେବ ?

କପର୍ଦ୍ଦକଶୂନ୍ୟ ହୋଇ ଶରଣାର୍ଥୀ ସାଜିବା ପରେ ସେ ତା' ବଡ଼ପୁଅକୁ କହିଥିଲା, "ଏମିତି କେତେ ଖେଳ ଖେଳିବ ଜୀବନ । ଆମକୁ ହତାଶ ନହୋଇ ଆଗକୁ ବଢ଼ିବାକୁ ପଡ଼ିବ ।" ପୁଅଟି ବାପର ସଚ୍ଚା ଉତ୍ତରାଧିକାରୀ ଥିଲା । ପରିବାରବର୍ଗଙ୍କୁ ଗୋଟେ ଛୋଟ ଗାଁରେ ଛାଡ଼ି ସେ ବଢ଼ି ଯାଇଥିଲା ଆଗକୁ ଦୁଇ ପଇସା ରୋଜଗାର କରି ଉଜୁଡ଼ା ସଂସାରକୁ ସଜାଡ଼ିବା ଉଦ୍ଦେଶ୍ୟରେ । ଦିନେ ତା'ପାଖରେ ଅଚାନକ୍ ସାନଭାଇର ଟେଲିଗ୍ରାମ ପହଞ୍ଚେ । ବାପା କୁଆଡ଼େ ଚାଲିଯାଇଥିବାରୁ ଘରେ ସମସ୍ତେ ବ୍ୟସ୍ତ ଥିବା କଥା ଉଲ୍ଲେଖ ଥାଏ ସେଥିରେ । ବଡ଼ପୁଅ ଛାନିଆଁ ହୋଇ ଘରକୁ ଆସି ବାପାଙ୍କୁ ଖୋଜିବାକୁ ଲାଗେ । ସାଙ୍ଗସାଥୀଙ୍କୁ ଚିଠି ଲେଖେ, ରେଡ଼ିଓକୁ ବାର୍ତ୍ତା ପଠାଏ, ଖବରକାଗଜରେ ବିଜ୍ଞାପନ ଦିଏ । ହେଲେ କିଛି ଫଳ ମିଳେନି । ଦିନେ ସକାଳୁ ଦେଖିଲା ବେଳକୁ ଶାନ୍ତ, ନିର୍ଦ୍ୱନ୍ଦ ଓ ନିର୍ମୁକ୍ତ ବାପା କବାଟ ଖୋଲି ଘର ଭିତରକୁ ପଶି ଆସନ୍ତି । ଲାହୋର ଯାଇଥିଲେ ବୋଲି କହନ୍ତି । ଭାରି ମନଗୁଡ଼େଇ ହେଲା ତ ସେଇଲାଗି ଚାଲିଗଲେ । କେହି କିଛି ପଚାରନ୍ତିନି କି ଇୟେ ବି କିଛି କହନ୍ତିନି କାହାକୁ ତାଙ୍କ ଗୁପ୍ତ ଗସ୍ତ ବିଷୟରେ । ପୁଣି ପୂର୍ବ ଭଳି ତାଙ୍କ କାମରେ ଯୋଗ ଦିଅନ୍ତି । ମଝିରେ ମଝିରେ ହଠାତ୍ ଗାୟବ ହୋଇଯିବା ଏକ ସାଧାରଣ କଥା ହୋଇଯାଏ । ଥରେ ପତ୍ନୀ ବିରକ୍ତ ହୋଇ ପଚାରନ୍ତି, "ସେଇଠି କ'ଣ ଛେନାଗୁଡ଼ ଟା ଅଛି ଯେ ଧାଉଁଛ ବାରମ୍ବାର କାହାକୁ କିଛି ନକହି ? ସୁବିଧା ଅସୁବିଧା କେତେ ଅଛି । ଦେଖୁଛ ତ କେମିତି ହାଣକାଟ୍ ହେଉଛି ଚାରିଆଡ଼େ । ଆମେ ତ ରହି ପାରିଲେନି ବୋଲି ଛାଡ଼ିକରି ପଳାଇ ଆସିଲେ । ପୁଣି ସେଠିକି ଯିବା କି ଦରକାର ?" କିଛିକ୍ଷଣ ମୌନ ରହିବା ପରେ ସେ କହନ୍ତି, "କାହିଁକି ଯାଉଛି ? କାରଣ ସେଇଟା ମୋର ମାତୃଭୂମି । ମୁଁ ସେଇଠି ଜନ୍ମ ହୋଇଛି । ସେଠିକା ମାଟିରେ ମୋ ଜୀବନର ରହସ୍ୟ ଛପି ରହିଛି । ସେଠିକା ପବନରେ ମୋ ଜୀବନର କାହାଣୀ ଲିପିବଦ୍ଧ ହୋଇ ରହିଛି ।" ତାଙ୍କ କଥା ଶୁଣି ପତ୍ନୀ ବି ନିର୍ବାକ୍ ହୋଇଯାଆନ୍ତି । ମାତୃଭୂମିର ସ୍ପର୍ଶ ଟିକିଏ ପାଇଁ ତାଙ୍କର ମନ ବି ବିକଳ ହୋଇଉଠେ । ଦୁହେଁ ଦୁହିଁଙ୍କୁ ବୁଝାବୁଝି ହୋଇ ରହନ୍ତି । ଚେମ୍ବରରେ ବସି ମହକିଲଙ୍କୁ ଭେଟନ୍ତି, ଗାଉନ୍ ପିନ୍ଧି କୋର୍ଟକୁ ଯାଆନ୍ତି । ନିଜ ଅତୀତକୁ ଭୁଲିଯିବାକୁ ପାରୁ ପର୍ଯ୍ୟନ୍ତେ ଚେଷ୍ଟା କରନ୍ତି । ହେଲେ କିଛିମାସ ପରେ ପୁଣି ନିଖୋଜ୍ । ପୁଅ ଭାରି ବିରକ୍ତ ହୋଇ କହେ, "ଲାହୋର ଛଡ଼ା କୁଆଡ଼େ ଆଉ ଯାଇଥିବେ ? ଯେତେ ମନାକଲେ ମାନୁ ନାହାନ୍ତି । ଭୋଗିବେ ଆପଣା କର୍ମଫଳ । କୋଉ ବୋପା ସେଠି ବସିଛି ଯେ ଅସୁବିଧା ହେଲେ ପିଠିରେ ପଡ଼ିବ ।" ପୁଅର ଅନୁମାନ ଠିକ୍ ଥାଏ । ସେ ଏଭଳି ଚିନ୍ତା କଲାବେଳେ ଲାହୋରର ରାସ୍ତାକଡ଼ର ଏକ ଦୋକାନୀ, ଲୁଙ୍ଗି ଗୁଡ଼େଇ ହୋଇ ଫେଜ୍ ଟୋପି ପିନ୍ଧି ଚାରିଆଡ଼କୁ ବଲବଲ ହୋଇ ଚାହୁଁଥିବା ଜଣେ ଅର୍ଦ୍ଧ ପାଗଳକୁ ପଚାରୁଥାଏ, "ଶେଖ୍ ସାହେବ୍ ! ଢେରଦିନ ହେଲା ଦେଖା ନଥିଲା ତ ଆପଣଙ୍କର ! କୁଆଡ଼େ ଯାଇଥିଲେ କି ?" ଅମୃତସର ଯାଇଥିଲା ବୋଲି କହେ ଲୋକଟି । ସେଇଟା ପରା ତା'ର ମାତୃଭୂମି । ତାକୁ ଛାଡ଼ି କ'ଣ ସହଜରେ ବଞ୍ଚି ହେଉଛି ? "ସାଢ଼େ ତିନିଲକ୍ଷ ମୁସଲମାନ ଥିଲେ ଅମୃତସରରେ ଆଉ ଆଜି ଗୋଟେ ବି ନାହାନ୍ତି । କାଫେର୍‌ମାନେ ସମସ୍ତଙ୍କୁ ହାଣିକାଟି ତଡ଼ିଦେଲେ । ଆମେ ହେଲେ କୋଉ ଛାଡ଼ିଲୁ କି । ଲାହୋର୍‌କୁ ହିନ୍ଦୁ ଓ ଶିଖ୍ ଶୂନ୍ୟ ବନେଇଦେଲୁ ।" ଏତକ କହିଲା ବେଳେ ଦୋକାନୀର ଆଖିରେ କାଫେର୍‌ଙ୍କ ପ୍ରତି ଝଲସୁଥାଏ ଅସମ୍ଭବ କ୍ରୋଧ ।

ଅର୍ଦ୍ଧ ପାଗଳଟି ଆଗକୁ ବଢ଼ିଯାଏ । ମାଲ୍‌ରୋଡ୍‌ରେ ଆସ୍ତେ ଆସ୍ତେ ବଢୁଥାଏ ଭିଡ଼ । ଇଂରେଜ୍, ଆଙ୍ଗ୍‌ଲୋ ଇଣ୍ଡିଏନ, ଈଶାଇ ସ୍ତ୍ରୀଲୋକମାନେ ନିଜ ନିଜ କିଣାକିଣିରେ ବ୍ୟସ୍ତ ଥାଆନ୍ତି । ହେଲେ ହିନ୍ଦୁ ଓ ଶିଖ୍‌ଙ୍କ ଅନୁପସ୍ଥିତିରେ ପୂର୍ବର ଭାଇଚାରାର ଦୃଶ୍ୟ ଉଭେଇ ଯାଇଥାଏ । ଶରୀରଟି ପଡ଼ି ରହିଛି ସିନା କିନ୍ତୁ ଆତ୍ମା ତ ଲହୁଲୁହାଣ । ହେଲେ ଏଇଟା ବି ତା'ର ହିଁ ଦୃଷ୍ଟିର ଦୋଷ । ଯେଉଁମାନେ ସେଠାରେ ଉପସ୍ଥିତ ଥାଆନ୍ତି ତାଙ୍କର କାହାରି ବି ଆତ୍ମା ଆଡ଼କୁ ଧ୍ୟାନ ହିଁ ନଥାଏ । ହଠାତ୍ କ'ଣ ଭାବି ସେ ପଛକୁ ବୁଲିପଡ଼େ । ରାସ୍ତା ପଚାରିବାର ଆବଶ୍ୟକତା ନାହିଁ । ବଳଦଙ୍କ ପରି ତା'ର ପାଦ ଦୁଇଟି ମଧ୍ୟ ସେଇ ରାସ୍ତାରେ ଥାଆନ୍ତି ଖୁବ୍ ପରିଚିତ । ବିଶ୍ୱବିଦ୍ୟାଳୟର ବିରାଟ କୋଠା, ବୁଲ୍‌ନର୍ ଷ୍ଟେଚ୍ୟୁ, ତା'ପରେ ଆସେ କଲେଜ, ଯେଉଁଠି ଦିନେ ସେ ଥିଲା ଛାତ୍ର । ପଛକୁ କେତେଦିନ ଲାଗି ଅଧ୍ୟାପନା ବି କରିଥିଲା ସେଇଠି । ଛାତି ଭିତର ରୁନ୍ଧି ହୋଇଯାଉଥାଏ କୋହରେ । ଆଖିରେ ଭରିଯାଉଥାଏ ଲୁହ । ତା' ପରେ ଦୟାନନ୍ଦ କଲେଜ୍‌କୁ ରାସ୍ତା । ଦିନେ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ଲୋକେ ଦୟାନନ୍ଦ ବିଶ୍ୱବିଦ୍ୟାଳୟ ବୋଲି କହୁଥିଲେ..... ।

ଶରଣାର୍ଥୀଙ୍କ ଭିଡ଼ ଭିତରଦେଇ ଗଲାବେଳେ ସେ ଖୁବ୍ ଉତ୍ୟକ୍ତ ହୋଇଉଠେ । ସମସ୍ତଙ୍କୁ ଚିତ୍କାର କରି ଗାଳି ଦେବାକୁ ତାର ଭାରି ଇଚ୍ଛା ହୁଏ । ଓଠ କାମୁଡ଼ି ନିଜକୁ ଆୟତ୍ତ କରିବାକୁ ପ୍ରୟାସରତ ଥିବାବେଳେ ଜଣେ ତାକୁ ସନ୍ଦେହ ଦୃଷ୍ଟିରେ ଚାହେଁ । ଫୁସ୍ ଫୁସ୍ କରି ପାଖରେ ଥିବା ତା' ସାଥୀକୁ କହେ, "ମୁଁ ଯାକୁ ଜାଣିଛି । ଇୟେ ଗୋଟେ ହିନ୍ଦୁ । ଲାହୋରରେ ବଡ଼ ଓକିଲ ଥିଲା ଅତୀତରେ । କେତେ ଲୋକଙ୍କ ପଇସା ଲୁଟି ବଡ଼ ଧନୀ ବନିଥିଲା । ଶଳା ଏବେ ଏଠାକୁ ଆସିଛି ଗୁପ୍ତଚର ସାଜି ।" ଓଭରକୋଟ୍ ପକେଟ୍‌ରୁ ପିସ୍ତଲଟି ବାହାର କରି ଗୁଳି ଫୁଟାଇଦିଏ ତା' ଆଡ଼କୁ ଲକ୍ଷ୍ୟ କରି । ଲୋକଟି ଛଟପଟ ହୋଇ ରାସ୍ତା ଉପରେ ଟଳିପଡ଼େ । ପାଖରେ ପୋଲିସ୍‌ମାନେ ଠିଆ ହୋଇଥିଲେ ବି କିଛି ପ୍ରତିକ୍ରିୟା ଦେଖାନ୍ତି ନାହିଁ । କିଛି ଦୟାବନ୍ତ ହୃଦୟବାନ ଲୋକ ତାକୁ ଘେରିଯାଆନ୍ତି । ଭିଡ଼ ଭିତରୁ ଜଣେ ତାକୁ ଚିହ୍ନିପାରି ଶିହରି ଉଠି ପଚାରେ, "ମିଷ୍ଟର ପୁରୀ, ତୁମେ ଏଠି !" ମିଷ୍ଟର ପୁରୀ ଆଖି ଖୋଲନ୍ତି । ତାଙ୍କ ମୁହଁ ଶେତା ପଡ଼ିଯାଇଥାଏ । ପଚାରୁଥିବା ଲୋକଟିକୁ ଦେଖି, ଯନ୍ତ୍ରଣା ମିଶ୍ରିତ ସ୍ମିତହାସ୍ୟ ସହ ଆସ୍ତେ ଆସ୍ତେ କହନ୍ତି, "ହ..ସ..ନ୍... ତୁମେ... !" ଆଖି ପୁଣି ବୁଜି ହୋଇଯାଏ । ହସନ୍ ଚିତ୍କାର କରି ସହାୟତା ମାଗୁଥାଏ – "ଶୀଘ୍ର ଗୋଟେ ଟେକ୍ସି ବ୍ୟବସ୍ଥା କର । ୟାଙ୍କୁ ମେୟୋ ହସ୍ପିଟାଲ୍‌କୁ ନେଇଯିବା । ହାଇରେ କେତେ ରକ୍ତ ବୋହି ଗଲାଣି ! ଜଲ୍‌ଦି କର । ଆଉ ଡେରି କଲେ ସବୁ ସରିଯିବ ।" ଲୋକ ଗହଳି ବଢୁଥାଏ । ହସନ୍, ଯିଏ ତା ସାଙ୍ଗ ଥିଲା, ଏକା କ୍ଲାସ୍‌ରେ ପଢୁଥିଲା, ପ୍ରତିଦ୍ୱନ୍ଦୀ ସାଜି ମୁକଦ୍ଦମା ଲଢୁଥିଲା, ଏବେ ଛାନିଆଁ ହୋଇ ତାକୁ କୁଣ୍ଢେଇ ଧରି ପାଗଳଙ୍କ ଭଳି ଚିତ୍କାର କରୁଥିଲା, "କିଛି ହେବନି ତୁମର । ସବୁ ଠିକ୍ ହୋଇଯିବ । ଆଖି ଖୋଲ । ମୁଁ ଅଛି, ଚିନ୍ତା କରନି.... ।" କିଛି କ୍ଷଣ ପରେ ପୁଣି ହୋସ୍ ଆସିବା ଦେଖି ସେ ପଚାରେ, "ତୁମେ ଏଠିକି ଏମିତି ବେଶରେ କାହିଁକି ଆସିଥିଲ ମିଷ୍ଟର ପୁରୀ ?" ମିଷ୍ଟର ପୁରୀ ପୁଣିଥରେ ବଡ଼ କଷ୍ଟରେ ଆଖି ଖୋଲନ୍ତି । ଥରିଲା କଣ୍ଠରେ କହନ୍ତି, "ମୁଁ ଏଠିକୁ କାହିଁକି ଆସିଲି ? ମୁଁ ଏଠୁ କେମିତି ଯାଇ ପାରିବି ଯେ ? ଏଇଟା ପରା ମୋର ମାତୃଭୂମି ହସନ୍ ! ମୋର ମାତୃଭୂମି..... !!! (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୧ ଅକ୍ଟୋବର, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ଆଉଜା କବାଟ (୫୨)



# ସାବଧାନ ! ମନ୍ତ୍ରୀ ଆସୁଛନ୍ତି

ଡ. ରାଧାରଂଜନ ପଟ୍ଟନାୟକ

ଆଜି ମାନ୍ୟବର ମନ୍ତ୍ରୀ ମହାଶୟଙ୍କ ସହର ଆଗମନ। ଏଥିପାଇଁ ସକ୍ରିୟ ହୋଇଉଠିଲେ ଚାମ୍‌ଚାମାନଙ୍କର ବିଜ୍ଞାପିତ ଦଳ। ଖୁବ୍ ବଡ଼ ବଡ଼ ସଚିତ୍ର ବିଜ୍ଞାପନ ଅକ୍ତିଆର କରିନେଲା ସମାଚାରପତ୍ରର ସ୍ତମ୍ଭ। ଅନ୍ୟସବୁ ସମ୍ବାଦ ହୋଇଗଲା ଗୌଣ। ପ୍ରଥମପୃଷ୍ଠାରେ ପ୍ରକାଶ ପାଇଲା ମୁଖ୍ୟ ସମାଚାର 'ମାନ୍ୟବର ମନ୍ତ୍ରୀଙ୍କ ଶୁଭାଗମନ'। ପ୍ରଚାର ହେଲା ସହରର ଛକ, ସଡ଼କ, ଗଳିକନ୍ଦି। ମନ୍ତ୍ରୀ କେତେବେଳେ କେଉଁ ଟ୍ରେନ୍ ଅଥବା ଏରୋପ୍ଲେନରେ ଆସିବେ, କେଉଁଠି କେଉଁଠି ତାଙ୍କର କାର୍ଯ୍ୟକ୍ରମ ହେବ, ସବୁଠି ଝୁଲିଲା ବଡ଼ ବଡ଼ ପୋଷ୍ଟର ଓ ଝାଲର। ସଡ଼କ ସାଜିଲା ରଙ୍ଗବେରଙ୍ଗ। ସତର୍କ ହୋଇଉଠିଲା ପୋଲିସ ଓ ପ୍ରଶାସନ ବିଭାଗ। ମୁଖ୍ୟ ସଡ଼କକୁ ବନ୍ଦ କରିଦିଆଗଲା। ଏପରିକି ନବେ ବର୍ଷର ବୃଦ୍ଧମାନଙ୍କୁ ବି ଏ ରାସ୍ତାରେ ଯିବା ପାଇଁ ନିଷେଧ ଜାରି ହେଲା। ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ସେମାନଙ୍କୁ ଦୁଇ କିଲୋମିଟର ବାଟ ଚକ୍କର ଦେବାକୁ ପଡ଼ିଲା। ପୋଲିସବାଲାଏ ସହାୟତାର ହାତ ବଢ଼ାଇଲେ ସେମାନଙ୍କ ପାଇଁ। ସତରେ ଏମିତି ସୌହାର୍ଦ୍ଦପୂର୍ଣ୍ଣ ପୋଲିସ କେଉଁଠୁ ମିଳିବେ ? ଏମିତି ନ କଲେ ତାଙ୍କର ପ୍ରତିଷ୍ଠା ଓ ସମ୍ମାନ ବଢ଼ିବ କେମିତି ?

ହଁ, ଏବେ ମନ୍ତ୍ରୀ ମହାଶୟଙ୍କ ଆସିବାର ସମୟ ହୋଇଗଲା। ହାତରେ ଖୁବ୍ ବଡ଼ ବଡ଼ ମାଳା ଧରି ମନ୍ତ୍ରୀଙ୍କ ସ୍ୱାଗତ ଉପଲକ୍ଷେ ସ୍ୱାଗତକର୍ତ୍ତାଙ୍କ ଦୌଡ଼ ଚାଲିଲା, ଭିଡ଼ ବି। ମାଳା ପିନ୍ଧାଇବାର ପ୍ରତିଯୋଗିତାରେ ଗହଳି ହୋଇଉଠିଲା ପରିବେଶ। ଚରଣ ଚୁମ୍ବନ ପାଇଁ ଚାଲିଲା ଘନଘନ ପ୍ରୟାସ। ମନ୍ତ୍ରୀଙ୍କୁ କିଏ ସର୍ବପ୍ରଥମେ ମାଳା ପିନ୍ଧାଇବ ଏବଂ ତାଙ୍କ ଚରଣ ସ୍ପର୍ଶ କରି ଆଶୀର୍ବାଦ ପ୍ରାପ୍ତ କରିବ, ଏଥିପାଇଁ ଚାଲିଲା ରୀତିମତ ପ୍ରାକ୍ ପ୍ରସ୍ତୁତି। ଯିଏ ପ୍ରଥମେ ଏମିତି କାମରେ ସଫଳ ହେବ, ତା'ର ଖୋଲିଯିବ ଭାଗ୍ୟ। ମନ୍ତ୍ରୀଙ୍କର ହେବ ସବୁଠୁ ବିଶ୍ୱସ୍ତ ମଣିଷ। ଯିଏ ଶେଷରେ ରହିବ, ସେ ମନମାରି କେବଳ ହତାଶ ହେବ। ମାଳା କିନ୍ତୁ ହାତରେ। ଧକ୍କାମୁଖୀ କରିବାକୁ ସାହସ ହେଉନାହିଁ। ଆଗକୁ ବଢ଼ିପାରିଲେନି ସେ। କ'ଣ କରିବେ ବିଚରା ! ମନ୍ତ୍ରୀ ଆମ ସହରରେ ପାଦ ରଖିବେ, ଅଥଚ ତାଙ୍କୁ ସ୍ୱାଗତ କରିପାରିବେ ନାହିଁ ? ବିଳମ୍ବରେ ହେଲେ ମଧ୍ୟ ଠିକ୍। ଯେମିତି ହେଲେ ସ୍ୱାଗତ କରିବାକୁ ହିଁ ପଡ଼ିବ। ମନ୍ତ୍ରୀଙ୍କ ସହ ଫଟୋ ବି ଉଠାଇବାକୁ ପଡ଼ିବ। ତେବେ ସେ ହେବେ ବିଶିଷ୍ଟ ଶ୍ରେଣୀର। ସେ ଚିତ୍କାର କରି କହିପାରିବେ ଏ ଅଞ୍ଚଳରେ ସେ ଜଣେ ମହାନ ନେତା। ଅନ୍ୟଥା ତାଙ୍କୁ ପଚାରିବ କିଏ ? ଦୁଇ କଉଡ଼ିର ଇଜ୍ଜତ୍ ରହିବ ତ ? ଭାବିଚାଲିଲେ ଅନାମ ଦାସ।

ସମ୍ଭବତଃ ଏମିତି ଅପୂର୍ବ ସ୍ୱାଗତ ବନବାସରୁ ପ୍ରତ୍ୟାବର୍ତ୍ତନ ସମୟରେ ଭଗବାନ ଶ୍ରୀରାମଙ୍କର ବି ହୋଇନଥିବ, ଯେମିତି ଆଜିର ମନ୍ତ୍ରୀଙ୍କ ପାଇଁ କରାଯାଉଛି। କାହିଁକି କରା ନ ଯିବ ଯେ ! ଆଜିର ଯୁଗରେ ମନ୍ତ୍ରୀ ଆମର ଭଗବାନ। ଭାଗ୍ୟବିଧାତା। ହୁଏତ ଗତକାଲି ଜନସେବକ ସାଜି ଘରେ ଘରେ ଦସ୍ତକ୍ ଦେଉଥିଲେ। ଜଣେ ଜଣେ ମତଦାତାଙ୍କ ପାଦ ଧରି ତାଙ୍କୁ ନିଜ ସପକ୍ଷରେ ମତଦାନ କରିବାକୁ ପ୍ରାର୍ଥନା କରୁଥିଲେ। ମାତ୍ର କାଲିର କଥା ଆଜି ଆଉ କ'ଣ ଅଛି ? ଆଜି ତ ସେ ଜନସେବକ ନୁହନ୍ତି, ବରଂ ଜନନାୟକ, ରାଜା। ବାଦ୍‌ଶାହ। ତାଙ୍କର ଏତେ ମହାନ ଅନୁଗ୍ରହ ଯେ ଆମ ସହରରେ ପାଦ ରଖିଲେ। ସମସ୍ତଙ୍କୁ ଦର୍ଶନ ଦେଇ କୃତାର୍ଥ କଲେ। ଅନ୍ୟଥା ନିର୍ବାଚନ ଜିତିବା ପରେ ବି ବିଧାୟକ, ସାଂସଦ ଅଥବା ମନ୍ତ୍ରୀ କ'ଣ କେହି ଯିବା ଆସିବା କରନ୍ତି ? ଏହା ଏକ ଭିନ୍ନକଥା ଯେ ଏ ଯୁଗରେ ସେମାନଙ୍କର ଭତ୍ତା ପକ୍କା। ଏହା ସତ୍ତ୍ୱେ ବି ଏମାନଙ୍କର ଅନ୍ୟ ମହତ୍ତ୍ୱପୂର୍ଣ୍ଣ କାମ ମଧ୍ୟ ଅଛି, ଯାହା ତାଙ୍କୁ ଶେଷ କରିବାକୁ ପଡ଼ିବ।

ହଁ, ମନ୍ତ୍ରୀ ମହାଶୟଙ୍କ ଦଳର ସଦସ୍ୟମାନେ କାର୍ଯ୍ୟକ୍ରମ ସ୍ଥଳକୁ ଯାତ୍ରା ଆରମ୍ଭ କଲେ। ମନ୍ତ୍ରୀ କିନ୍ତୁ ଲକ୍‌ଜୁରି କାର୍‌ରେ। ତାଙ୍କ ପଛରେ ଛୋଟ ଛୋଟ ନେତାଙ୍କ ଅସମ୍ଭବ ଭିଡ଼। ମନ୍ତ୍ରୀଙ୍କ ସହ ଅଙ୍ଗରକ୍ଷକ ସ୍ୱତନ୍ତ୍ର। କାରଣ ମନ୍ତ୍ରୀ ମହତ୍ତ୍ୱପୂର୍ଣ୍ଣ ପ୍ରାଣୀ ଅଟନ୍ତି। ତାଙ୍କ ସୁରକ୍ଷା ତ ପରମ ଆବଶ୍ୟକ। ପୁଣି ଆଜିକାଲି ତ ସଂସଦ ଭବନ ପର୍ଯ୍ୟନ୍ତ ଆତଙ୍କବାଦୀମାନେ ପହଞ୍ଚିଯାଉଛନ୍ତି। ତେଣୁ ଏହାଙ୍କ କାର୍ଯ୍ୟକ୍ରମ ସ୍ଥଳରେ କେତେବେଳେ କ'ଣ ହୋଇଯିବ, କିଏ କହିବ ? ଏହାର ଗ୍ୟାରେଣ୍ଟି କିଏ ଦେବ ? ଶେଷରେ ସବୁ ଆରୋପ ପ୍ରତ୍ୟାରୋପ ପୋଲିସ ପ୍ରଶାସନର ମୁଣ୍ଡରେ ପଡ଼ିବ। ତେଣୁ ନିଜର ଚମଡ଼ା ବଞ୍ଚାଇବା ଦରକାର। ଏହି ସୁରକ୍ଷା ବଳୟ ଭିତରେ ଯଦି ସଂଯୋଗବଶତଃ ପ୍ରସବପୀଡ଼ା ଜର୍ଜରିତା କୌଣସି ମହିଳା ଫସିଯାଆନ୍ତି, ତେବେ ତାହାକୁ ତତ୍କାଳ ହସପିଟାଲ ପହଞ୍ଚାଇବାକୁ ଆବଶ୍ୟକ ହୁଏ, ହୁଏତ ତା'ର ପ୍ରସବ ରାସ୍ତାରେ ହୋଇଯାଇପାରେ। ଏହି ସୁରକ୍ଷା ବଳୟ ଭିତରୁ ବାହାରି ହସପିଟାଲରେ ପହଞ୍ଚିବା କ'ଣ ସାମାନ୍ୟ କଥା ହୋଇଛି ?

ଏବେ କାର୍ଯ୍ୟକ୍ରମ ସ୍ଥଳ। ମଞ୍ଚକୁ ଯିବା ପୂର୍ବରୁ ରେଷ୍ଟ୍‌ରୁମ୍‌ରେ ମନ୍ତ୍ରୀ। ଚାଟୁକାରଙ୍କ ଭିଡ଼ ଚାରିଆଡ଼େ। କେହି ମନ୍ତ୍ରୀଙ୍କ ଅଇଁଠା ପ୍ଲେଟ ଉଠାଉଛନ୍ତି ତ ପୁଣି କେହି ପଙ୍ଖାରେ ବିଞ୍ଚିଦେଉଛନ୍ତି। କେହି ମନ୍ତ୍ରୀଙ୍କ ପାଟିରୁ ବାହରୁଥିବା ଛେପକୁ ହାତରେ ନେଉଛନ୍ତି। ଆଉ କେହି ମନ୍ତ୍ରୀଙ୍କ ଜୋତାରୁ ଧୂଳି ଝାଡ଼ୁଛନ୍ତି। ମନ୍ତ୍ରୀଙ୍କୁ ଯେପରି କଷ୍ଟ ନ ହୁଏ, ତାହାର ପୂରା ଧ୍ୟାନ ରଖାଯାଇଛି। ଯଦି ମନ୍ତ୍ରୀଙ୍କୁ ଛିଙ୍କ ବି ଆସିଲା, ତେବେ ତୁରନ୍ତ ଚିକିତ୍ସାର ବ୍ୟବସ୍ଥା।

ବର୍ତ୍ତମାନ ସାଧାରଣ ସଭାର ସମୟ ଉତ୍ତୀର୍ଣ୍ଣ। ମନ୍ତ୍ରୀ ବ୍ୟସ୍ତ ଓ ବିବ୍ରତ। ମନ୍ତ୍ରୀଙ୍କୁ ମଞ୍ଚ ପାଖକୁ ପାଛୋଟି ଆଣିଲେ ମନ୍ତ୍ରୀପ୍ରେମୀ କିଛି ଖାସ୍ ଲୋକ। ଯଥା ସମୟରେ ମନ୍ତ୍ରୀଙ୍କ ଆବିର୍ଭାବ ହେଲା ମଞ୍ଚ ଉପରେ। ଯୋଡ଼ହସ୍ତ ଏବଂ ସହାସ୍ୟ ବଦନରେ ହାତ ହଲାଇଲେ ମନ୍ତ୍ରୀ। ଟ୍ରକ୍, ବସ୍, ଜିପ୍‌ରେ ବୁହା ହୋଇ ଆସିଥିବା ସାଧାରଣ ଜନତା ମଧ୍ୟ ଅନୁରୂପ ହାତ ହଲାଇ ଅଭିବାଦନ ଜଣାଇଲେ।

ମନ୍ତ୍ରୀ ଭାଷଣ ଝାଡ଼ିଲେ। ଜୋରଦାର। ଶ୍ରୋତା ମହଲରେ ପ୍ରଶଂସାର ବର୍ଷା। ମଝିରେ ମଝିରେ ମନ୍ତ୍ରୀଙ୍କର ଜୟଜୟକାର। କମ୍ପିଉଠିଲା ସଭାସ୍ଥଳ। ତାଳି ପରେ ତାଳି। ଯେଉଁ ସ୍ଥାନରେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ହେବାର ଥିଲା, ତାଙ୍କ ପଛରେ ଛୁଟୁଥିଲା ବିରାଟ ପଟୁଆର। କାରଣ ମନ୍ତ୍ରୀଙ୍କୁ ସବୁ ଚାହାନ୍ତି। ତାଙ୍କର ଦର୍ଶନ ବି।

ମନ୍ତ୍ରୀ କେଉଁଠି ରହିବେ, କେତେବେଳେ ପ୍ରତ୍ୟାବର୍ତ୍ତନ କରିବେ, ଏ ସମସ୍ତ ବ୍ୟବସ୍ଥା କେବଳ ସେହି ଲୋକମାନଙ୍କ ଉପରେ। ମନ୍ତ୍ରୀ ତ କେବଳ ସେହି ଚାଟୁକାରମାନଙ୍କର ସେବକ ମାତ୍ର। ମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମ ଶେଷ ହେଲା। ଜନତାଙ୍କୁ ମିଳିଲା ମିଛ ପ୍ରତିଶ୍ରୁତି। ସବୁ ସମସ୍ୟାର ନିରାକରଣର ଉତ୍ତର ଦାୟିତ୍ୱ ସମର୍ପି ଦିଆଗଲା ଅଧିକାରୀଙ୍କ ଉପରେ। ମନ୍ତ୍ରୀ ହାଲ୍‌କା ଅନୁଭବ କଲେ। ଜନତାଙ୍କୁ ମିଳିଗଲା ତାଙ୍କ ସମସ୍ୟାର ସମାଧାନ। ଏବେ ଅଧିକାରୀମାନେ ନିଜ ନିଜର ପରମ୍ପରା ଅନୁସାରେ ଜନ ସମସ୍ୟାଗୁଡ଼ିକୁ ସମାଧାନ କରିବେ। ମନ୍ତ୍ରୀ କିନ୍ତୁ ସଭାସ୍ଥଳ ଛାଡ଼ିଲେ। ତାଙ୍କୁ ଅନ୍ୟ ଜାଗାକୁ ଯିବାକୁ ପଡ଼ିବ। ସେଠି ପୁଣି ଲୋକେ ତାଙ୍କୁ ପ୍ରତୀକ୍ଷା କରୁଥିବେ। ସ୍ୱାଗତ ପାଇଁ ସେମାନଙ୍କର ଆଖିପତା ପଡୁନଥିବ। ମନ୍ତ୍ରୀ କୌଣସି ସ୍ଥାନରେ କିଛି ସମୟ ରହିବା ପରେ ଫେରିବା ପାଇଁ ପଡ଼ିବ ନିର୍ଦ୍ଧାରିତ ଟ୍ରେନ୍ ଅଥବା ପ୍ଲେନରେ। ଯଦି ଷ୍ଟେସନ କିମ୍ବା ଏରୋଡ୍ରମ ପର୍ଯ୍ୟନ୍ତ ତାଙ୍କର ଚାମଚାମାନେ ନ ଯାଇ ପାରନ୍ତି, ସ୍ୱାଗତ ଅଧୁରା ରହିଯିବ।

ଆଗରେ ମନ୍ତ୍ରୀ ଏବଂ ତାଙ୍କ ପଛରେ ଚାଟୁକାରଙ୍କ ଲମ୍ବା ପଟୁଆର। ମନ୍ତ୍ରୀ ବିରାଜମାନ ହେଲେ ନିର୍ଦ୍ଧାରିତ ବାହନରେ। ହାତ ହଲାଇ ସଭାକାର୍ଯ୍ୟ ସଫଳ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଲେ। ଚାଟୁକାରମାନେ ହସହସ ମୁଖରେ ତାଙ୍କୁ ସମ୍ମାନର ସହ ବିଦାୟ ଦେଲେ।

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୨୧୫

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ଆମେରିକାର ରଚେଷ୍ଟର୍

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ରଚେଷ୍ଟର ଏଆର୍‌ପୋର୍ଟକୁ ପୁଅବୋହୂ ସମସ୍ତେ ଆସିଥିଲେ । ସେଠିକାର ରହଣି ଭିତରେ ଆମେ ରଚେଷ୍ଟର ର କିଛି ସ୍ଥାନ ବୁଲିଲୁ ଏବଂ ପୁଅ ନିଜ ଆଡୁ ପ୍ଲାନ୍ କଲା, ସେ ୭-୮ ଦିନ ଛୁଟି ନେବ ଏବଂ ତା ଭିତରେ ମିନିଆପଲିସର କିଛି ସ୍ଥାନବୁଲି, ଆମେ ଫିଲାଡେଲଫିଆ, ନିଉୟର୍କ, ନାଏଗ୍ରାଫଲସ୍ ତଥା ୱାଶିଂଟନ୍ ଡିସି ଯାଇ ବୁଲି ଆସିବୁ । ଆମ ଗାଡି ରହିବ ମିନିଆପଲିସ୍‌ରେ । ତେବେ ମିନିଆପଲିସ୍‌ରେ ପହଞ୍ଚିଲା ପରେ ଆମକୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ ବୁଢୀନାନୀ (କଳ୍ପନା ଦାଶ) ଓ ଡଃ ଶୀତିକଣ୍ଠ ଦାଶ ।

ନର୍ଥ ଆମେରିକାର ମିନିଆପଲିସ୍ ପାଖରେ ଅବସ୍ଥିତ ରଚେଷ୍ଟରରେ ପୃଥିବୀ ପ୍ରସିଦ୍ଧ ମେୟୋକ୍ଲିନିକ୍ ଅବସ୍ଥିତ । ମେୟୋକ୍ଲିନିକ୍ ହାର୍ଟ ସେଣ୍ଟରରେ ପୁଅ ଡଃ ସିଦ୍ଧାର୍ଥ ଜଏନ୍ କଲା । ସାରା ପୃଥିବୀର ସବୁଠାରୁ କ୍ରିଟିକାଲ୍ ହୃଦ୍‌ରୋଗୀମାନେ ସେଠିକି ରେଫର୍ ହୋଇ ଆସିଥାନ୍ତି, ବିଶେଷ ଭାବରେ ସାଉଦି ଆରବ ଓ ମିଡଲ ଇଷ୍ଟକଣ୍ଟ୍ରିରୁ ହୃଦ୍‌ରୋଗୀମାନେ ସେଠିକି ହାର୍ଟ ଅପରେସନ୍ ପାଇଁ ଆସନ୍ତି, ତେଣୁ ସେଠି ଗୋଟିଏ ଛୋଟ ଇଣ୍ଟରନେସନାଲ ଏଆରପୋର୍ଟ ମଧ୍ୟ ଅଛି । ମେୟୋକ୍ଲିନିକ୍ ଏକ ବିରାଟ ହସ୍‌ପିଟାଲ ଓ ସେଠାରେ ଶହ ଶହ ଡାକ୍ତର ଓ ଷ୍ଟାଫ୍ ଅଛନ୍ତି ।

୨୦୧୧ରେ ସିଦ୍ଧାର୍ଥ ଆମେରିକା ଗଲାପରେ ଆମେ ପାସ୍‌ପୋର୍ଟ ରିନିଉ କରି ପାରିନଥିଲୁ କି ଆମେରିକା ଯାଇ ପାରିନଥିଲୁ । କିନ୍ତୁ ପୁଅର ରୀତିମତ ତନାଘନା 'ବାପା ମା' ନିହାତି ହସ୍‌ପିଟାଲରୁ ଗୋଟିଏ ମାସ ଛୁଟି ନେଇ ଆସ ।' ଏପଟେ ଶୀତ ଦିନେ ସେଠି ମାଇନସ୍ ୪୦ଡିଗ୍ରୀ ସେଣ୍ଟିଗ୍ରେଡ ଉତ୍ତାପ । ସାରା ଘର, ରାସ୍ତା ବରଫ, ବରଫ କାଟି ରାସ୍ତା ତିଆରି ହେଉଛି । ସକାଳୁ ଉଠିବା ବେଳକୁ କାର ଉପରେ ହାତେ ବହଳର ବରଫ । ପ୍ରତିଦିନ ସକାଳୁ ସେମାନଙ୍କର କାମ ହେଲା କାର ଉପରୁ ବରଫ କାଢି ଗାଡି ଷ୍ଟାର୍ଟ କରିବା । ତେଣୁ ଏତେ ଶୀତରେ ସେଠିକୁ ଯିବା ପାଇଁ ଆମେ ଡରିଗଲୁ । ସେଥିପାଇଁ ସମର୍‌ରେ ହିଁ ଯିବାକଥା ଭାବିଲୁ । ଠିକ୍ ହେଲା ମେ ମାସରେ ହିଁ ଆମେ ଆମେରିକା ଯିବୁ । ସେତେବେଳେ ଟେମ୍ପରେଚର ୧୨କି ୧୩ ଡିଗ୍ରୀ ଏବଂ ଆମେ ଶୀତ ସହିପାରିବୁ, ସେକଥା ଭାବି ମେ ମାସରେ ଟିକେଟ କାଟିଲୁ । ଦିଲ୍ଲୀରୁ ଚିକାଗୋ ଏବଂ ଚିକାଗୋରୁ ରଚେଷ୍ଟର । ସେଦିନ ପୁଣି ରବିବାର ଏବଂ କଟକରେ ମୋ ପାଖରେ ରୋଗୀ ଭର୍ତ୍ତି ହୋଇଥାନ୍ତି । ସବୁ କାମ ସାରି ଭୁବନେଶ୍ୱରରୁ ଦିଲ୍ଲୀ ୭ଟା ଫ୍ଲାଇଟ୍ ଏବଂ ସେଠୁ ରାତି ୧ଟାରେ ଇଣ୍ଡିଆନ୍ ଏଆର୍ ଲାଇନସ୍‌ରେ ଚିକାଗୋ । ଚିକାଗ୍ରୋ ମାତ୍ର ୧ଘଣ୍ଟାର ଫ୍ଲାଇଟ୍ ରଚେଷ୍ଟର୍‌କୁ।

ରଚେଷ୍ଟର ଏଆର୍‌ପୋର୍ଟକୁ ପୁଅବୋହୂ ସମସ୍ତେ ଆସିଥିଲେ । ସେଠିକାର ରହଣି ଭିତରେ ଆମେ ରଚେଷ୍ଟର ର କିଛି ସ୍ଥାନ ବୁଲିଲୁ ଏବଂ ପୁଅ ନିଜ ଆଡୁ ପ୍ଲାନ୍ କଲା, ସେ ୭-୮ ଦିନ ଛୁଟି ନେବ ଏବଂ ତା ଭିତରେ ମିନିଆପଲିସର କିଛି ସ୍ଥାନବୁଲି, ଆମେ ଫିଲାଡେଲଫିଆ, ନିଉୟର୍କ, ନାଏଗ୍ରାଫଲସ୍ ତଥା ୱାଶିଂଟନ୍ ଡିସି ଯାଇ ବୁଲି ଆସିବୁ । ଆମ ଗାଡି ରହିବ ମିନିଆପଲିସ୍‌ରେ । ତେବେ ମିନିଆପଲିସ୍‌ରେ ପହଞ୍ଚିଲା ପରେ ଆମକୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ ବୁଢୀନାନୀ (କଳ୍ପନା ଦାଶ) ଓ ଡଃ ଶୀତିକଣ୍ଠ ଦାଶ । ତାଙ୍କ ଘରେ ଦୁଇଦିନର ରହଣି, ଖୁବ୍ ଭଲ ଲାଗିଥିଲା । ପ୍ରଭୁ ଜଗନ୍ନାଥ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କର ବିରାଟ ବିରାଟ ଦାରୁ ମୂର୍ତ୍ତି ଘରେ ଶୋଭାପାଉଛନ୍ତି । ନାନୀ ଓ ଭାଇନା ବିରାଟ ଭକ୍ତ ପ୍ରଭୁଙ୍କର, ଏମିତିକି ମିନିଆପଲିସର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ମଧ୍ୟ ଆମେ ଦର୍ଶନ କଲୁ । ତା' ପର ଦିନ ଆମର ଫିଲାଡେଲ୍‌ଫିଆ ଯାତ୍ରା । ଆମ ଗାଡି ରହିଲା ତାଙ୍କ ଘରେ ଏବଂ ବୁଢୀନାନୀ ନିଜେ ତାଙ୍କ ଗାଡିରେ ଡ୍ରାଇଭିଂ କରି ଆଣି ଆମକୁ ଏଆରପୋର୍ଟରେ ଛାଡିଲେ । ତାଙ୍କର ସୁନ୍ଦର ଡ୍ରାଇଭିଂ ମତେ ଆଶ୍ଚର୍ଯ୍ୟାନିତ କରି ଦେଇଥିଲା । ଆମେ ଫିଲାଡେଲଫିଆ ଯିବା ରାସ୍ତାରେ ପୁତୁରା ତପନ ପାଖରେ ଡେଲାଭରରେ ରାତ୍ରିଯାପନ କଲୁ । ଡେଲାଭର ଖୁବ୍ ସୁନ୍ଦର ସ୍ଥାନ । ଅନେକ ଡିଉଟି ଫ୍ରିସପ୍‌ରେ ସବୁ ଜିନିଷ ମିଳେ । ସେଠି କିଛି ସମୟ ସପିଂ କରିବାର ଆନନ୍ଦ ଆମକୁ ମିଳିଥିଲା ।

ତା'ପରଦିନ ସକାଳୁ ଆମେ ସମସ୍ତେ ନିଉୟର୍କ ବାହାରିଲୁ । ନିଉୟର୍କର ମ୍ୟାନ୍‌ହାଟେନ ଯାହା ସବୁଠାରୁ ବ୍ୟସ୍ତ ଏରିଆ ସେଇଠାରେ ହିଁ ହୋଟେଲରେ ଆମେ ରହିଲୁ । ନିଉୟର୍କ ଏତେ ସୁନ୍ଦର ସ୍ଥାନ ଯେ କଳ୍ପନା ଚକ୍ଷୁଠାରୁ କାହିଁ ସହସ୍ର ଗୁଣରେ ସୌନ୍ଦର୍ଯ୍ୟମୟ ନିଉୟର୍କର ବାସ୍ତବ ଦୃଶ୍ୟ ।

ନିଉୟର୍କ ସହର, ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଏବଂ ଆଖି ଆଗରେ ଦିଶି ଯାଉଥାଏ ନାଏଗ୍ରାଫଲସ୍‌ର ରମଣୀୟ ଅଥଚ ଭୀମକାନ୍ତ ଦୃଶ୍ୟ ? ଆମେ ତେଣୁ ବସ୍‌ରେ ନଯାଇ ଏଆର୍‌ରେ ବଫାଲୋ ଯାଇ ସେଠାରୁ ବସ୍‌ରେ ନାଏଗ୍ରାଫଲ୍ ଦେଖିବାର ନକ୍‌ସା ପ୍ରସ୍ତୁତ କଲୁ । କେବଳ ନାଏଗ୍ରାଫଲ ନୁହେଁ ନିଉୟର୍କର ସମସ୍ତ ସ୍ଥାନ, ମ୍ୟାଡମ ଟୁସାଉଡ୍ ଏବଂ ତା'ପରେ ୱାଶିଂଟନ୍ ଡିସିରେ କିଛିଦିନ ଯାହା ଆମ ପାଇଁ ଏକ ଅତିସ୍ମରଣୀୟ ସ୍ମୃତି ହୋଇ ରହିବ । (କ୍ରମଶଃ)

## ସ୍ମରଣୀୟେଷୁ...

# ଭାରତ ଏକତ୍ରୀକରଣରେ ଲୌହମାନବଙ୍କ ଭୂମିକା



(୩୧ ଅକ୍ଟୋବର ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ)

୧୮୫୭ ମସିହା ଇଂରେଜ ବିରୁଦ୍ଧରେ ଆରମ୍ଭ ହୋଇଥିବା ଭାରତ ମୁକ୍ତି ସଂଗ୍ରାମର ଇତି ଘଟିଲା ୧୫ ଅଗଷ୍ଟ ୧୯୪୭ ମସିହାରେ ଭାରତର ସ୍ୱାଧୀନତାର ପ୍ରାପ୍ତିରେ। ତେବେ ଦୁଃଖ ରହିଲା ଯେ ଅଖଣ୍ଡ ଭାରତକୁ ବ୍ରିଟିଶ ସରକାରଙ୍କ ଦ୍ୱାରା ପ୍ରଣୀତ '୧୯୪୭ ମସିହାର ଭାରତ ସ୍ୱାଧୀନତା ଆଇନ', ଅନୁଯାୟୀ ଭାରତ ଓ ପାକିସ୍ତାନ ନାମକ ଦୁଇଟି ରାଷ୍ଟ୍ର ଗଠିତ ହେଲା। ତା' ସହିତ ଏକଥା ଉଲ୍ଲେଖ ଥିଲା ଯେ ବ୍ରିଟିଶ ସାର୍ବଭୌମତ୍ୱରୁ ମୁକ୍ତ ଦେଶୀୟ ରାଜ୍ୟର ରାଜାମାନେ ଇଚ୍ଛା କଲେ ଭାରତ ସହିତ କିମ୍ବା ପାକିସ୍ତାନ ସହିତ ରହିପାରିବେ ଅଥବା ସ୍ୱାଧୀନ ମଧ୍ୟ ରହିପାରିବେ। ଏ ପ୍ରକାର ପ୍ରସ୍ତାବନା ଶତଶତ ଦେଶୀୟ ରାଜାମାନଙ୍କ ମତିଗତି ଓ ଉଦ୍ଦେଶ୍ୟ ସ୍ୱାଧୀନତା ପ୍ରତି ଏକ ଦାରୁଣ ସମସ୍ୟା ରୂପେ ଛିଡ଼ା ହେଲା। ତେବେ ଏମାନଙ୍କ ମଧ୍ୟରୁ କେତେକ ସ୍ୱାଧୀନ ରହିବେ ବୋଲି କଳ୍ପନା କଲେ। କ୍ଷୁଦ୍ରକ୍ଷୁଦ୍ର ରାଜ୍ୟର ରାଜାମାନେ ଏକ ଗୋଷ୍ଠୀ ଭାବରେ ସେମାନଙ୍କ ଅସ୍ତିତ୍ୱ ରକ୍ଷା କରିବାରେ ଆଲୋଚନା ଆରମ୍ଭ କରିଦେଲେ। ସେମାନେ ନିଜେ ନିଜ ରାଜ୍ୟର ଜନମତ ଅଥବା ପ୍ରଜାଙ୍କ ମତ ନନେଇ ନିଜର ସ୍ୱାର୍ଥ ପାଇଁ ବିଶେଷ ଭାବରେ ଚିନ୍ତା କଲେ।

ସ୍ୱାଧୀନତା ପ୍ରାପ୍ତିବେଳକୁ ଶାସନ ଭାର ହସ୍ତାନ୍ତର ପାଇଁ ଏକ ମଧ୍ୟବର୍ତ୍ତୀ ସରକାର ଗଠନ ହୋଇଥାଏ। ସେହି ସରକାରରେ ମନ୍ତ୍ରୀମାନଙ୍କ ମଧ୍ୟରୁ ଜଣେ ଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ଦୀର୍ଘକାଳ ଧରି ଶ୍ରୀ ପଟେଲ ଜାତୀୟ କଂଗ୍ରେସର ତୁଙ୍ଗନେତା ରୂପେ ପରିଚିତ ଥିଲେ। ଗାନ୍ଧିଜୀ ଓ ସେ ସ୍ୱାଧିନତା ସଂଗ୍ରାମରେ ଯଥାକ୍ରମେ କୃଷ୍ଣ ଓ ବଳରାମ ପରି କାମ କରୁଥାନ୍ତି। ଦୁହେଁ ଏକତ୍ର ଜେଲବାସ ବି କରିଥାନ୍ତି। ଲୋକଙ୍କ ମତରେ ଏମୁକ୍ତି ସଂଗ୍ରାମରେ ଗାନ୍ଧିଜୀ କର୍ଣ୍ଣଧାର ଥିଲେ ହେଁ, ଶ୍ରୀ ପଟେଲ ଥିଲେ ସେନାପତି। ଗାନ୍ଧି ତାଙ୍କୁ କହୁଥିଲେ ଡେପୁଟି କମାଣ୍ଡର। ସେ ଜଣେ ଏକନିଷ୍ଠ, ନିର୍ଭୀକ, ସତ୍‌ସାହସୀ, ନୀତି ପରାୟଣ ଓ ଶକ୍ତିଶାଳୀ ବ୍ୟକ୍ତି ରୂପେ ଖ୍ୟାତି ଅର୍ଜନ କରିଥିଲେ। ଲୋକେ ତାଙ୍କୁ କହୁଥିଲେ ଲୌହମାନବ। କାରଣ ଲୁହା ଯେପରି ଟାଣ, ଓଜନ ଦାର ଓ ଭାଙ୍ଗିବାର ନୁହେଁ, ସେ ଥିଲେ ସେମିତି ଜଣେ ବ୍ୟକ୍ତି। ଦେଶୀୟ ରାଜାମାନଙ୍କର ସମସ୍ୟା ନେଇ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସର୍ଦ୍ଦାର ପଟେଲ ଏହାର ସମାଧାନ ପାଇଁ ତାଙ୍କ ବଳିଷ୍ଠ ନୀତି ପ୍ରୟୋଗ କଲେ।

ସର୍ଦ୍ଦାର ପଟେଲ ଭାରତୀୟ ରାଜାମାନଙ୍କୁ ସଂଘୀୟ ଭାରତ ସହିତ ଯୋଗଦେବା ପାଇଁ ଉପଦେଶ ଓ ଆହ୍ୱାନ ଦେଲେ। ସେ ସେମାନଙ୍କୁ ଭୟଭୀତ କରାଇ ଭାରତ ସହିତ ସାମିଲ ହେବାରେ ବିଜ୍ଞତାରେ ରାଜନୀତି, କୂଟନୀତି ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ମାନ ଗ୍ରହଣ କଲେ। ଏହାଦ୍ୱାରା ଦେଶୀୟ ରାଜାମାନେ ହୃଦୟଙ୍ଗମ କଲେ ଯେ, ସେମାନେ ଭାରତ ସହିତ ଯୋଗ ନଦେଲେ, ସ୍ୱାଧୀନତା ପରେ ପରେ ସେମାନଙ୍କ ଭବିଷ୍ୟତ ଅନିଶ୍ଚିତ ଓ ଅନ୍ଧକାର ମଧ୍ୟକୁ ଚାଲିଯିବ। ଗୋଟିଏ ପଟେ ସ୍ୱାଧୀନ ଭାରତର ଜାତୀୟ ଗଣତାନ୍ତ୍ରିକ ସରକାର ଏବଂ ଆଉ ଗୋଟିଏ ପଟେ ନିଜ ରାଜ୍ୟର ନିଷ୍ପେସିତ ଅସନ୍ତୁଷ୍ଟ ପ୍ରଜାମାନଙ୍କ ମଧ୍ୟରେ ରାଜାମାନେ ଧ୍ୱଂସ ପାଇଯିବେ, ସେ ଭୟ ମଧ୍ୟ ଥିଲା। ସର୍ଦ୍ଦାର ପଟେଲ ଏଇ ମହୁକାରେ ସେମାନଙ୍କୁ କାଳ କ୍ଷେପଣ କରିବାକୁ ସୁଯୋଗ ଦେଲେ ନାହିଁ। କହିଲେ ଯାହା କରୁଛ, ଅବିଳମ୍ବେ କର। ଏମିତି ପରିପ୍ରେକ୍ଷୀରେ ଜୁନାଗଡ଼, ହାଇଦରାବାଦ ଏବଂ କାଶ୍ମୀର ବ୍ୟତୀତ ଭାରତର ଶତଶତ ଦେଶୀୟ ରାଜ୍ୟ ୧୯୪୭ ଜୁଲାଇ ମାସ ଶେଷ ହେବା ପୂର୍ବରୁ ଭାରତ ସହିତ ମିଶିବା ପାଇଁ ସ୍ୱୀକୃତି ଦେଲେ ଏବଂ ସ୍ୱାଧୀନ ଭାରତ ସହିତ ସ୍ୱାଧୀନତା ପରେ ପରେ ଯୋଗଦେଲେ। ଏହାଫଳରେ ସେ ଦେଶୀୟ ରାଜ୍ୟଗୁଡ଼ିକର ବିଲୋପ ସାଧନ ହେଲା।

ସେପଟେ ପାକିସ୍ତାନ 'ଭାରତ - ପାକିସ୍ତାନ' ସୀମାନ୍ତ ଅଞ୍ଚଳର ଦେଶୀୟ ରାଜାମାନାଙ୍କୁ ତାଙ୍କ ସହିତ ମିଶିବାକୁ ପ୍ରଲୋଭନ ଦେଖାଉଥାଏ। ଏହି କାରଣରୁ ଜୁନାଗଡ଼ କ'ଣ କରିବ ବା ନ କରିବ ବୋଲି ଦ୍ୱନ୍ଦରେ ଥାଏ। ଶେଷରେ ଜୁନାଗଡ଼ର ଏମିତି ପରିସ୍ଥିତି ହେଲା ଯେ ସେଠି ୫ ନଭେମ୍ବର ୧୯୪୭ ରେ ଗଣଭୋଟ ହେଲା ଯେଉଁଥିରେ ମାତ୍ର ୯୧ ଭୋଟ ଗଲା ପାକିସ୍ତାନକୁ ଏବଂ ୧୯୦୮୭୦ ଭୋଟ ଆସିଲା ଭାରତ ସପକ୍ଷରେ। ଏଥିରେ ସର୍ଦ୍ଦାର ପଟେଲ ଓ ଲର୍ଡ଼ମାଉଣ୍ଟବେଟ୍ଟଙ୍କ ହାତ ଥିଲା। ଜୁନାଗଡ଼ ଭାରତରେ ମିଶିଲା।

ହାଇଦରବାଦ୍ ନିଜାମ୍ ବୁହେ ଖେଳିଲେ। ସେଠି ଏମିତି ପରିସ୍ଥିତି ହେଲା ଯେ ସର୍ଦ୍ଦାର ପଟେଲ ସୈନ୍ୟବଳ ପ୍ରୟୋଗ କରିବାକୁ ବାଧ ହେଲେ। ଫଳରେ ହାଇଦରାବାଦ୍ ବଳ, ଭାରତୀୟ ବଳକୁ ପ୍ରତିରୋଧ କରି ନପାରି ୧୦୮ଘଣ୍ଟା ଯୁଦ୍ଧରେ ୧୭ ସେପ୍ଟେମ୍ବର ମସିହାରେ ଆତ୍ମ ସମର୍ପଣ କଲେ ଏବଂ ଭାରତ ସହିତ ମିଶିଲେ ୨୩ ସେପ୍ଟେମ୍ବର ୧୯୪୮ରେ।

କାଶ୍ମୀର ସମସ୍ୟା ଟିକିଏ ଭିନ୍ନ ପ୍ରକାର। ସେଠି ରାଜା ଥିଲେ ହିନ୍ଦୁ:ସାର ହରି ସିଂହ; କିନ୍ତୁ ମୁସ୍‌ଲିମ୍ ବହୁଳ ପ୍ରଜା। ଭୌଗୋଳିକ ଦୃଷ୍ଟି କୋଣରୁ ଏହା ଚାରିଟି ଅଞ୍ଚଳ: ଦକ୍ଷିଣରେ ଜାମୁ; କେନ୍ଦ୍ରରେ କାଶ୍ମୀର ଉପତ୍ୟକା, ଉତ୍ତରରେ ଗିଲଗିଟ୍, କାଶ୍ମୀର ଓ ଗିଲ୍‌ଗିଟ୍ ମଧ୍ୟରେ ଲଦାଖ। ଏହାର ଚାରିପଟେ ତିବ୍ବତ, ଚାଇନା, ଭାରତ ଓ ପାକିସ୍ତାନ ଇତ୍ୟାଦି ଆନ୍ତର୍ଜାତୀୟ ସୀମାରେଖା। ଏଣୁ ପ୍ରଶ୍ନ : କାଶ୍ମୀର କାହାର ହେବ ? ଏବେ ବି କାଶ୍ମୀରକୁ ଏକ ଆନ୍ତର୍ଜାତିକ ପ୍ରଶ୍ନ କରାଯାଇଛି। ତେବେ ଏ କାଶ୍ମୀର ଉପରେ ପାକିସ୍ତାନର ଆଖିଥିଲା। ସେ କାଶ୍ମୀର ଆକ୍ରମଣ କଲା, ୨୬ ଅକ୍ଟୋର ୧୯୪୭ରେ। ଏହାକୁ ପ୍ରତିହତ କରିନପାରି ମହାରାଜା ହରି ସିଂ ଭାରତର ସାହାଯ୍ୟ ଲୋଡ଼ିଲେ। ୨୭ଅକ୍ଟୋବରରେ ୧୯୪୭ରେ ଭାରତୀୟ ଜବାନ୍‌ମାନେ ଆକଶ ମାର୍ଗରୁ ଯାଇ କାଶ୍ମୀରର ଶ୍ରୀନଗରରେ ଓହ୍ଲାଇଲେ ଏବଂ ପାକିସ୍ତାନ ସୈନ୍ୟକୁ ଘଉଡ଼ାଇ ଦେଲେ। ଆକଶମାର୍ଗରୁ ଯାଇ ଆକ୍ରମଣ କରିବା ଏହା ପୃଥିବୀରେ ପ୍ରଥମ ଥିଲା। ଲର୍ଡ଼ ମାଉଣ୍ଟବ୍ୟାଟେନ୍ ତାଙ୍କ ଜୀବନର ଯୁଦ୍ଧ ଘଟଣାରେ ଏହା ପ୍ରଥମ ଅନୁଭୂତି ବୋଲି କହିଛନ୍ତି। Never in my war experience have i heard of an air lift of this nature being put into operation at such short notice. It is no part of our purpose to describe the heroic way to which the Indian troops tought the invaders and broke them back.

ଏମିତି କାଶ୍ମୀର ଭାରତ ସହିତ ମିଶିଲା। ଏହିପରି ସରିଲା, ଭାରତୀୟ ସଂଘ ସହ ବ୍ରିଟିଶ ଶାସନାଧୀନରେ ପୂର୍ବରୁ ଥିବା ଦେଶୀୟ ରାଜ୍ୟ ମିଶ୍ରଣ। ଏହା କେବଳ ଆମର ପ୍ରଥମ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ କାରଣରୁ ସମ୍ଭବ ହେଲା। ଏହାହିଁ ତାଙ୍କର ମହାନ୍ କୃତିତ୍ୱ। ସ୍ୱାଧୀନତା ପଥେ ଗୋଟିଏ ବିରାଟ ଅନ୍ତରାୟ ଏହିପରି ଭାବରେ ସମାପ୍ତ ହେଲା। ତାଙ୍କର ଏପରି ବାହାଦୂରୀ ପାଇଁ କେହି କେହି ଜର୍ମାନୀର ଏକତ୍ରୀକରଣ ସାଧନ କରିଥିବା ବିସମାର୍କଙ୍କ ସହିତ ତୁଳନା କରିଥାଆନ୍ତି।

ସର୍ଦ୍ଦାର ପଟେଲଙ୍କ ବଳିଷ୍ଠ ପଦକ୍ଷେପ କାରଣରୁ ଭାରତର ୫୫୪ଟି ଦେଶୀୟ ରାଜ୍ୟ ମଧ୍ୟରୁ ୨୧୬ଟି ରାଜ୍ୟ ବିଭିନ୍ନ ପ୍ରଦେଶରେ ମିଶିଥିଲେ। ୩୧୦ଟି ମିଶି ୬ଟି ଇଉନିୟନ ଗଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ହସ୍ତରେ ରହିଲା ପାଞ୍ଚଟି, ପଞ୍ଜାବର ୨୧ ପାହାଡ଼ିଆ ରାଜ୍ୟ ମିଶି ହିମାଞ୍ଚଳ ପ୍ରଦେଶ; ଆଉ ଦୁଇଟି ରାଜ୍ୟ ଦୁଇଟି ପ୍ରଦେଶ ରୂପେ ପୁର୍ନଗଠିତ ହୋଇଥିଲା।

ଏଠାରେ ଗୋଟିଏ କଥା ସୂଚାଇ ଦେଉ ଯେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓଡ଼ିଶାକୁ ଦୁଇଥର ଆସିଛନ୍ତି। ପ୍ରଥମେ ଆସିଥିଲେ ୧୯୩୮ ମସିହା ମାର୍ଚ୍ଚ ମାସରେ ବେରବୋଇ, ଡ଼େଲାଙ୍ଗ ଗାନ୍ଧି ସେବା ସଂଘ ସମ୍ମିଳନୀକୁ। ସେତେବେଳେ ତାଙ୍କ ଭାଷଣ ଏଠି ଚମକପ୍ରଦ ପ୍ରଭାବ ପକାଇଥିଲା। ଦ୍ୱିତୀୟବାର ଆସିଥିଲେ ଏହି ଦେଶୀୟ ରାଜ୍ୟ ମିଶ୍ରଣ ନେଇ ୧୫ ଡ଼ିସେମ୍ବର ୧୯୪୭ରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଆହ୍ୱାନରେ। ଏଇ ଦୁହିଁଙ୍କ ଯୋଗୁଁ ଓଡ଼ିଶାରେ ଗଡ଼ଜାତ ରାଜ୍ୟମାନଙ୍କର ମିଶ୍ରଣ ହେଲା ୧୯୪୮ ଜାନୁୟାରୀ ୧୧ରେ। ପ୍ରକୃତି ଭାରତ ସହିତ ଦେଶୀୟ ରାଜ୍ୟ ମିଶ୍ରଣ ଆରମ୍ଭ ହେଲା ଓଡ଼ିଶାରୁ। ଓଡ଼ିଶା ହିଁ ପ୍ରଥମ ରାଜ୍ୟ ସଂପୂର୍ଣ୍ଣ ଓଡ଼ିଶା ପ୍ରଦେଶ ଗଠନ ହେବାରେ।

ଏହି ମହାପୁରୁଷଙ୍କ ଜନ୍ମ ଦିବସ ୧୮୭୫ ମସିହା ଅକ୍ଟୋବର ୩୧। ଚଳିତ ଅକ୍ଟୋବର ୩୧, ୧୯୧୪ ଠାରୁ ମୋଦି ସରକାରଙ୍କ ଅନୁମୋଦନ କ୍ରମେ ଏହା ପ୍ରଥମ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ ହେବାକୁ ଯାଉଛି। ଏହା କିନ୍ତୁ ବହୁ ପୂର୍ବରୁ ହେବାର ଥିଲା। ଆସନ୍ତୁ, ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା।



ଆଲେଖ୍ୟ: ବିପିନ ବିହାରୀ ମହାନ୍ତି

+ ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ବିକାଶନଗର, ଜଟଣୀ, ଖୋର୍ଦ୍ଧା,
ମୋ: ୯୯୩୮୩୪୪୧୩୮

## ସୌମ୍ୟ ଓ ମମିତାଙ୍କୁ ନ୍ୟାୟ ପ୍ରତିବାଦରେ ଖଇରା ବନ୍ଦ



ଖଇରା,୩୦/୧୦ (ନି.ପ୍ର): ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନ ମହାପାତ୍ର ଓ ମହାଲିଙ୍ଗ ସନସାଇନ ସ୍କୁଲର ପ୍ରଧାନଶିକ୍ଷୟତ୍ରୀ ମମିତା ମେହେରଙ୍କ ହତ୍ୟାକାଣ୍ଡ ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବୀରେ ଖଇରା ମଣ୍ଡଳ ଭାଜପା ତରଫରୁ ଖଇରା ବ୍ଲକର ବିଭିନ୍ନ ବଜାର ବନ୍ଦ କରାଯାଇଛି । ଯୁବନେତା ନିଳମାଧବ ପଣ୍ଡା, ଜିଲା କାର୍ଯ୍ୟକାରିଣୀ ସଭ୍ୟ ଅଜୟ ବେହେରା ଏବଂ ମଣ୍ଡଳ ସଭାପତି ରାଜେଶ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏକ ବାଇକ ଶୋଭାଯାତ୍ରା ଖଇରା ଦୁର୍ଗାମଣ୍ଡପରୁ ବାହାରି ଖଇରା, କୁପାରୀ, ବର୍ତ୍ତନା, ଗଣ୍ଡିବେଡ ବଜାର ପରିକ୍ରମା କରି ତୁଡିଗଡିଆରେ ପହଞ୍ଚିଥିଲା । ପଥପ୍ରାନ୍ତ ସଭାରେ ଭାଜପା ନେତୃବୃନ୍ଦ ଯୋଗଦେଇ ବିଜେଡି ସରକାରର ବିଭିନ୍ନ କାର୍ଯ୍ୟକଳାପକୁ ତିବ୍ର ସମାଲୋଚନା କରିଥିଲେ । ତୁଡିଗଡିଆ ଜୋନ ସଭାପତି ମହେଶ୍ୱର ନାଥ,କୁପାରୀ ଜୋନର ପତିତପାବନ କର, ବିଧ୍ୟାଧର ଦଳେଇ, ମଧୁସୁଦନ ଜେନା, ବାବୁଲି ସାହୁ, ମାୟାଧର କୁଅଁର, ହୃଦୟ ବେହେରା, କରୁଣାକର ମହାନ୍ତି, ସନ୍ତୋଷ ଶତପଥି, ନିରଞ୍ଜନ ବେହେରା ପ୍ରମୁଖ ବନ୍ଦ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସମସ୍ତ ଦୋକାନ ତଥା ସରକାରୀ ବେସରକାରୀ ପ୍ରତିଷ୍ଠାନ ବନ୍ଦ ରହିଥିଲା । ବର୍ତ୍ତନାରେ ଦୋକାନକୁ ନେଇ ଠେଲାପେଲା- ବର୍ତ୍ତନା ବଜାରରେ ଶୋଭାଯାତ୍ରା ପରିକ୍ରମା କରୁଥିବା ବେଳେ କିଛି ଦୋକାନ ଖୋଲା ରହିଥିଲା । ଭାଜପା କର୍ମୀ ମାନେ ଏହାକୁ ବନ୍ଦ କରୁଥିବା ବେଳେ କିଛି ବିଜେଡି କର୍ମୀ ବିରୋଧ କରିଥିଲେ । ଏହାକୁ ନେଇ ଉଭୟ କର୍ମୀ ଙ୍କ ମଧ୍ୟରେ ବଚସା ଠେଲାପେଲା ହୋଇଥିଲା । ପୋଲିସ ଘଟଣାସ୍ଥଳକୁ ଯାଇ ସମାଧାନ କରିଥିଲା ।

## ପାଣି ପମ୍ପ ଅଚଳ : ୩ଟି ଗ୍ରାମର ଗ୍ରାମବାସୀ ପିଇବା ପାଣି ପାଇଁ ଡହଳ ବିକଳ

ବାଲିଆପାଳ,୩୦/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଜଗତୀପୁର ପଂଚାୟତ ରାଣୀଖୁଡି ଗ୍ରାମର ସତ୍ୟସାଇ ମନ୍ଦିର ନିକଟରେ ବସୁଧା ଯୋଜନାରେ ଏକ ଉଭରହେଡ ପାଣି ଟାଙ୍କି ଓ ପାଣି ପମ୍ପ କାର୍ଯ୍ୟକାରୀ ହୋଇଛି । ଏହି ଉଭରହେଡ ପାଣି ଟାଙ୍କିରୁ ୩ଟି ଗ୍ରାମର ଶତାଧିକକ ଗ୍ରାମବାସୀ ପିଇବା ପାଇଁ ପାଣି ନିର୍ଭର କରନ୍ତି । କିନ୍ତୁ ବଗତ ୧୫ ଦିନ ହେଲା ପାଣି ଟାଙ୍କି ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫରମରଟି ପୋଡି ଯାଇଥିବାରୁ ପାଣି ପମ୍ପ ଅଚଳ ହୋଇଯାଇଛି । ଫଳରେ ଗ୍ରାମବାସୀ ପିଇବା ପାଣି ପାଇଁ ନାହିଁ ନଥିବାର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏ ସଂପର୍କରେ ବିଦ୍ୟୁତ ବିଭାଗକୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ । ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୁଧାସିନ୍ଧୁ ସାହୁ,ଗୋବିନ୍ଦ୍ର ପ୍ରମାଣି.ନରେନ୍ଦ୍ର ବିଶ୍ୱାଳ,ସଞ୍ଜୟ କୁମାର ଦାସ, ଆଲୋକ ଦାସ,ସତ୍ୟଜିତ ମାଝୀ, ଦେବେନ୍ଦ୍ର ବିଶ୍ୱାଳ, ଭାଗବତ ସାହୁ, ଆଦିକନ୍ଦ ମାଝୀ, ଅକ୍ଷୟ ରାଉଳ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ଶିକ୍ଷୟତ୍ରୀ ମମିତା ହତ୍ୟା ମାମଲା-ପ୍ରତିବାଦରେ ବିଜେପିର ୧୨ ଘଣ୍ଟିଆ ବନ୍ଦ ପାଳନ

ପାରାଦୀପ,୩୦/୧୦ (ନି.ପ୍ର): ବଲାଙ୍ଗୀର ମହାଲିଙ୍ଗର ଶିକ୍ଷୟତ୍ରୀ ମମିତା ମେହେରଙ୍କ ହତ୍ୟା ଘଟଣାରେ ମନ୍ତ୍ରୀଙ୍କ ଇସ୍ତଫା ଦାବୀରେ ଜଗତସିଂହପୁର ଜିଲ୍ଲା ବିଜେପି ପକ୍ଷରୁ ଶନିବାର ଦିନ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ଫଳରେ ଶନିବାର ଦିନ ସକାଳୁ ବିଜେପିର କର୍ମୀମାନେ ପାରାଦୀପର ଦୋଛକି ଓ ଅଠରବାଙ୍କୀଠାରେ ରାସ୍ତା ଅବରୋଧ କରିଥିଲେ । ଫଳରେ ପାରାଦୀପ ଆସୁଥିବା ବହୁ ଗାଡି ଅଟକି ରହିଥିଲା । ବିଜେପିର ପାରାଦୀପ ନିର୍ବାଚନ ମଣ୍ଡଳିର ନେତା ସଂପଦ ଚରଣ ସ୍ୱାଇଁ, ଜିଲ୍ଲା ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ଶୈଳିନ୍ଦ୍ରୀ ସେନାପତିଙ୍କ ନେତୃତ୍ୱରେ କର୍ମୀମାନେ ପାରାଦୀପ ଅଂଚଳର ବିଭିନ୍ନ ସ୍ଥାନରେ ଫିକେଟିଂ କରିଥିବା ଦେଖିବାକୁ ମିଳିଥିଲା । ଅପର ପାର୍ଶ୍ୱରେ ଦଳର ବହୁ ପୁରୁଣା ନେତାଙ୍କୁ ବନ୍ଦ ସମୟରେ ଦେଖିବାକୁ ମିଳିନଥିଲା । ପାରାଦୀପ ବନ୍ଦର ସମେତ ଅନ୍ୟ ଶିଳ୍ପ ସଂସ୍ଥାରେ ବନ୍ଦ ର ପ୍ରଭାବ ଦେଖିବାକୁ ମିଳିନଥିଲା, ସେଠାରେ କାର୍ଯ୍ୟ ଚାଲିଥିବା ଜଣାପଡିଛି ।

## ପଶ୍ଚିମବଂଗରେ ଚାଲିଲା ସବୁ ପାସେଞ୍ଜର : ଓଡିଶାରୁ କେବଳ ଜଳେଶ୍ୱର-ହାଓଡା ଲୋକାଲ

ଜଳେଶ୍ୱର, ୩୦/୧୦(ନିପ୍ର): ଦକ୍ଷିଣପୂର୍ବ ରେଳପଥରେ ବୃହତ୍ ଅଂଶ ପଶ୍ଚିମବଂଗରେ ଥିବା ବେଳେ ବାଲେଶ୍ୱର ଜିଲା ଦକ୍ଷିଣ-ପୂର୍ବ ରେଳପଥର ଖଡଗପୁର ଡିଭିଜନ୍‌ରେ ରହିଛି । ନିକଟରେ ଦକ୍ଷିଣ-ପୂର୍ବ ରେଳପଥର ଚିଠି ନଂ ଟି୯୫/୫୧ ତା ୨୯-୧୦-୨୧ ଅନୁଯାୟୀ ପଶ୍ଚିମବଂଗର ବିଭିନ୍ନ ରେଳ ରୁଟ୍‌ରେ ପାସେଞ୍ଜର ଯାତାୟାତର ବ୍ୟବସ୍ଥା ହୋଇଥିବା ବେଳେ ଓଡିଶାର ବାଲେଶ୍ୱର ଜିଲାର କେବଳ ଜଳେଶ୍ୱରରୁ ହାଓ୍ୱଡା ଯାଉଥିବା ଗୋଟିଏ ପାସେଞ୍ଜର ଟ୍ରେକ୍‌କୁ ଅନୁମତି ମିଳିଛି । ଭଦ୍ରକ-ଖଡଗପୁର ମଧ୍ୟଦେଇ ଅନ୍ୟ ୫ଯୋଡା ପାସେଞ୍ଜର ଟ୍ରେନ୍ ତାଲାବନ୍ଦ ପୂର୍ବରୁ ଚାଲୁଥିବା ବେଳେ ଦୀର୍ଘ ୧୯ମାସ ପରେ ଏବେବି ଚାଲିବାର ବ୍ୟବସ୍ଥା ହୋଇ ନାହିଁ । ହାଓ୍ୱଡା-ଖଡଗପୁର-ମେଦିନୀପୁର, ସାଲିମାର-ସିଆଲଦା, ପାଞ୍ଚକୁଡା-ହିଜିଲି, ସିଆଲଦା-ଆଜିମପୁର, ଦୀଘା ସେକ୍‌ସନ୍‌ରେ ସମସ୍ତ ପାସେଞ୍ଜର ଟ୍ରେନ୍ ୩୧ ତାରିଖ ରବିବାର ଠାରୁ ଚାଲିବା ସଂପର୍କରେ ମୁଖ୍ୟ ରେଳ ଯାତ୍ରୀପରିବହନ ମ୍ୟାନେଜର ଆଶିଷ ଭାଟିଆ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶରେ ୦୮୦୬୧ ଓ ୦୮୦୬୨ ଜଳେଶ୍ୱର-ହାଓ୍ୱଡା ପାସେଞ୍ଜର ଚଳାଚଳ ଲାଗି ନିର୍ଦ୍ଦେଶ ହୋଇଛି । ଦୁଃଖର ବିଷୟ, ପୂର୍ବରୁ ଦକ୍ଷିଣ-ପୂର୍ବ ରେଳପଥର ବହୁ ପାସେଞ୍ଜର ଚଳାଚଳ କରୁଥିବା ବେଳେ ଆସନ୍ତାକାଲି ଠାରୁ ଖଡଗପୁର ଡିଭିଜନ୍‌ର ସବୁ ପାସେଞ୍ଜର ଟ୍ରେନ୍ ଚଳାଚଳ ଲାଗି ନିର୍ଦ୍ଦେଶ ଦିଆଯାଇଛି । ଅପରପକ୍ଷରେ ଖଡଗପୁର ଡିଭିଜନ୍ ଅନ୍ତର୍ଗତ ଖଡଗପୁର-ରାଣିତାଲ ମଧ୍ୟରେ ଅତୀତରେ ଗୋଟିଏ ପାସେଞ୍ଜର ଟ୍ରେନ୍ ଚଳାଚଳ କରୁଥିବା ବେଳେ ଅନ୍ୟ ୫ଟିକୁ ଚଳାଚଳ କରୁନଥିବାରୁ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି ।

## ଯୁବ ଉଦ୍ୟୋଗୀ ତଥା ସଫଳ କୃଷକଙ୍କ ଅକାଳ ବିୟୋଗ

ଜଳେଶ୍ୱର, ୩୦/୧୦(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଉପାନ୍ତ ନଛିମପୁର ପଂଚାୟତର ଶାହାଡାପଡା ଗାଁର ଯୁବ ଉଦ୍ୟଗୀ ତଥା ସଫଳ କୃଷକଭାବେ ପରିଚିତ ନିତ୍ୟାନନ୍ଦ ସେନାପତି (୪୮)ଙ୍କ ପରଲୋକ ଘଟିଛି । ଶୁକ୍ରବାର ମଧ୍ୟରାତ୍ରୀରେ ସେ କଟକ ବଡଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାର ମୃତ୍ୟୁ ଘଟିଥିବା କୁହାଯାଉଛି । ଉନ୍ନତ ପ୍ରଣାଳୀରେ ଧାନଚାଷ କରିବା ଓ ଆଧୁନିକ ଯନ୍ତ୍ର ବ୍ୟବହାର କରି ସେ ଉପାନ୍ତ ଅଂଚଳରେ ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିପାରିଥିଲେ । ଗତ କିଛିଦିନ ତଳେ ଅସୁସ୍ଥ ହେବାରୁ ସେ ଭୁବନେଶ୍ୱରସ୍ଥିତ ସୋମ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ପରିସ୍ଥିତି ଜଟିଳ ହେବାରୁ ତାଙ୍କୁ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ତାଙ୍କର ୨ ପୁଅ ଭବଶଂକର ଓ ବିଜୁ ପୁରୀର ସ୍ୱର୍ଗଦ୍ୱାର ଠାରେ ମୁଖାଗ୍ନି ଦେଇଥିବା ଜଣାଯାଇଛି । ଆଜି ଗାଁରେ ଏପରି ଖବର ପ୍ରଚାରିତ ହେବାପରେ ସରପଂଚ ଦୀପାଳୀ ଜେନା, ପୂର୍ବତନ ସରପଂଚ ସୁଦାମ ପାତ୍ର, ଦୁର୍ଗା ଶଂକର ଗିରି, ରତନ ସେଣ, ନିତ୍ୟାନନ୍ଦ ଦାସ, ସୁଶାନ୍ତ ପାତ୍ର, ଚିନ୍ତାମଣି ଜେନା, ହରିଶ୍ଚନ୍ଦ୍ର ଦେ, ଝାଡେଶ୍ୱର ଦାସ, ବସନ୍ତ ପ୍ରଧାନ, ସୁଦର୍ଶନ ପାତ୍ର, ଚିତରଂଜନ ପରିଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

## ବିଜେପି ପକ୍ଷରୁ ବାଲିଆପାଳରେ ଶାନ୍ତିପୂର୍ଣ୍ଣ ବନ୍ଦ ସଫଳ



ବାଲିଆପାଳ,୩୦/୧୦ (ନି.ପ୍ର): କଳାହାଣ୍ଡି ମହାଲିଙ୍ଗ ସନସାଇନ ସ୍କୁଲର ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା କାଣ୍ଡର ସିବିଆଇ ତଦନ୍ତ ଏବଂ ଏଥିରେ ସଂପୃକ୍ତ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ଆଜି ସାରା ଓଡିଶାରେ ୧୨ ଘଂଟିଆ ବନ୍ଦ ପାଳନ କରାଯାଇଛି । ବାଲିଆପାଳ ବିଜେପି ପକ୍ଷରୁ ଏହି ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବରେ ସଫଳ କରାଯାଇଛି । ବିଜେପି ନେତା ଅରବିନ୍ଦ ବେହେରା, ଅଜୟ କୁମାର ସାହୁ, କ୍ଷୀତିଶ ଜେନା, ଅଦ୍ୱୈତ ବାଗ, ଜିତେନ୍ଦ୍ର ପାତ୍ର, ନୀଳକଣ୍ଠ ଜେନା, ସୁଦାମ ଦାସ, ଶିବଶଙ୍କର ପ୍ରଧାନ,ଗଜେନ୍ଦ୍ର ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ବିଜେପି କର୍ମୀ ମାନେ ବାଲିଆପାଳ ବ୍ଲକ ଛକରେ ଟାୟାର ଜାଳି ରାସ୍ତା ବନ୍ଦ ଅବରୋଧ କରିଥିଲେ । ଫଳରେ ଚାରି ଚକିଆ ଯାନବାହାନ ଚଳାଚଳ ବାଧା ପ୍ରାପ୍ତ ହୋଇଥିଲା ।ବାଲିଆପାଳ ବସଷ୍ଟାଣ୍ଡଠାରୁ ସିମୁଳିଆ ହାଟ ପର୍ଯ୍ୟନ୍ତ ବିଜେପି କର୍ମୀ ମାନେ ବୁଲି ବୁଲି ଦୋକାନ ବଜାର ସବୁ ବନ୍ଦ କରାଇଥିଲେ । ସିମୁଳିଆ ଦୈନିକ ମାଛ ମାର୍କେଟ, ପରିବା ମାର୍କେଟ ବନ୍ଦ ରହିଥିଲା । ସିମୁଳିଆ ବଜାରରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ସେହିପରି କାଳିପଦା ବଜାର,ଅଦଭୁତିଆ ହାଟ,ରଡେଇ ହାଟ,ନୁଆଗାଁ ହାଟ, ପଂଚୁପାଲି,ଲଙ୍ଗଳେଶ୍ୱର, ଖପରାପଦା, ଦେଭୋଗ ଛକ, ଦାନ୍ତୁଳିଦା ଛକ, ଇଡୋକ ଛକ, ସିମୁଳିଆଛକ, ପାରୁଳିଆ ହାଟ, ଜାମକୁଣ୍ଡା ଲକ ପ୍ରଭୃତି ସ୍ଥାନରେ ଦୋକାନ ବଜାର ସବୁ ବନ୍ଦ ରହିଥିଲା ବସ ଚଳାଚଳ ବନ୍ଦ ହୋଇଥିଲା । ଆଜି ସପ୍ତାହର ଶେଷ ଶନିବାର ହୋଇଥିବାରୁ ସବୁ ସରକାରୀ ଅଫିସ ବନ୍ଦ ରହିଥିଲା ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି,୩୦/୧୦ (ନି.ପ୍ର):- ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧୀନସ୍ଥ ଜୁରିଆପାଟଣା ଗ୍ରାମର ମନୋରଂଜନ ମଲ୍ଲିକ, ଶୁଦ୍ଧିକ୍ରୟା ପାଇଁ ଗୋପ ଗାଁକୁ ଯାଇଥିଲେ । ଶନିବାର ସକାଳେ ବିଲକୁ ଶୌଚ ପାଇଁ ଯାଇଥିବା ବେଳେ ୨ଟି ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ତାଙ୍କର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିବାରୁ ଭାଲୁ ୨ଟି ନିକଟସ୍ଥ ଦେବଗିରି ପାହାଡ଼କୁ ପଳାଇଯାଇଥିଲେ । ଏହି ଆକ୍ରମଣରେ ମନୋରଂଜନ ଙ୍କର ବାମ ହାତ, ମୁଣ୍ଡ, ଗୋଡ଼ରେ ଗଭୀର କ୍ଷତ ହୋଇଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକେ ତାଙ୍କୁ ୧୦୮ ଯୋଗେ ନୀଳଗିରି ମେଡିକାଲ ଆଣି ଚିକିତ୍ସିତ କରାଇଥିବା ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଜେପି ପକ୍ଷରୁ ଶାନ୍ତିପୂର୍ଣ୍ଣ ....

ବନ୍ଦ ରହିଥିଲା । ବିଜେପି କର୍ମୀମାନେ ଦଳ ଦଳ ହୋଇ ବାଲେଶ୍ୱର ସହରର ମୋତିଗଞ୍ଜ, ନୂଆବଜାର, ଫାଣ୍ଡିଛକ, ଚିଡ଼ିଆପୋଲ, ସିନେମାଛକ, ଆଇଟିଆଇ ଛକ ପ୍ରଭୃତି ଅଞ୍ଚଳରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ । କେତେକ ସ୍ଥାନରେ କର୍ମୀମାନେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ ସହ ରାସ୍ତାରୋକ ମଧ୍ୟ କରିଥିଲେ । ସହରର ଷ୍ଟେସନ ଛକଠାରେ ବିଜେପି କର୍ମୀ ଓ ନେତାମାନେ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ ସାଙ୍ଗକୁ ରାଜ୍ୟ ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଥିଲେ । ଜିଲା ସଭାପତି ଶ୍ରୀ ମହାପାତ୍ରଙ୍କ ସମେତ ବରିଷ୍ଠ ବିଜେପି ନେତା ଜୀବନ ପ୍ରଦୀପ ଦାଶ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ନଗର ସଭାପତି ଚିତ୍ତରଂଜନ ପଣ୍ଡା, ଯୁବମୋର୍ଚ୍ଚା ଜିଲା ସଭାପତି ରାଜେଶ ମହାପାତ୍ର, ମହିଳା ମୋର୍ଚ୍ଚା ଟାଉନ ସଭାପତି ସୁସ୍ମିତା ପଣ୍ଡା, ବିଜେପି ଉପ-ସଭାପତି କମଳା ବିନ୍ଧାଣୀଙ୍କ ସମେତ ବିଜେପିର ଛାମୁଆ ନେତାମାନେ ଏଥରେ ଯୋଗଦେଇ ମମିତା ହତ୍ୟାକାଣ୍ଡ ମାମଲାର ତଦନ୍ତ ସିବିଆଇକୁ ଦେବା ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ସାଙ୍ଗକୁ ଗିରଫ ପାଇଁ ଦାବି କରିଥିଲେ । ପରେ କର୍ମୀ ଓ ନେତାମାନେ ବାଇକ ରାଲିରେ ସ୍ଲୋଗାନ ଦେଇ ସହରର ବିଭିନ୍ନ ଅଞ୍ଚଳ ବୁଲିବା ସାଙ୍ଗକୁ ଦୋକାନ ବଜାର ଓ ଗାଡ଼ିମୋଟର ବନ୍ଦ କରିଥିଲେ । ସେହିଭଳି ସଦର ବିଜେପି ନେତା ମାନସ ଦତ୍ତ ନିଜର କର୍ମୀ ଓ ସହଯୋଗୀଙ୍କୁ ନେଇ ସହରର ସରକାରୀ କାର୍ଯ୍ୟାଳୟକୁ ଯାଇ ବନ୍ଦ କରିଥିବା ଦେଖିବାକୁ ମିଳିଥିଲା । ଅନୁରୂପ ଭାବେ ବିଜେପି ଆଇନ ସାମ୍ମୁଖ ଓ ଦଳୀୟ କର୍ମୀମାନେ ଅଦାଲତ ସମ୍ମୁଖରେ ପିକେଟିଂ କରିବା ଯୋଗୁଁ ବିଚାରପତିମାନେ କାଯ୍ୟରେ ଯୋଗ ନ ଦେଇ ଫେରି ଯାଇଥିବା ଦେଖିବାକୁ ମିଳିଥିଲା । ତେବେ ଦୋକାନ ବଜାର ସାଙ୍ଗକୁ ଯାନବାହାନ ଚଳାଚଳ ବନ୍ଦ ରହିବା ଫଳରେ ଯାତ୍ରୀଙ୍କ ସମେତ ସାଧାରଣ ଲୋକେ ନାହିଁ ନଥିବା ସମସ୍ୟା ସାମ୍ନା କରିଥିଲେ । ଏହି ବନ୍ଦ ପାଳନ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୁଲିସ ପକ୍ଷରୁ ବିହୀତ ପଦକ୍ଷେପ ନିଆଯାଇଥିଲା । ବିଭିନ୍ନ ସରକାରୀ ଅଫିସ ସମେତ ସହରର ବହୁ ସ୍ଥାନରେ ପୁଲିସ ମୁତୟନ କରାଯାଇଥିବା ବେଳେ ଏକାଧିକ ପହରା ଗାଡ଼ି ସହର ମଧ୍ୟରେ ବୁଲି ପରିସ୍ଥିତି ଅନୁଧ୍ୟାନ କରିଥିଲା ।

### ୨୮ ଦିନ ପରେ ଜେଲ୍‌ରୁ ....

ଥିଲା ପରିବେଶ । ଆରଥର ରୋଡ ଜେଲ ଠାରୁ ମନ୍ନତ ପର୍ଯ୍ୟନ୍ତ ସବୁଠି ଶାହରୁଖ ଖାନ୍‌ଙ୍କ ପ୍ରଶଂସକଙ୍କ ଗହଳି ଦେଖିବାକୁ ମିଳିଛି । ଜେଲ ବାହାରେ ଗହଳିକୁ ଦୃଷ୍ଟିରେ ରଖି ଶାହରୁଖଙ୍କ ବଡିଗାର୍ଡ ରବି ଆରୟନଙ୍କୁ ଆଣିବାକୁ ପହଁଚିଥିଲେ । ସୁରକ୍ଷାକୁ ନଜରରେ ରଖି ଜେଲ୍ ବାହାରେ କରାଯାଇଥିଲା ବାରିକେଟ୍ ବ୍ୟବସ୍ଥା । ସେପଟେ ଶାହରୁଖ ଖାନ୍‌ଙ୍କ ଘର ମନ୍ନତ ବାହାରେ ବି ଦେଖିବାକୁ ମିଳିଛି ପ୍ରଶଂସକଙ୍କ ଗହଳି । ବାଣ ବାଜା ସହ ଆରୟନଙ୍କୁ ସ୍ୱାଗତ କରିଛନ୍ତି ଶାହରୁଖଙ୍କ ପ୍ରଶଂସକମାନେ । ସେପଟେ ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ କାଣ୍ଡର ତଦନ୍ତ ଚଳାଇଛି ଏନସିବି । ଘଟଣାରେ ଏନସିବି ଓ ଏନସିପି ନେତା ନୱାବ ମଲ୍ଲିକଙ୍କ ମଧ୍ୟରେ ଆରୋପ, ପ୍ରତ୍ୟାରୋପର ଧାରା ଜାରି ରହିଛି । ନାରକୋଟିକ୍ସ କଂଟ୍ରୋଲ ବ୍ୟୁର କେବଳ ବଲିଉଡ ତାରକାଙ୍କୁ ଟାର୍ଗେଟ କରୁଛି ବୋଲି ନୱାବ ମଲ୍ଲିକ ଅଭିଯୋଗ କରୁଥିବାବେଳେ ଏନିସିବି ଅଧିକାରୀ ଜ୍ଞାନେଶ୍ୱର ସିଂହ କହିଛନ୍ତି, ଅଜଥା ବିବାଦ ସୃଷ୍ଟି ନକରି ଆମକୁ ଆମ କାମ କରିବାକୁ ଦିଅନ୍ତୁ । ଆରୟନ ଖାନ୍ ଗିରଫ ମାମଲାରେ ଏନସିବି ଜୋନାଲ ଡିରେକ୍ଟର ସମୀର ୱାଙ୍ଖଡେ ଲାଂଚ ମାଗିଥିଲା ଅଭିଯୋଗ କରିଥିଲେ ନୱାବ ମଲ୍ଲିକ । ଗୁରୁବାର ଶୁଣାଣି କରି ଆରୟନ ଖାନ୍‌ଙ୍କୁ ସର୍ତ୍ତ ମୂଳକ ଜାମିନ ପ୍ରଦାନ କରିଥିଲେ ବମ୍ବେ ହାଇକୋର୍ଟ । ଶୁକ୍ରବାର ତାଙ୍କୁ ଜେଲ୍ରୁ ବାହାର କରିବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶନାମା ଜାରି କରିବାକୁ ବିଳମ୍ବ ହେବାରୁ ଶୁକ୍ରବାର ଜେଲରୁ ବାହାରି ପାରିନଥିଲେ ଆରୟନ ।

### ଦରଦାମ ବୃଦ୍ଧି ବିରୁଦ୍ଧରେ....

କହିଛନ୍ତି ଯେ କେନ୍ଦ୍ରରେ କ୍ଷମତାସୀନ ବିଜେପି ଦର ଦାମ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଯାହାକି ଓଡିଶା ଓ ଦେଶର ଲୋକଙ୍କ ପାଇଁ ଯନ୍ତ୍ରଣାଦାୟକ ହୋଇଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଅକ୍ଷମଣୀୟ । ରାଜ୍ୟ ତମାମ ସବୁ ବର୍ଗର ପରିବାରକୁ ରନ୍ଧନଗ୍ୟାସର ଦରବୃଦ୍ଧି ପ୍ରଭାବିତ କରିଛି । ୧୫.୪ କିଲୋ ଓଜନର ରନ୍ଧନଗ୍ୟାସ ସିଲିଣ୍ଡର ଦର ରାଜ୍ୟରେ ଏବେ ୧୦୦୦ ଟଙ୍କା ଛୁଇଁଛି । ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୯ ଟଙ୍କା ୭୧ ପଇସା, ଡିଜେଲ ୧୦୬ ଟଙ୍କା ୩୨ ପଇସା ଓ ୧୪.୨ କିଲୋ ଏଲପିଜି ସିଲିଣ୍ଡର ଦର ୯୨୬ ଟଙ୍କା ରହିଛି । ତେବେ ୨୦୧୯ରେ ବିଜେପି କେନ୍ଦ୍ରରେ ଦୁଇଥର କ୍ଷମତାକୁ ଆସିଥିବାବେଳେ ପେଟ୍ରୋଲ ଲିଟର ୭୧ ଟଙ୍କା ଓ ଡିଜେଲ ୬୫ ଟଙ୍କା ରହିଥିଲା । ଗତ ଦୁଇବର୍ଷ ମଧ୍ୟରେ ପେଟ୍ରୋଲ ଓ ଡିଜେଲ ଦର ଆକାଶଛୁଆଁ ଗତିରେ ୩୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି ଯାହାକି ନିକଟ ଅତୀତରେ ଇନ୍ଧନ ଦର ବୃଦ୍ଧିରେ ସର୍ବାଧିକ । ବଜାର ବିଶେଷଜ୍ଞଙ୍କ ଅନୁସାରେ କ୍ରମାଗତ ଇନ୍ଧନ ଦର ବୃଦ୍ଧି ଯୋଗୁଁ ବିଗତ ବର୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ୪୦% ରୁ ୧୦୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଏସବୁ ସ୍ଥିତିରେ ସୁଧାର ଆଣିବା ପାଇଁ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ବିଶେଷ କିଛି ପଦକ୍ଷେପ ନେଉନାହାନ୍ତି ।

### ୟୁପିରେ ଇତିହାସ ରଚିବ....

ସଦସ୍ୟତା ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହାବ୍ୟତିତ ଉତରପ୍ରଦେଶ ନିର୍ବାଚନ ପାଇଁ ନିର୍ବାଚନୀ ପ୍ରଚାର ଗାଡ଼ିର ମଧ ଶୁଭାରମ୍ଭ କରାଯାଇଛି । ୨୦୨୨ରେ ୟୁପି ନିର୍ବାଚନରେ ବିଜେପି ୩୦୦ରୁ ଅଧିକ ସିଟରେ ବିଜୟୀ ହେବା ସହ ଉତରପ୍ରଦେଶରେ ପୁଣି ଥରେ ଇତିହାସ ରଚିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଏବଂ ଯୋଗୀ ଆଦିତ୍ୟନାଥଙ୍କ ଶାସନରେ ଉତରପ୍ରଦେଶରେ ଆଜି ଗୁଣ୍ଡାରାଜ ସମାପ୍ତ ହୋଇଛି । ଏହାବ୍ୟତିତ କୋରନା ସମୟରେ ପ୍ରଧାନମନ୍ତ୍ରୀ ଜନକଲ୍ୟାଣକାରୀ ଯୋଜନାରୁ ଅନେକ ଲୋକ ସେବା ପାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ପ୍ରତି ୟୁପିବାସୀଙ୍କ ଆସ୍ଥା ବଢ଼ିଛି । ମୋଦି ସରକାର ନିର୍ଣ୍ଣାୟକ, ଇମାନ୍ଦାର, ଦମଦାର ସରକାର ତଥା ସମସ୍ତଙ୍କ ସରକାର ଏବଂ ସମସ୍ତଙ୍କ ପ୍ରୟାସରେ ସରକାର ।

### ମମିତା ମୃତ୍ୟୁ ମାମଲାରେ....

ବିକ୍ଷୋଭ ବେଳେ ପୋଲିସ ସହ ମୁହାଁମୁହିଁ ହୋଇଛନ୍ତି ବିଜେପି କର୍ମୀ । ମନ୍ତ୍ରୀଙ୍କ ବିବୃତି ପରେ ପୁଣି ଥରେ ବିଜେପି ତଦନ୍ତର ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଛି । ବିଜେପି କହିଛି, ଅପରାଧ ସହ ସମ୍ପର୍କ ନଥିଲା ବୋଲି ମନ୍ତ୍ରୀ ସଫେଇ ଦେଉଛନ୍ତି, ହେଲେ ଅପରାଧୀ ସହ ତାଙ୍କର ଘନିଷ୍ଠତା ଥିଲା । ଦିବ୍ୟଶଙ୍କର ସେହି ସ୍କୁଲକୁ ବାରମ୍ବାର ଯାଉଥିଲେ ଓ ଅହେତୁକ ଅନୁକମ୍ପା ଦେଖାଇଥିଲେ । ଅଭିଯୁକ୍ତ ଗୋବିନ୍ଦ ସାହୁକୁ ପାୱାର କରିଡରକୁ ଆଣିଥିଲେ । ତେଣୁ ଦିବ୍ୟଶଙ୍କର ଗୃହ ବିଭାଗ ମନ୍ତ୍ରୀ ଥିବା ଯାଏଁ ତଦନ୍ତ ନିରପେକ୍ଷ ହେବନି । ମମିତା ହତ୍ୟା ଘଟଣା ଏବେ ଜାତୀୟ ରାଜନୀତିରେ ମଧ କମ୍ପନ ସୃଷ୍ଟି କରିଛି । ଉଭୟ କଂଗ୍ରେସ ଓ ବିଜେପିର ଜାତୀୟ ସ୍ତରର ନେତା ଓଡିଶା ଗସ୍ତରେ ଆସି ବିଜେଡି ସରକାରକୁ ଘେରିବାକୁ ଚେଷ୍ଟା କରୁଛନ୍ତି । ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ମମିତା ହତ୍ୟାକାଣ୍ଡ ପ୍ରସଙ୍ଗ ଏବେ ବିରୋଧୀଙ୍କ ପାଇଁ ମୁଖ୍ୟ ଅସ୍ତ୍ର ସାଜିଛି ।

## ହସପିଟାଲ ଆଗରେ ସଫେଇ କର୍ମଚାରୀଙ୍କ ଧାରଣା



ବରିପଦା /ରାଇରଙ୍ଗପୁର, ୩୦/୧୦ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନା ସ୍ୱଛତା ପାଇଁ ଦୁଇ ଥର କେନ୍ଦ୍ରୀୟ କାୟାକଳ୍ପ କମିଟି ଦ୍ୱାରା ପୁରସ୍କୃତ ହୋଇଛି । ଏହାର ଶ୍ରେୟ ସଫେଇ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ପାଇଁ ସମ୍ଭବ ହୋଇପାରିଛି । ତେବେ କରୋନା ସମୟରେ ଯେଉଁ ସଫେଇ କର୍ମଚାରୀମାନେ ଜୀବନକୁ ବାଜି ଲଗାଇ କାମ କରୁଥିଲେ ଓ ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଶଂସିତ ହେବା ସହ ସ୍ଥାନୀୟ ଉପଖଣ୍ଡ ପ୍ରଶାସନ ପକ୍ଷରୁ ତାଙ୍କ କାର୍ଯ୍ୟ ଦକ୍ଷତା ପାଇଁ ମାନପତ୍ର ପାଇଥିଲେ ସେମାନେ ଆଜି ନିଜର ହକ ପାଇଁ ଆନ୍ଦୋଳନରେ ବସିବାକୁ ବାଧ ହୋଇଛନ୍ତି । ସେମାନଙ୍କୁ ମାସରେ ତିରିଶ ଦିନ କାମ କରାଇ ୨୬ ଦିନର ପାରିଶ୍ରମିକ ଦିଆଯାଉଛି । ଏହା ସହ ଇପିଏଫ ଟଙ୍କା କାଟୁଥିବା ବେଳେ ପୁରା ଟଙ୍କାକୁ ଜମା ନକରି ଠିକାଦାର ହଡ଼ପ କରୁଥିବା ଏବଂ ସମ୍ପୃକ୍ତ ଠିକା ସଂସ୍ଥାର ଅଧିକାରୀଙ୍କ ପାଖରେ ଅଭିଯୋଗ କଲେ କାମରୁ ବାହାର କରିବାର ଧମକ ମଧ ମିଳୁଛି ବୋଲି ଅଭିଯୋଗ କରିଛନ୍ତି ସଫେଇ କର୍ମଚାରୀ ମନେ । ଏହାର ପ୍ରତିବାଦରେ ଆଜି ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା ସହ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଆଗରେ ଧାରଣାରେ ବସି ପ୍ରତିବାଦ ଜଣାଇଛନ୍ତି । ଯେଉଁ ସଫେଇ କର୍ମଚାରୀଙ୍କ କାମପାଇଁ ରୋଗୀମାନେ ଏକ ସ୍ୱଛ ବାତାବରଣ ପାଇ ପାରୁଛନ୍ତି ସେମାନଙ୍କ ନୟାର୍ଯ୍ୟ ଦାବୀର ପରଣ ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

### ୭ଦଫା ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ




ବାରିପଦା,୩୦/୧୦ (ନି.ପ୍ର): ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା, ନୂଆଦିଲ୍ଲୀ ଦ୍ୱାରା ଘୋଷିତ ରାଷ୍ଟ୍ରବ୍ୟାପୀ ଚରଣବଦ୍ଧ ଆନ୍ଦୋଳନର ୨ୟ ଚରଣ ଆନ୍ଦୋଳନ ଅବସରରେ ମୟୁରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ ସହିତ ୭ ଗୋଟି ରାଷ୍ଟ୍ରୀୟ ସ୍ତରର ଦାବିକୁ ନେଇ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ ?ଯରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଜାତି ଆଧାରିତ ଜନଗଣନା କରାଯିବା, ତିନୋଟି କଳା କୃଷି ଆଇନକୁ ପ୍ରତ୍ୟାହାର କରାଯିବା, ଇଭିଏମ ସହ ସଂଯୁକ୍ତ ଥିବା ପେପର ଟ୍ରେଲ୍‌ମେସିନରୁ ବାହାରୁଥିବା ଚିଠାଗୁଡ଼ିକର ଶହେ ପ୍ରତିଶତ ମେଳନ କରିବା ଅଥବା ମତପତ୍ର ସହିତ ନିର୍ବାଚନ କରାଯିବା, ଘରୋଇ କ୍ଷେତ୍ର ମାନଙ୍କରେ ଆରକ୍ଷଣ ଲାଗୁ କରାଯିବା, ପୁରୁଣା ପେନସନ ସ୍କିମ ପ୍ରଦାନ କରାଯିବା, ଓଡିଶାରେ ଶିକ୍ଷା, ଚାକିରି ଏବଂ ରାଜନୀତିରେ ଓବିସି ମାନଙ୍କ ପାଇଁ ୨୭% ଆରକ୍ଷଣ ଲାଗୁ କରାଯିବା ଏବଂ ରାଜ୍ୟ ତଥା କେନ୍ଦ୍ର ସରକାର ନାରୀ ନିର୍ଯ୍ୟାତନା ବନ୍ଦ କରିବାପାଇଁ ଦୃଢ ପଦକ୍ଷେପ ନେଇ ଦୋଷୀମାନଙ୍କୁ ଫାଶୀ ଦଣ୍ଡର ପ୍ରାବଧାନ କରାଯିବା ଇତ୍ୟାଦି ଦାବୀରେ ଧାରଣା ପ୍ରଦର୍ଶନ କରାଯାଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୧-୨୨ ଜନଗଣନାରେ ଜାତି ଆଧାରିତ ଜନଗଣନା ତଥା ଓବିସିଙ୍କ ଗଣନା କରିବାକୁ ମନା କରାଯାଇଥିବାରୁ ଓବିସି ମାନଙ୍କର ସଠିକ ସଂଖ୍ୟା ଉପଲବ୍ଧ ହେବନାହିଁ । ଏବଂ ଓବିସିଙ୍କ ବିକାଶ ପାଇଁ କୌଣସି ସଠିକ ଯୋଜନା ପ୍ରସ୍ତୁତ କରାଯାଇ ପାରିବ ନାହିଁ । ଏଣୁ ଓବିସିଙ୍କ ଜାତିଭିତିକ ଜନଗଣନା ଅତ୍ୟନ୍ତ ଜରୁରୀ ବୋଲି ଦାବୀ କରା ଯାଇଛି । ଉପରୋକ୍ତ ଦାବୀ ଗୁଡିକ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଯଦି ପୂରଣ ନକରନ୍ତି ତେବେ ଆଗାମୀ ଦିନରେ ତୀବ୍ର ଜନ ଆନ୍ଦୋଳନ କରିବାକୁ ବାଧ୍ ?ଯ ହେବେ ବୋଲି ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ପକ୍ଷରୁ କୁହା ଯାଇଛି । ଏହି ଆନ୍ଦୋଳନରେ ମୟୁରଭଞ୍ଜ ଜିଲ୍ଲା ଶାଖାର ସଂଯୋଜକ ସରୋଜ କୁମାର ମହାନ୍ତଙ୍କ ନେତୃତ୍ୱରେ ଭାରତୀୟ ବିଦ୍ୟାର୍ଥି ମୋର୍ଚ୍ଚାର ଓଡିଶା ରାଜ୍ ?ଯ ସଭାପତି ମୋହନ ବାସ୍କେ, ଓବିସି ମଞ୍ଚ ମୟୁରଭଞ୍ଜ ଜିଲ୍ଲା ଶାଖା ଉପଦେଷ୍ଟା ନନ୍ଦ କୁମାର ମହାପାତ୍ର, ଅର୍ଜୁନ ଚନ୍ଦ୍ର ମହାନ୍ତ, କାଶୀନାଥ ମହରା, ରାଷ୍ଟ୍ରୀୟ ଆଦିବାସୀ ଛାତ୍ରସଂଘ ରାଜ୍ ?ଯ ସାଧାରଣ ସମ୍ପାଦକ ଡେମକା ବାସ୍କେ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଏବଂ ଭାରତ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି ଭାଦୁରାମ ସୋରନ, ଭାରତ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସମ୍ପାଦକ ପ୍ରଫେସର ଗୋପବନ୍ଧୁ ମହାନ୍ତ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତା, ପଦାଧିକାରୀ ଏବଂ ସମର୍ଥକ ଉପସ୍ଥିତ ଥିଲେ ।

## ମମିତା ହତ୍ୟାର ନେପଥ୍ୟ ନେତାଙ୍କୁ ଗିରଫ ଦାବିରେ ଜଳେଶ୍ୱର ବନ୍ଦ

ଜଳେଶ୍ୱର, ୩୦/୧୦(ନିପ୍ର): କେନ୍ଦୁଝର ଜିଲାର ଶିକ୍ଷୟତ୍ରୀ ମମିତା ମେହେର ହତ୍ୟାକଣ୍ଡର ନେପଥ୍ୟେ ନେତାଙ୍କୁ ଗିରଫ ଦାବିରେ ଆଜି ଜଳେଶ୍ୱର ବନ୍ଦ ଅନୁଷ୍ଠିତ ହୋଇ ଯାଇଛି । ବିଜେପି ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିବା ବେଳେ ଜଣେ ମହିଳାଙ୍କ ହତ୍ୟାକଣ୍ଡରେ ସମବେଦନା ଜଣାଇ ସହରର ଦୋକାନ ବଜାର, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, କୋର୍ଟ କଚେରୀ, ବ୍ୟାଙ୍କ, ମଲ ଇତ୍ୟାଦି ବନ୍ଦ ରହିଥିଲା । ସହରବଜାରରେ ଯାନ ଚଳାଚଳ ବନ୍ଦ ଥିବା ବେଳେ ୬୦ନଂ ଜାତୀୟ ରାଜପଥରେ ପଶ୍ଚିମବଂଗ ସୀମା ପର୍ଯ୍ୟନ୍ତ ଯାନଗୁଡିକ ବନ୍ଦ ରହିଥିଲା । ଏହି କାର୍ଯ୍ୟକ୍ରମରେ ଫାଲଗୁନୀ ପାଣିଗ୍ରାହୀ, ବରିଷ୍ଠ ନେତା ଅରୁଣ ବେଜ୍, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ପୂର୍ବତନ ନଗରପାଳ ପ୍ରବିର ପ୍ରଧାନ, ସମୀର ପାତ୍ର, ସାବିତ୍ରୀ ଜେନା, ଅନନ୍ତ ଦାସ, ରାମକୃଷ୍ଣ ସାହୁ, ରବିନ୍ଦ୍ର ପାତ୍ର, ତନ୍ମୟ ଚାନ୍ଦ, ମନମୋହନ ଆଚାର୍ଯ୍ୟ, ଆଦିତ୍ୟନାରାୟଣ ପାତ୍ର, ନନ୍ଦନ ଦତ, ସୁମତୀ ଦେ, ତପନ ବିଶ୍ୱାଳ, ହରିପଦ ମାନ୍ନା, ସତ୍ୟବ୍ରତ ପଣ୍ଡା, କମଳଲୋଚନ ପାଲ, ଅଂଜନ ଦାସ, ସଂଜିବ ପ୍ରଧାନ, ଗୌରୀଶଂକର ଦଳେଇ, ଅମୂଲ୍ୟ ସେନାପତି, ଜବିର ଅହମ୍ମଦ, ସୁରେଶ ହାଁସଦା, ନିମାଇଁ ପ୍ରଧାନ, ତୁଷାର ରଂଜନ ଦେ, ମାନସ ପ୍ରଧାନ, ଅନାମ ଦାସ, ବିଶ୍ୱଜିତ୍ ରଣା, ଗୌରାଙ୍ଗ ସେଣ, ଧ୍ରୁବଚରଣ କୁଣ୍ଡୁ, ଅମ୍ବିକା ପ୍ରଧାନ, ଶଚିନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ବାଲେଶ୍ୱର, ରବିବାର, ୩୧ ଅକ୍ଟୋବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ପୁରୀ ଜିଲ୍ଲାପରିଷଦ ବୈଠକରେ ସାମାଜିକ ସୁରକ୍ଷା ଯୋଜନାକୁ ଗୁରତ୍ୱ

ପୁରୀ,୩୦/୧୦ (ନି.ପ୍ର): ସ୍ଥାନୀୟ ଜିଲ୍ଲାଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲାପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସପ୍ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଳଯୋଗାଣ, ନଳକୂପ ଖନନ ଓ ସାମାଜିକ ସୁରକ୍ଷା ଯୋଜନା ଅଧିନସ୍ଥ ହିତାଧିକାରୀମାନଙ୍କୁ ସୁବିଧାରେ ଭତାପ୍ରଦାନ ଦିଗରେ ଅଗ୍ରାଧିକାର ଦେବାକୁ ଜିଲ୍ଲାପାଳ ସମର୍ଥ ବର୍ମା। ଜିଲ୍ଲା ପରିଷଦ ବୈଠକରେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସର୍ବଶିକ୍ଷା ଅଭିଯାନ,ଉଦ୍ୟାନ ଓ କୃଷି,ମତ୍ସ ଓ ପଶୁପାଳନ,ଜଳସେଚନ ଓ ଜଳ ନିଷ୍କାସନ, ଯୋଗାଣ, ପୂର୍ତ୍ତ ଓ ଗୃହ ନିର୍ମାଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଏତଦ୍‌ବ୍ୟତୀତ ନିମାପଡ଼ା ବିଦ୍ୟୁତ୍ ବିଭାଗ ସମ୍ପର୍କରେ ମଧ ବୈଠକରେ ଆଲୋଚନା କରାଯାଇଥିଲା। ଅଙ୍ଗନବାଡ଼ି କେନ୍ଦ୍ରକୁ ଗ୍ୟାସ୍ ସଂଯୋଗ ନିମନ୍ତେ ପଦକ୍ଷେପ ନିଆଯାଉଛି। ଇତି ମଧରେ ୫୩୩ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଆସବାବପତ୍ର ଯୋଗାଇ ଦିଆଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟ କେନ୍ଦ୍ର ଗୁଡ଼ିକୁ ଆନୁସଙ୍ଗିକ ଆସବାବପତ୍ର ଯୋଗାଇ ଦିଆଯିବ। ରୋଗୀମାନଙ୍କୁ ସୁବିଧାରେ ସ୍ବାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ଲାଗି ଜିଲ୍ଲାରେ ୨୧ ଟି ୧୦୨ ଆମ୍ବୁଲାନ୍ସ ଓ ୨୭ଟି ୧୦୮ ଆମ୍ବୁଲାନ୍ସ କାର୍ଯ୍ୟକରୁଛି। ରୋଗୀକଲ୍ୟାଣ ନିମନ୍ତେ ଜିଲ୍ଲାରେ ଥିବା ୧୬ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫ଲକ୍ଷ ଲେଖାଏଁ ଏବଂ ୪୪ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦେଢଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ୪୧୭ଟି ରାସ୍ତା ମଧ୍ୟରୁ ୪୦୬ଟିରେ କାମ ସରିଥିବାବେଳେ ୭ଗୋଟି ସଂଯୋଗୀ ସେତୁ ମଧ୍ୟରୁ ୫ଟିର କାର୍ଯ୍ୟ ଶେଷ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ବୈଠକ ପ୍ରାରମ୍ଭରେ ଦିବଂଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ଜାତୀୟ ରାଜପଥରେ କିନ୍ନରଙ୍କ ଦାଦାଗିରି : ଆକ୍ରମଣରେ ଭାଇ ଭଉଣୀ ଆହତ



ପାରାଦୀପ,୩୦/୧୦ (ନି.ପ୍ର): ପାରାଦୀପ ଉପକଣ୍ଠ ଦୋଛକି ଠାରେ କିନ୍ନରଙ୍କ ଆକ୍ରମଣରେ ରାସ୍ତାରେ ଯାଉଥିବା ପଥଚାରୀମାନେ ଆହତ ହେବା ନିତ୍ୟନୈମିତିକ ଘଟଣାରେ ପରିଣତ ହେଲାଣି । ଯାହାର ସଦ୍ୟତମ ଘଟଣା ଶୁକ୍ରବାର ଦିନ ରାତିରେ ଦେଖିବାକୁ ମିଳିଛି । କୁଜଙ୍ଗ ବଡବନ୍ଧ ଅଂଚଳର ଦୁଇ ଭାଇଭଉଣି ଶୁକ୍ରବାର ଦିନ ପାରାଦୀପ କୁ ଏକ ଜନ୍ମଦିନ ପାଳନ କାର୍ଯ୍ୟକ୍ରମରେ ଆସିଥିଲେ । ସେଠାରୁ ଫେରିବା ସମୟରେ ପାରଦୀପ ଲକ୍ ଥାନା ଅନ୍ତର୍ଗତ ଦୋଛକି ଠାରେ କିଛି କିନ୍ନର ତାଙ୍କ ବାଇକ୍‌କୁ ଅଟକାଇ ପଇସା ମାଗିବା ସହ ଗାଡି ଚାବି ଛଡେଇ ନେଇଥିଲେ । ସଂପୃକ୍ତ ଯୁବକ ଗାଡି ଚାବି ମାଗିବାରୁ କିନ୍ନରମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ରାସ୍ତାରେ ଗୋଡେଇ ଗୋଡେଇ ଆକ୍ରମଣ କରିଥିବା ନେଇ ଅଭିଯୋଗକାରୀ ଭାଇ ଭଉଣୀ ଅଭିଯୋଗ କରିଛନ୍ତି । ଆକ୍ରମଣ ପରେ ଆହତ ଅଭିଯୋଗକାରୀ ଓ ଅଭିଯୋଗକାରିଣୀ ରାସ୍ତା ଉପର ବସି ରହିବାରୁ ରାସ୍ତାରେ ଗାଡି ଚଳାଚଳ ଏକ ପ୍ରକାରର ଠପ୍ ହୋଇଯାଇଥିଲା । ରାସ୍ତାରେ ଯାଉଥିବା ଲୋକମାନେ ମଧ ଏହି ପ୍ରତିବାଦ ରେ ସାମିଲ ହୋଇଥିଲେ ଏବଂ ଆକ୍ରମଣକାରୀ କିନ୍ନରମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ । ଦୀର୍ଘ ସମୟ ପରେ ଘଟଣାସ୍ଥଳରେ ପୋଲିସ୍ ପହଂଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ଘଟଣା ସଂପର୍କରେ ଲକ୍ ଥାନା ଅଧିକାରୀଙ୍କୁ ପଚାରିବାରୁ ଆମେ ଆକ୍ରମଣକାରୀ କିନ୍ନରମାନଙ୍କୁ ଚିହ୍ନଟ କରିପାରୁନି ବୋଲି କହିଛନ୍ତି । ତେବେ ସାଧାରଣରେ ଏହି ଘଟଣାକୁ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହେଉଛି । ସରକାର ସେମାନଙ୍କ ପାଇଁ ବହୁ ଯୋଜନା କରୁଥିବା ବେଳେ ରାଜପଥ ଉପରେ ଜନସାଧାରଣଙ୍କ ଉପରେ ହେଉଥିବା ଆକ୍ରମଣକୁ ସାଧାରଣରେ ନିନ୍ଦା କରାଯାଇଛି ।

## ଏକତାଳିରେ ଆବାସ ଯୋଜନା ସାତସପନ

# ଦୀର୍ଘଦିନର ପ୍ରତୀକ୍ଷାରେ ଭୁଷୁଡ଼ିଲା କଚାଘର : ପର ଓଳିରେ ଦୁଇ ପରିବାର



ଜଳେଶ୍ୱର, ୩୦/୧୦(ନିପ୍ର): ଆର୍ଥୀକସ୍ଥିତି ଦୁର୍ବଳ ଥିବାରୁ ଦୀର୍ଘବର୍ଷଧରି ଆବାସ ଯୋଜନାରେ ଘରଲାଗି ଆବେଦନକରି ଆସୁଥିଲେ ମଧ୍ୟ ଅଦ୍ୟାବଧି ମିଳିନଥିବା ବେଳେ ଏବେ ଦୁଇପରିବାର ଘର ମାଟିରେ ଲୋଟିଛି । ଅନ୍ୟଉପାୟ ନ ପାଇ ସେମାନେ ପର ଓଳିରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହୋଇଛନ୍ତି । ଘଟଣାରୁ ପ୍ରକାଶ, ରାୟାରାମଚନ୍ଦ୍ରପୁର ପଂଚାୟତର ଏକତାଳି ଗାଁରେ ଏବେବି ବହୁ ବ୍ୟକ୍ତି କିଛିବର୍ଷଧରି କଚା-ପୁରୁଣା ଘରେ ବାସ କରି ଆସୁଥିବାରୁ ଆବାସ ଯୋଜନାଲାଗି ଆବେଦନ କରି ନୟାନ୍ତ ହେଲେଣି । ନଈକୂଳିଆ ଗାଁ ହୋଇଥିବାରୁ ବର୍ଷାଦିନରେ ଘରଗୁଡିକ ଦୋହଲି ଯାଇଥାଏ । ବର୍ଷାଦିନ ପୂର୍ବରୁ ନଡାଛପର ଘର ଗୁଡିକୁ ରକ୍ଷାଲାଗି ପଲିଥିଲ ଖଣ୍ଡିଏ ଲାଗି ଆବେଦନ କରିଥିଲେ ମଧ୍ୟ ତାହା ମିଳିନଥିଲା । ଗତ କିଛିଦିନ ତଳେ ବର୍ଷା ଲାଗି ରହିଥିବାରୁ ଏକତାଳି ଗାଁର ସୁଧିର ବାରିକ ଓ ସୁଶାନ୍ତ ବାରିକଙ୍କ ମାଟିଘରଟି ଓଲଟି ପଡିଥିଲା । ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ହାତବାନ୍ଧି ବସିଥିବା ବେଳେ ଏହି ଦୁଇପରିବାର ଗାଁର ରାମକୃଷ୍ଣ ସାହୁଙ୍କ ପିଣ୍ଡାରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟହୋଇଛନ୍ତି । ଏହି ଦୁଇ ପରିବାରକୁ ଆବସ ଯୋଜନାରେ ଘର ଯୋଗାଇଦେବାକୁ ପଂଚାୟତର ଗୌରହରି ବେହେରା, ମଧୁସୂଦନ ସାହୁ, ନାରାୟଣଚନ୍ଦ୍ର ସାହୁ, ବିଜୟ ପାଲ, ଶଂକର ନନ୍ଦୀ ପ୍ରମୁଖ ଦାବି କରିଛନ୍ତି । ଏ ସଂପର୍କରେ ସରପଂଚ ଶୁଭସ୍ମିତା ଦାସ ଓ ସଦସ୍ୟା ସଂଚିତା ସେନାପତିଙ୍କୁ ପଚାରିବାରୁ ସେମାନେ କହିଲେ ଚାରିଭାଇଙ୍କ ମଧ୍ୟରୁ ଜଣଙ୍କ ନାମ ପଂଜିକୃତ ହୋଇଥିବାରୁ ଏକ ଆବସ ଯୋଜନା ଗୃହ ଯୋଗାଇ ଦିଆଯାଇଛି । କିନ୍ତୁ ସୁଧିର ଓ ସୁଶାନ୍ତ ର ଘର ଭାଂଗିଯିବାପରେ ପରଘରେ ମୁଣ୍ଡିଗୁଞ୍ଜିଥିବାରୁ ସେମାନଙ୍କୁ ଖୁବ୍‌ଶୀଘ ଆବାସଯୋଜନାରେ ଗୃହ ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

# ବିଜେପି ପକ୍ଷରୁ ୧୨ଘଣ୍ଟିଆ ନୀଳଗିରି ବନ୍ଦ

ନୀଳଗିରି,୩୦/୧୦ (ନି.ପ୍ର): ଭାରତୀୟ ଜନତା ପାର୍ଟିର ବାଲେଶ୍ୱର ବନ୍ଦ ଡାକରା ର ଆହ୍ୱାନ କ୍ରମେ ଆଜି ନୀଳଗିରି ବିଜେପି ପକ୍ଷରୁ ମଧ ନୀଳଗିରି ବନ୍ଦ କରାଯାଇଥିଲା । କଳହାଣ୍ଡିର ଶିକ୍ଷୟିତ୍ରୀ ମମିତା ମେହର ଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଥିବା ମନ୍ତ୍ରୀ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଙ୍କ ବହିଷ୍କାର, ଗିରଫ ଦାବୀ ତଥା ସି.ବି.ଆଇ ତଦନ୍ତ ଦାବୀ କୁ ନେଇ ବିଜେପି ପକ୍ଷରୁ ନୀଳଗିରି ସମ୍ପୂର୍ଣ୍ଣ ବନ୍ଦ କରାଯାଇଅଛି । ନୀଳଗିରିର ସ୍କୁଲ, କଲେଜ, ବ୍ୟାଙ୍କ, କୋର୍ଟ, କଚେରୀ, ତହସିଲ, ବ୍ଲକ, ଦୋକାନ, ବଜାର, ହାଟ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଆଦି ବନ୍ଦ ରହିଥିଲା। ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ, ବ୍ୟବସାୟୀ ସଂଘ, ଦୋକାନ କମିଟି, ଟ୍ରକ ଓ ବସ୍ ସଂଘର ମାଲିକମାନେ ଏହି ବନ୍ଦକୁ ସମର୍ଥନ କରିଥିଲେ । ଏହି ବନ୍ଦ ମଧ୍ୟରେ କେବଳ ଏମାରଜେନ୍‌ସି ସେବା ଓ ମେଡିକାଲ ସେବା କୁ ଛାଡ଼ି ରହିଥିଲା ବେଳେ ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ରହିଥିଲା । ବିଜେପି ପକ୍ଷରୁ ବାଇପାସ ଛକ ଠାରେ ରାସ୍ତା ଅବରୋଧ କରିଥିଲେ । ଏହି ରାସ୍ତାରୋକ ରେ ବିଜେପିର ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ଜିଲ୍ଲା ସଂପାଦକ ସମରଶଙ୍କର କାନୁନଗୋ, ନଗର ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦଳେଇ, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, ଚନ୍ଦ୍ରଶେଖର ନନ୍ଦ, ଦେବାଶିଷ ଆଚାର୍ଯ୍ୟ, ନଟୁ ସରକାର, କାଳିଆ ପାତ୍ର, ରାକେଶ ମହଲ ପ୍ରମୁଖ ଉପସ୍ଥିତ ଥିଲେ । ଅନୁରୂପ ଭାବେ ସନ୍ତରାଗଡ଼ିଆ ବଜାରର ମଣ୍ଡଳ ସଭାପତି ରାଜେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ, ମିତ୍ରପୁର ବଜାରରେ ମଣ୍ଡଳ ସଭାପତି ତାପସ ମହାନ୍ତିଙ୍କ ନେତୃତ୍ୱରେ, ସଜନାଗଡ ବଜାରରେ ମଣ୍ଡଳ ସଭାପତି ଅଶୋକ ନାୟକଙ୍କ ନେତୃତ୍ୱରେ, ବରହମପୁର ବଜାର ମଣ୍ଡଳ ସଭାପତି ଅକ୍ଷୟ ବେହେରାଙ୍କ ନେତୃତ୍ୱରେ ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ହୋଇଥିବା ଦେଖିବାକୁ ମିଳିଛି ।

# ପାରାଦୀପରେ କେବୁଲ୍ ସେବା ବନ୍ଦ କଲା ଓରଟେଲ୍ : ଚିନ୍ତାରେ ଉପଭୋକ୍ତା

ପାରାଦୀପ, ୩୦/୧୦ (ନି.ପ୍ର): ବନ୍ଦର ସହର ପାରାଦୀପରେ ଦୀର୍ଘ ଦିନ ହେବ ସହରବାସୀଙ୍କୁ କେବୁଲ ସେବା ଯୋଗାଇଆସୁଥିଲା ଓରଟେଲ୍ କନମୁନିକେସନ୍ । କିନ୍ତୁ କିଛି ମାସ ହେବ ସେବା ଯୋଗାଇବାରେ ବିଭ୍ରାଟ କରିବା ଯୋଗୁ ଉପଭୋକ୍ତାମାନେ ବିଭିନ୍ ଗୁରୁତ୍ୱପୂର୍ଣ୍ଣ ଟିଭି ପ୍ରସାରଣ ନ ଦେଖିପାରି ଓରଟେଲ୍‌ର ମଧୁବନସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ତେବେ ଏ ବାବଦରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଗତ ଶୁକ୍ରବାର ସକାଳୁ ଓରଟେଲ୍ ସେବା ସଂପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଛି । ଖବର ନେବାରୁ ଜଣାପଡିଛି ଯେ, ଓରଟେଲ୍ ତାର ସେବା ବନ୍ଦ କରି ଜିଓ ନେଟଓାର୍କକୁ ପ୍ରସାରଣର ଦାୟିତ୍ୱ ଦେଇଛି । ଉପଭୋକ୍ତାଙ୍କୁ କୌଣସି ସୂଚନା ନ ଦେଇ କେବୁଲ୍ ସେବା ବନ୍ଦ କରିଦିଆଯିବା ଯୋଗୁଁ ଉପଭୋକ୍ତାମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି । ଓରଟେଲ୍‌ର ଏଭଳି ମନମୁଖୀ କାର୍ଯ୍ୟକୁ ସାଧାରଣରେ ଦୃଢ ନିନ୍ଦା କରାଯାଇଛି ।

# ‘ପ୍ୟୁପଲ ଅଫ ମାଇଁ ଲାଇଫ’ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୩୦/୧୦ (ନି.ପ୍ର): ସାମାଜିକ ସଂଗଠନ ‘ପ୍ୟୁପଲ ଅଫ ମାଇଁ ଲାଇଫ’ର ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲା ରକ୍ତଭଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ରକ୍ତଭଣ୍ଡାର ପରିସରରେ ଆୟୋଜିତ ଏହି ଶିବିରକୁ ସଂଗଠନର ଅଧ୍ୟକ୍ଷା ବିବିଧା ସାୟନ୍ତନୀ ରୂପନ୍ଦିକା ପ୍ରିୟଦର୍ଶିନୀ ଉଦଘାଟନ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଲୋକଙ୍କ ସେବାରେ ସଂଗଠନକୁ ସକ୍ରିୟ ରଖିବା ସହ ରକ୍ତର ଅଭାବ ପୂରଣ ପାଇଁ ବାଲେଶ୍ୱର ସହର ସମେତ ଆଖପାଖ ଅଞ୍ଚଳର ବହୁ ଉଦୀୟମାନ ଯୁବବଙ୍କୁ ନେଇ ଏହି ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିବା ସେ କହିଥିଲେ। ଏହି ଶିବିରରେ ସଂଗଠନର ବହୁ ସଦସ୍ୟ ରକ୍ତଦାନ କରିଥିଲେ। ରବୀନ୍ଦ୍ର ଘଡ଼େଇ, ଗୌରୀଶଙ୍କର ରାଉତ, ସୌମ୍ୟଜିତ ମହାକୁଡ଼, ଉମାକାନ୍ତ ମହାପାତ୍ର, ବିଶ୍ୱଜିତ ଦାସ, ମହେଶ କମିଳା, ଅନୀଲ କୁମାର ସେଠୀ, ମାନସ ବେହେରା, ଦେବାନନ୍ଦ ଦାସ ପ୍ରମୁଖ ଏହି ଶିବିରକୁ ପରିଚାଳନା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜରୁରୀ ପରିସ୍ଥିତିରେ ଏହି ଶିବିର ଆୟୋଜନକୁ ନେଇ ଜିଲା ରକ୍ତ ଭଣ୍ଡାର ଅଧିକାରୀ ସମସ୍ତଙ୍କୁ ପ୍ରଶଂସା କରିଥିଲେ।

# ଜିଲ୍ଲାପାଳଙ୍କ ଦ୍ୱାରା ଭିନ୍ନକ୍ଷମ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ



ବାରିପଦା,୩୦/୧୦ (ନି.ପ୍ର): ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ସଶକ୍ତି କରଣ ଏବଂ ସାମାଜିକ ସୁରକ୍ଷା ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିବାହ ପ୍ରୋତ୍ସାହନ ଯୋଜନାରେ ଆଜି ଭିନ୍ନକ୍ଷମ ଦମ୍ପତିଙ୍କ ସାମାଜିକ ସୁରକ୍ଷା ଓ ଜୀବନ ଜୀବିକା ମାନ ଉନ୍ନତି ପାଇଁ ଉଦ୍ଦିଷ୍ଟ ଥିବା ବିବାହ ପ୍ରୋତ୍ସାହନ ରାଶି ସହାୟତା ପ୍ରଦାନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ୍ ଭିନ୍ନକ୍ଷମ ଦମ୍ପତି ଶ୍ରୀ ଲୁପ୍ତର୍ଶୀ ମହାନ୍ତ(ଭିନ୍ନକ୍ଷମ) ଏବଂ ଶ୍ରୀମତୀ କକେଇ ମହାନ୍ତ ରରୁଆଁ ବ୍ଲକର ଭିନ୍ନକ୍ଷମ ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି । ଏହି ରାଶି ପ୍ରଦାନ ଅବସରରେ ଜିଲ୍ଲାପାଳ ଉକ୍ତ ଦମ୍ପତିଙ୍କ ବୈବାହିକ କର୍ମମୟ ଜୀବନ ଜୀବନର ଶୁଭେଚ୍ଛା ଜଣାଇବା ସହ ଉତରତୋର ଉନ୍ନତି କାମନା କରିଥିଲେ । ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ଉପସ୍ଥିତ ଥିଲେ ।

# ବସ୍ତାରେ ‘କବିତାପାଠୋତ୍ସବ’ ଓ ସାହିତ୍ୟ ସଭା



ବସ୍ତା, ୩୦।୧୦(ନିପ୍ର) ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦ ତରଫରୁ ୫୪ ତମ ମାସିକ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିଷରରେ ଅନୁଷ୍ଠିତ ହୋଇଯାଇଛି ।ସଭାପତି ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୟନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ବକ୍ତାଭାବେ ସମାଜସେବୀ ଶ୍ୟାମା ପ୍ରସାଦ ବେହେରା ଯୋଗ ଦେଇ ନିଜ ବକ୍ତବ୍ୟରେ ସାମ୍ପ୍ରତିକ ପରିସ୍ଥିତି ରେ ସୃଜନଶୀଳ କର୍ମୀ ଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ।କବି ବିଜୟ କୁମାର ପରିଡା କବିତା ଗୁଡିକ ସମ୍ପାଦିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୁମୁଦ ରଞ୍ଜନ ଗିରି, ରଜନୀ ବାରିକ, ରବିନ୍ଦ୍ର କୁମାର ଜେନା, କମଳା ଦଳେଇ, ନମିତା ଦାସ,ଜଗନ୍ନାଥ ଗିରି,କୃଷ୍ଣଚନ୍ଦ୍ର ପାଣି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜ୍ଞାନି ଗୁଣି ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରାଷ୍ଟ୍ରୀୟ ଏକତା ଦିବସ ପାଳନ ପାଇଁ ପ୍ରସ୍ତୁତି

ଖଇରା,୩୦/୧୦ (ନି.ପ୍ର): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ବା ରଷ୍ଟ୍ରୀୟ ଏକତା ଦିବସ ଖଇରା ପାଳନ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ଖଇରା ଦୁର୍ଗାମଣ୍ଡପରେ ଚଳିତ ବର୍ଷ ପାଳନ ପାଇଁ ନିଷ୍ପତି ନିଆଯାଇଛି । ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସତ୍ୟବ୍ରତ ନାରାୟଣ ବେହେରା ଙ୍କ ଆବାହକତ୍ୱରେ ଖଇରା ଅଞ୍ଚଳର ବିଭିନ୍ନ ସଙ୍ଗଠନ ଆନୁକୁଲ୍ୟରେ ପାଳିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ଓ ଉମେଶ ନାୟକ,ଅନାମ ଚରଣ ପଣ୍ଡା,ନାରାୟଣ ପଣ୍ଡା,ସନାତନ ବେହେରା,ଅନ୍ତର୍ଯାମୀ ପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ବିଶେଷ ଦିଗ ଉପରେ ଆଲୋଚନା କରାଯାଇଥିଲା ।

# ବାଲିଆପାଳର ଝାନସୀଙ୍କୁ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ସମ୍ବର୍ଦ୍ଧନା



ବାଲିଆପାଳ,୩୦/୧୦ (ନି.ପ୍ର): ଗତ ଗୁରୁବାର ଦିନ ସୁବର୍ଣ୍ଣରେଖା ବନ୍ଦର ପାଇଁ ବାଲିଆପାଳ ତହସିଲଦାରଙ୍କ ସମେତ ବସ୍ତା ଏସଡିପିଓ,ବାଲିଆପାଳ ଆଇଆଇସି,ଟାଟା କମ୍ପାନୀର ପ୍ରକଳ୍ପ ନିର୍ଦ୍ଦେଶକ ,ଦୁଇ ପ୍ଲାଟନ ସଶସ୍ତ୍ର ପୁଲିସ ବାହିନୀ ସହିତ ହଠାତ ଚଉମୁଖ ଆଗମନ ସମୟରେ ଭିଟାମାଟି ସୁରକ୍ଷା କମିଟି(ମହିଳା ମୋର୍ଚ୍ଚା) ସଭାନେତ୍ରୀ ଶ୍ରୀମତୀ ଗାୟତ୍ରୀ ବାରିକ ନିଜ ଅନ୍ତସନ୍ତ୍ୱ ଥାଇ ମଧ ତତକ୍ଷଣାତ୍ ଶହ ଶହ ଲୋକଙ୍କୁ ଆହ୍ୱାନ କରି ଡଗରା ଗୁମୁଟି ଛକରେ ଶାନ୍ତିପୂର୍ଣ୍ଣ ବିରୋଦ ପ୍ରଦର୍ଶନ କରି ଅଧିକାରୀମାନଙ୍କ ସହ ଦୀର୍ଘ ସମୟ ବାକଯୁଦ୍ଧ କରି ଫେରାଇ ଦେଇଥିଲେ । ତାଙ୍କର ଏଭଳି ନିର୍ଭିକ ଓ ଦୁଶାହସିକ କାର୍ଯ୍ୟକୁ ସ୍ଥାନୀୟ ଅଂଚଳ ବାସୀ ଉଚ୍ଚ ପ୍ରଶଂସା କରିଛନ୍ତି । ଆଜି ଭିଟା ମାଟି ସୁରକ୍ଷା କମିଟି ସଂଯୋଜକ ତଥା ବାଲିଆପାଳ ସୂଚନା ଅଧିକାର ସଂଘର ସଭାପତି ଅନୁଜ କୁମାର ମହାପାତ୍ର,ଘାଟୀବିରୋଧୀ ଆନ୍ଦୋଳନର ପୁରୋଧା କୁଶଧ୍ୱଜ ଜେନାଙ୍କ ଉପସ୍ଥିତିରେ ଶହଶ୍ରଧିକ ଗ୍ରାମବାସୀ ନାରାୟଣ ପୁଣ ପନ୍ତା ଠାରେ ଏକ ସମ୍ବର୍ଦ୍ଧନା ସଭାରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରୀମତୀ ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଭିଟାମାଟି ସୁରକ୍ଷା କମିଟି (ଯୁବ ମୋର୍ଚ୍ଚା)ର ସଭାପତି ତଥା ଛାତ୍ର ନେତା ଚନ୍ଦନ କୁମାର ବିଶ୍ୱାଳ ଉକ୍ତ ବୈଠକରେ ଉପସ୍ଥିତ ରହି ଶ୍ରୀମତୀ ବାରିକଙ୍କ ଉତ୍ସାହକୁ ସଲାମ ଜଣାଇଥିଲେ । ଆଗାମୀ ଦିନରେ ବାଲିଆପାଳ ମାଟିର ସୁରକ୍ଷା ପାଇଁ ରାଣାପ୍ରତାପ ସିଂ,ଭଗତ ସିଂ,ବିର୍ସାମୁଣ୍ଡା,ଝାନସୀରାଣୀ ଲକ୍ଷ୍ମୀବାଇ ଓ ସୁବାଷ ବୋଷଙ୍କୁ ଆଦର୍ଶ କରି ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଆହ୍ୱାନ ଦିଆଯାଇଥିଲା ।

# ‘ଆମ ଗୋପାଳ ଗାଁ’ ସଂଗଠନ ପକ୍ଷରୁ ଶ୍ମଶାନ ସଫେଇ

ବାଲେଶ୍ୱର,୩୦/୧୦ (ନି.ପ୍ର): ନବ ଗଠିତ ‘ଆମ ଗୋପାଳ ଗାଁ’ ସଂଗଠନ ପକ୍ଷରୁ ଶନିବାର ସ୍ଥାନୀୟ ଚୁନଭାଟି ଶ୍ମଶାନରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଞ୍ଚଳବାସୀଙ୍କ ଦ୍ୱାରା ବ୍ୟବହୃତ ଏହି ଶ୍ମଶାନ ଦୀର୍ଘ ଦିନରୁ ଅବହେଳିତ ହୋଇପଡିଥିବା ଯୋଗୁଁ ପୌର ପାଳିକାକୁ ଅପେକ୍ଷା ନକରି ସଂଗଠନ ପକ୍ଷରୁ ଏହାର ସଫେଇ ପାଇଁ ନିଷ୍ପତ୍ତି ନିଆଯାଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ବରିଷ୍ଠ ସଦସ୍ୟ ଦିଲ୍ଲୀପ ନାୟକ, ଅରୁଣ କୁମାର ସ୍ୱାଇଁ, ପ୍ରବୀର କୁମାର ଦାସ ଓ ପ୍ରମୋଦ କୁମାର ମହାନ୍ତିଙ୍କ ନେତୃତ୍ୱରେ ରୁପେଶ କୁମାର ପ୍ରଧାନ, ଅନୁପ କୁମାର ସ୍ୱାଇଁ, ସୁଦୀପ ଲେଙ୍କା, ମନୋରଞ୍ଜନ ଜେନା, ଦେବବ୍ରତ ନାୟକ, ସୁବୀର ଦାସ, ପ୍ରତିମା ପଣ୍ଡା, ଅଜୟ ସ୍ୱାଇଁ, ବାପୁନୁ ପଣ୍ଡା, ପ୍ରାଣକ୍ରିଷ୍ଣ ସେନ, ପ୍ରଭାତ ମହାନ୍ତି ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇ ଶ୍ମଶାନର ସଫେଇ କରିଥିଲେ ।

# ଶିମିଳିପାଳ ଇକୋ ଟୁରିଜିମକୁ ନମ୍ବର ୱାନ କରିବା ପାଇଁ ପ୍ରସ୍ତୁତି ବୈଠକ



ଯଶିପୁର,୩୦/୧୦ (ନି.ପ୍ର): ପ୍ରାକୃତିକ ପର୍ଯ୍ୟଟକ ମାନଙ୍କର ଭୂସ୍ୱର୍ଗ, ଅପରୂପ ଶୋଭାର ଗନ୍ତାଘର ଶିମିଳିପାଳକୁ ଭାରତରେ ଏକ ନମ୍ବର କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଯୁବ ଭାରତୀୟ ବନସେବା ଅଧିକାରୀ ଶିମିଳିପାଳ ନର୍ଥ ବନ୍ୟ ପ୍ରାଣୀ ଡିଭିଜନର ଡେପୁଟି ଡାଇରେକଟର ସାଇ କିରଣ ଡି.ଏନ.ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିପାଇଁ ଶିମିଳିପାଳ ଭିତରେ ଥିବା ଗୁଡୁଗୁଡ଼ିଆ, ବରେଇପାଣି, କୁମାରୀ, ଜାମୁଆଣି ତଥା ରାମତୀର୍ଥରେ କାର୍ଯ୍ୟରତ ସମସ୍ତ ଇକୋ ଟୁରିଜିମ ଗ୍ରୁପ ର ସଦସ୍ୟ ତଥା କାର୍ଯ୍ୟକର୍ତା ମାନେ ଯୋଗଦାନ କରିଥିଲେ । ଇକୋ ଟୁରିଜିମ ଗ୍ରୁପର ସଦସ୍ୟ ମାନଙ୍କର ସମ୍ମିଳିତ ଉଦ୍ୟମ, ସକ୍ରିୟ ସହଯୋଗ, ନିଷ୍ଠା, ସାଧୁତା, କର୍ତବ୍ୟ ପରାୟଣତା ଏବଂ ସମସ୍ତଙ୍କ ପ୍ରତି ଉତମ ବ୍ୟବହାର ହିଁ ଶିମିଳିପାଳକୁ ବିଶ୍ୱ ଦରବାରରେ ଏକ ନମ୍ବର କରି ପାରିବ ବୋଲି ସେ କହିଥିଲେ । ଏଥିରେ ସ୍ୱତନ୍ତ୍ର ଅତିଥି ଭାବରେ ଜାତୀୟ ସବୁଜ ବାହିନୀ (ଇକୋ କ୍ଲବ)ର ଜିଲ୍ଲା ସଂଯୋଜକ ତଥା ଶିମିଳିପାଳ ଇକୋ ଫ୍ରେଣ୍ଡସର ସମ୍ପାଦକ ଡ଼କ୍ଟର ରମାକାନ୍ତ ମହାନ୍ତ ଯୋଗଦାନ କରି ଶିମିଳିପାଳର ସୁନାମକୁ କାଏମ ରଖିବା ପାଇଁ ଶିମିଳିପାଳର ଐତିହ୍ୟ, ସାହିତ୍ୟ, ସଂସ୍କୃତି ଏବଂ ଆଦିମ ଜନଜାତି ମାନଙ୍କର ସ୍ୱତନ୍ତ୍ରତାର ପ୍ରଚାର ପ୍ରସାର ନିମନ୍ତେ ପ୍ରତ୍ୟେକ ଇକୋ ସେଣ୍ଟରରେ ସ୍ୱତନ୍ତ୍ର ପ୍ରଦର୍ଶନୀ ଏବଂ ବିକ୍ରୟ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ସହବନ ସଂରକ୍ଷକ ପ୍ରଦୀପ କୁମାର ଦେ ସଭା କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ,ଅନ୍ୟ ମାନଙ୍କ ମଧ୍ୟରେ ସହବନ ସଂରକ୍ଷକ ଯଦୁମଣି କେରକେଟା,ଇକୋ ଟୁରିଜିମର ରେଞ୍ଜ ଅଫିସର ସୀତାମଣି ମାଝୀ, ସାଇଟ ମେନେଜର ତାପସ କୁମାର ଗିରି, ଗୁଡୁଗୁଡ଼ିଆ ରେଞ୍ଜ ଅଫିସର ଅରବିନ୍ଦ ନାଏକ, ବରେଇ ପାଣିରେଞ୍ଜ ଅଫିସର ମନ୍ମଥ ଖୁଣ୍ଟିଆ କାଳିଆଣିର ବନପାଳ ଉତମ କୁମାର ମହାନ୍ତ,ପ୍ରମୁଖ ଏହି ପ୍ରସ୍ତୁତି ବୈଠକରେ ଯୋଗଦାନ କରିଥିଲେ । ଚଳିତ ବର୍ଷ ଠାରୁ ପ୍ରତ୍ୟେକ ଇକୋ ଟୁରିଜିମ ସେଣ୍ଟର ଗ୍ରୁପ ସଦସ୍ୟ ମାନଙ୍କୁ ୟୁନିଫର୍ମ ପ୍ରଦାନ କରାଯିବ ବୋଲି ସାଇକିରଣ ପ୍ରକାଶ କରିବା ସହିତ ଉତମ କାର୍ଯ୍ୟ ସମ୍ପାଦନ କରୁଥିବା ଗ୍ରୁପକୁ ପୁରସ୍କୃତ ଏବଂ ଅସାମାଜିକ କାର୍ଯ୍ୟ କରୁଥିବା ଗ୍ରୁପକୁ ଦଣ୍ଡିତ କରାଯିବ ବୋଲି କହିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଇକୋ ଟୁରିଜିମର ବନପାଳ ଅର୍ଜୁନ କୁମାର ମହାକୁଡ଼, ଏଠାରେ ଉଲ୍ଲେଖନୀୟଯେ କୋଭିଡ ନିୟମକୁ ପାଳନ ପୂର୍ବକ ନଭେମ୍ବର ମାସ ପହିଲାରୁ ଶିମିଳିପାଳ ପର୍ଯ୍ୟଟକ ମାନଙ୍କ ପାଇଁ ଖୋଲା ହେବ ବୋଲି ବିଜ୍ଞାପନ ପ୍ରକାଶ ପାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo